


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00

● ବର୍ଷ–୩୧ ● ସଂଖ୍ୟା–୧୯୬ ● ୧୨ ଅଗଷ୍ଟ ୨୦୨୪, ସୋମବାର ● ଭୁବନେଶ୍ୱର ● Vol -31 ● Issue-196 ● 12nd August 2024, Monday ● Bhubaneswar | Licensed to post without pre-payment of postage No- BN-60/22-24


# କୃଷକଙ୍କ ପାଇଁ ବଡ଼ ଘୋଷଣା କଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ, ୧୧।୮**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଭାରତୀୟ କୃଷି ଅନୁସନ୍ଧାନ ସଂସ୍ଥାନରେ କୃଷକଙ୍କ ପାଇଁ ବଡ଼ ଘୋଷଣା କରିଛନ୍ତି। ୧୦୯ ପ୍ରକାରର ଫସଲର ଉନ୍ନତ ବିହନର କିସମ ଜାରି କରିଛନ୍ତି । ଏହି ବିହନ ଜଳବାୟୁ ଅନୁକୂଳ ଏବଂ ଜୈବ ସଶକ୍ତ। ପ୍ରଧାନମନ୍ତ୍ରୀ ଏନେଇ କୃଷକ ଏବଂ ବୈଜ୍ଞାନିକଙ୍କ ସହ ଆଲୋଚନା କରିଛନ୍ତି। ଏହି କିସମର ବିହନ କୃଷକଙ୍କୁ କମ ପରିଶ୍ରମରେ ଅଧିକ ଉତ୍ପାଦନ ଦେବା ସହିତ ପର୍ଯ୍ୟାବରଣ ଉପରେ ମଧ୍ୟ ସକରାତ୍ମକ ପ୍ରଭାବ ପକାଇବ ବୋଲି ସୂଚନା ମିଳିଛି।

ଫସଲର ଏହି ଉନ୍ନତ କିସମ ବିହନର ମହତ୍ତ୍ୱକୁ ନେଇ (ପୃଷ୍ଠା ୭ରେ)



# ମମତା ବାନାର୍ଜୀଙ୍କୁ ଫୋନ କଲେ ମୋହନ ଚରଣ ମାଝୀ

**ଭୁବନେଶ୍ୱର, ୧୧।୮**

**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଟେଲିଫୋନ ଯୋଗେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହିତ କଥା ହୋଇଛନ୍ତି। ଆଳୁ ଯୋଗାଣ ସମସ୍ୟା ସ୍ୱାଭାବିକ କରିବାକୁ ମମତାଙ୍କୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି । ଏ ଦିଗରେ ଉପଯୁକ୍ତ ପଦକ୍ଷେପ ନେବେ ବୋଲି ମମତା ପ୍ରତିଶ୍ରୁତି ଦେଇଛନ୍ତି।

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କ ସହିତ କଥା ହେବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଦିଲ୍ଲୀରେ ଆଲୋଚନା ହେବା ପରେ ଓଡ଼ିଶାକୁ ଆଳୁ ଯୋଗାଣ ସ୍ୱାଭାବିକ ହୋଇଥିଲା। ମାତ୍ର କିଛିଦିନ ପରେ ପୁଣି ଆଳୁ ଯୋଗାଣରେ ସମସ୍ୟା ସୃଷ୍ଟି ହୋଇଛି । ତେଣୁ ଏଥିପ୍ରତି ଧ୍ୟାନ ଦେଇ ଆଳୁ ସମସ୍ୟା ଦୂର କରିବାକୁ ପଦକ୍ଷେପ ନେବା ପାଇଁ ମମତାଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଅନୁରୋଧ କରିଛନ୍ତି।



ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏ ଦିଗରେ ଉପଯୁକ୍ତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

ଓଡ଼ିଶାର ପଡ଼ୋଶୀ ରାଜ୍ୟ ହେଉଛି ପଶ୍ଚିମବଙ୍ଗ। ଏଠାରୁ ପ୍ରତିଦିନ ଶହ ଶହ ଟ୍ରକ ଆଳୁ ଓଡ଼ିଶାକୁ ଆସିଥାଏ। କହିବାକୁ ଗଲେ ପଶ୍ଚିମବଙ୍ଗ ଆଳୁ ଉପରେ ଓଡ଼ିଶା ନିର୍ଭର କରିଥାଏ। ହେଲେ ଗତ କିଛି ଦିନ ହେଲା ପଶ୍ଚିମବଙ୍ଗ ସରକାର ଓଡ଼ିଶାକୁ ଆଳୁ ଯୋଗାଣ ବନ୍ଦ କରିଦେଇଛନ୍ତି । ଯାହାଫଳରେ ଓଡ଼ିଶାରେ ଆଳୁ ସଙ୍କଟ ଦେଖାଦେଇଛି। ଆଳୁ ଦର ଆକାଶ ଛୁଆଁ ହୋଇଛି । ଯେଉଁ ଆଳୁ କିଲୋ ୨୦ ଟଙ୍କାରେ ବିକ୍ରି ହେଉଥିଲା, ତାହା ଏବେ ୬୦ ଟଙ୍କାରେ (ପୃଷ୍ଠା ୭ରେ)

# ସ୍ୱାଧୀନତା ଦିବସରେ ଆସିବ ସୁଭଦ୍ରା ଏସ୍‌ଓପି



**ଭୁବନେଶ୍ୱର, ୧୧।୮ : ନ୍ୟୁଜ୍ ବ୍ୟୁରୋ**

ସୁଭଦ୍ରା ଯୋଜନା ଏସଓପି ଅଗଷ୍ଟ ୧୫ରେ ଆସିବ । ଏଥିରେ କିଏ ପାଇବେ, କିଏ ପାଇବେନି, ତା'ର ସ୍ପଷ୍ଟ ଚିତ୍ର ରହିବ। ସୁଭଦ୍ରା ଯୋଜନା ପାଇଁ ଆଧାର କାର୍ଡ ହିଁ ଯଥେଷ୍ଟ। ତେବେ ଉଚ୍ଚ ବର୍ଗର ଲୋକ ଏଥିରୁ ବାଦ ପଡିପାରନ୍ତି। ବିଶେଷକରି ଯେଉଁମାନେ ଆୟକର ଦେଉଛନ୍ତି ସେମାନଙ୍କୁ ସରକାର ବାଦ ଦେଇପାରନ୍ତି । ତେବେ ଅଗଷ୍ଟ ୧୫ରେ ଏସଓପି ଆସିବା ପରେ ସୁଭଦ୍ରା ନେଇ ଚିତ୍ର ଆହୁରି ସ୍ପଷ୍ଟ ହେବ ବୋଲି କହିଛନ୍ତି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା।

ସେ କହିଛନ୍ତି ଯେ ସୁଭଦ୍ରା ଯୋଜନା ବଜେଟରେ ୧୦ ହଜାର କୋଟି ଟଙ୍କା ଥିଲେ ମଧ୍ୟ ଆବଶ୍ୟକ ପଡିଲେ ଏହା ବଢିପାରେ। ଆସନ୍ତା ସେପ୍ଟେମ୍ବର ୧୭ ତାରିଖରେ ରାଜ୍ୟରେ ଏହି ଯୋଜନା ଲାଗୁ ହେବ। ସେହିପରି ରାଜ୍ୟରେ ଯେମିତି ଲକ୍ଷପତି ଦିଦିଙ୍କ ସଂଖ୍ୟା ବଢିବ ସେ ନେଇ (ପୃଷ୍ଠା ୭ରେ)

# ରାଜ୍ୟ ବାହାରେ ଜମି କିଣିଥିଲେ ଫସିବେ ସରକାରୀ ବାବୁ

## ସମ୍ପତ୍ତି ତାଲିକା ଜାଣିବା ପାଇଁ ଚିଠି ଲେଖିବ ଭିଜିଲାନ୍ସ

**ଭୁବନେଶ୍ୱର, ୧୧।୮ : ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ବାହାରେ ଜମି କିଣିଥିବା ସରକାରୀ ବାବୁମାନଙ୍କୁ ଧରିବା ପାଇଁ ଭିଜିଲାନ୍ସ ନୂଆ ଯୋଜନା କରୁଛି । ରାଜ୍ୟ ବାହାରେ ଜମି କିଣିଥିବା ବାବୁଙ୍କ ସମ୍ପତ୍ତି ତାଲିକା ଜାଣିବା ପାଇଁ ଭିଜିଲାନ୍ସ ସବୁ ରାଜ୍ୟର




ଆଇଜିଆର(ଇନ୍ସପେକ୍ଟର ଜେନେରାଲ ଅଫ ରେଜିଷ୍ଟ୍ରେସନ)ଙ୍କୁ ଚିଠି ଲେଖିବ । ଓଡ଼ିଶାରେ ଚାକିରି କରିଥିବା ଯେଉଁ ବାବୁମାନେ ରାଜ୍ୟ ବାହାରେ ସମ୍ପତ୍ତି କିଣିଛନ୍ତି, ତାହାର ତାଲିକା ଦେବାକୁ କୁହାଯିବ। ତାଲିକା ଆସିବା ପରେ ସେମାନଙ୍କର ଆୟ ବହିର୍ଭୂତ ସମ୍ପତ୍ତି ଯାଞ୍ଚ କରାଯାଇ ଚଢଉ କରାଯିବ ବୋଲି ଭିଜିଲାନ୍ସ ସୂତ୍ରରୁ ଜଣାପଡ଼ିଛି।

ଭିଜିଲାନ୍ସର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଜାଲରେ ନ ପଡ଼ିବା ପାଇଁ ସରକାରୀ ବାବୁମାନେ ଗଳା ବାଟ ବାଛି ନେଇଛନ୍ତି । ରାଜ୍ୟରେ ସମ୍ପତ୍ତି କିଣିଲେ ଭିଜିଲାନ୍ସର ନଜର ପଡ଼ିବ। ତେଣୁ (ପୃଷ୍ଠା ୭ରେ)

# ଦେଶର ପ୍ରଥମ ବୃହତ ସୌର କାରଖାନା ସ୍ଥାପନ କରିବ ରିଲାଏନ୍ସ



**ମୁମ୍ବାଇ, ୧୧।୮**

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଚଳିତ ଆର୍ଥିକ ବର୍ଷ ୨୦୨୪-୨୫ରେ ଏହାର ପ୍ରଥମ ସୌର ଗିଗା-କାରଖାନା ଆରମ୍ଭ କରିବାକୁ ଯୋଜନା କରୁଛି । ଭାରତର ସବୁଠାରୁ ଧନୀ ବ୍ୟକ୍ତି ମୁକେଶ ଅମ୍ବାନୀଙ୍କ କମ୍ପାନୀ ୨୦୩୫ ସୁଦ୍ଧା କାର୍ଯ୍ୟରୁ ନିଟ୍-ଶୂନ୍ୟ କାର୍ବନ ନିର୍ଗମନ ହାସଲ କରିବା ଦିଗରେ ଅଗ୍ରସର ହେଉଛି।

ରିଲାଏନ୍ସ ଏହାର ବାର୍ଷିକ ରିପୋର୍ଟରେ କହିଛି ଯେ ୨୦୨୪-୨୫ ଆର୍ଥିକ ବର୍ଷ ଶେଷ ସୁଦ୍ଧା ସୌର ଫଟୋଭୋଲ୍ଟାଇକ (ପିଭି) ଉତ୍ପାଦନ କାରଖାନାର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ଷମ କରିବା ଏବଂ ୨୦୨୬ ସୁଦ୍ଧା ପର୍ଯ୍ୟାୟକ୍ରମେ ଏହାକୁ ୨୦ ଗିଗାୱାଟକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଏହି ସୋଲାର ଗିଗା ଫ୍ୟାକ୍ଟ୍ରି ଗୋଟିଏ ସ୍ଥାନରେ ପିଭି ମଡ୍ୟୁଲ୍, ସେଲ୍, ୱେଫର ଏବଂ ଇଙ୍ଗୋଟ୍, ପଲିସିଲିକନ ଏବଂ ଗ୍ଲାସ ଉତ୍ପାଦନ କରିବ। ମୁକେଶ ଅମ୍ବାନୀଙ୍କ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ୨୦୨୧ରେ ଘୋଷଣା କରିଥିଲା ଯେ ୨୦୩୦ ସୁଦ୍ଧା ୧୦୦ ଗିଗାୱାଟ ଅକ୍ଷୟ ଶକ୍ତି କ୍ଷମତା ଉପରେ ଆଧାରିତ ଏକ ନୂତନ ଇନ୍ଧନ ବ୍ୟବସାୟ ନିର୍ମାଣ ପାଇଁ ତିନି ବର୍ଷ ମଧ୍ୟରେ ୧୦ ବିଲିୟନ ଡଲାର ନିବେଶ କରିବ।

ଏହି ଯୋଜନା ଅଧୀନରେ ଗୁଜରାଟର ଜାମନଗରରେ ଅକ୍ଷୟ ଶକ୍ତି ଉପକରଣ, ବ୍ୟାଟେରୀ ଷ୍ଟୋରେଜ୍, ଇନ୍ଧନ ସେଲ (ପୃଷ୍ଠା ୭ରେ)




30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୨ ଅଗଷ୍ଟ ୨୦୨୪ ସୋମବାର





# ଆଦିବାସୀଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ତତ୍ପର ଅଛନ୍ତି ରାଜ୍ୟ ସରକାର:ଜଙ୍ଗଲ ଓ ପରିବେଶ ମନ୍ତ୍ରୀ



**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ଦିନିକିଆ କେନ୍ଦୁଝର ଜିଲ୍ଲା ଗସ୍ତରେ ଆସିଛନ୍ତି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ । ଏହି ଗସ୍ତ ସମୟରେ ବନ ବିଭାଗ ଅଧିନରେ କାର୍ଯ୍ୟକାରୀ ହୋଇଥିବା ବନୀକରଣ ପ୍ରକଳ୍ପ, ବିଶେଷ କରି ପୋଇପାଣି ଓ ନେଳୁଙ୍ଗ ଠାରେ ହୋଇଥିବା ବନୀକରଣ ପ୍ରକଳ୍ପ ବୁଲି ଦେଖିଛନ୍ତି ମନ୍ତ୍ରୀ । ଏହି ପ୍ରକଳ୍ପର କାର୍ଯ୍ୟକାରିତାକୁ ନେଇ ସେ ଖୁସିବ୍ୟକ୍ତ କରିବା ସହ ଆଗାମୀ ଦିନରେ ବ୍ୟାପକ ଜଙ୍ଗଲ ସୃଷ୍ଟି ନେଇ ସ୍ଥାନୀୟ ପ୍ରଦକ୍ଷଣ ଗୃହ ଠାରେ ସମୀକ୍ଷା କରିଛନ୍ତି । ଜଙ୍ଗଲ ଅଞ୍ଚଳରେ ଥିବା ଆଦିବାସୀଙ୍କ ଜୀବନ ଜୀବିକାର ପ୍ରଭାବ ସମ୍ପର୍କରେ ମନ୍ତ୍ରୀ ବିଭାଗୀୟ ଅଧିକାରୀ ଓ ବୁଦ୍ଧିଜୀବୀଙ୍କ ସହିତ ସବିଶେଷ ଆଲୋଚନା କରିଥିବା ପ୍ରକାଶ କରିଥିଲେ । ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଆଗାମୀ ଦିନରେ ଆଦିବାସୀଙ୍କ ସମସ୍ତ ପ୍ରକାର ବିକାଶ ପାଇଁ ବିଭିନ୍ନ ବିଭାଗ ମିଳିତ ଭାବେ ଉଦ୍ୟମ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ କାର୍ଯ୍ୟ ଚାଲିଥିବା ମନ୍ତ୍ରୀ ପ୍ରକାଶ କରିଥିଲେ । ଏହା ସହ ପେସା ଆଇନ୍‌କୁ ଆଗାମୀ ଦିନରେ କଡ଼ାକଡ଼ି ଭାବେ ପାଳନ କରାଯିବା ସହ ଏହାର ଅଧିକାର କ୍ଷେତ୍ରକୁ ବୃଦ୍ଧି କରାଯିବ ବୋଲି ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ପ୍ରକାଶ କରିଥିଲେ । ଏହି ଗସ୍ତ ସମୟରେ କେନ୍ଦୁଝର ପାଟଣା ବିଧାୟକ ଅଖିଳ ନାଏକ, ତେଲକୋଇ ବିଧାୟକ ଡ଼ ଫକୀର ନାୟକଙ୍କ ସହ ଜଙ୍ଗଲ ବିଭାଗର ବହୁ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ବାଲେଶ୍ୱର ଜିଲ୍ଲାରେ ତାପମାତ୍ରା ବୃଦ୍ଧି ଯୋଗୁ ବିଗୁଡୁଛି ପାଣିପାଗ

**ଜଳେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବାଲେଶ୍ୱର ଜିଲ୍ଲାରେ ତାପମାତ୍ରା ବୃଦ୍ଧି ପାଉଥିବା ବେଳେ ପାଣିପାଗ ବିଗିଡ଼ି ଯାଉଛି । ଜିଲ୍ଲାର ଭାତହାଣ୍ଡି କୁହାଯାଉଥିବା ଉତ୍ତର ବାଲେଶ୍ୱର ଅଞ୍ଚଳରେ କେତେବେଳେ ଜଳବନ୍ଦି ସମସ୍ୟା ତ ଆଉ କେତେବେଳେ ମରୁଡ଼ି ଭଳି ପରିସ୍ଥିତି ଉପୁଜୁଛି । ବାଲେଶ୍ୱର ଜିଲ୍ଲାର ପ୍ରାୟ ୫୦ ପ୍ରତିଶତରୁ ଅଧିକ ଚାଷଜମି ଉତ୍ତର ବାଲେଶ୍ୱରର ୪ଟି ବ୍ଲକ୍ ଜଳେଶ୍ୱର, ଭୋଗରାଇ, ବାଲିଆପାଳ ଓ ବସ୍ତା ବ୍ଲକ୍‌ରେ ରହିଛି ବିଗୁଡୁଥିବା ପରିବେଶ ଯୋଗୁଁ ପରିଣାମ ଭୋଗୁଛନ୍ତି । ୧.୧୫ ଲକ୍ଷ କୃଷକ ପରିବାର ଜଳବାୟୁର ସନ୍ତୁଳନ ରକ୍ଷା ପାଇଁ ଉଦ୍ୟମ ନହେଲେ ପରିଣାମ ଭୟଙ୍କର ହେବ ବୋଲି ଆଶଙ୍କା ସୃଷ୍ଟି ହୋଇଛି । ସରକାରୀ ପରିସଂଖ୍ୟାନ ଅନୁଯାୟୀ, ଏହି ୪ଟି ବ୍ଲକ୍‌ରେ ମୋଟ ୯୧୫୬୦ ହେକ୍ଟର ଚାଷ ଜମି ରହିଛି । ସେଥିମଧ୍ୟରୁ ୭୯୮୪୦ ହେକ୍ଟର ଜମିରେ କେବଳ ଧାନଚାଷ ହୋଇଥାଏ । ବିଶେଷକରି ଅନିୟମିତ ବର୍ଷା ଚାଷ ପାଇଁ ପ୍ରତିକୂଳ ପରିସ୍ଥିତିକୁ ଡାକି ଆଣୁଛି । ବାଲେଶ୍ୱର ଜିଲ୍ଲାରେ ଚାଷ କାମ ପାଇଁ ଅତିକମ୍‌ରେ ୧୭୫୩ ମିଲିମି. ବର୍ଷାର ଆବଶ୍ୟକତା ରହିଛି । ତେବେ ଚଳିତବର୍ଷକୁ ମିଶାଇ ଗତ ୪ ବର୍ଷର ବୃଷ୍ଟିପାତ ଚାଷ ପ୍ରତି ବିପଦ ଆଣୁଛି । କୃଷି ବିଭାଗର ରିପୋର୍ଟ ଅନୁଯାୟୀ, ଜିଲ୍ଲାରେ ୨୦୨୧ ମସିହାରେ ହାରାହାରି ୨୦୨୫ ମିମି, ୨୦୨୨ରେ ୧୪୯୨ ମିମି, ୨୦୨୩ରେ ୧୦୪୬ ମିମି ଓ ଚଳିତ ୨୦୨୪ରେ ମାତ୍ର ୫୮୬ ମିମି ବର୍ଷା ହୋଇଛି । ସବୁଠାରୁ ବଡ଼ କଥା, ଯେତିକି ବର୍ଷା ହେଉଛି ସେଥିରେ ପୁଣି ସମାନତା ରହୁନି । ବର୍ଷା ଦିନରେ ଗୋଟିଏ ମାସରେ ଅତିକମ୍‌ରେ ୧୫ରୁ ୨୦ ଦିନ ବର୍ଷା ହେବା କଥା । ମାତ୍ର ୫ରୁ ୧୦ ଦିନ ମଧ୍ୟରେ ମାସକର ପୂରା ବର୍ଷା ବର୍ଷିଯାଉଛି । ଫଳରେ ଉତ୍ତର ବାଲେଶ୍ୱର ଅଞ୍ଚଳବାସୀ ଜଳବନ୍ଦୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏହି ସମୟରେ ପଶ୍ଚିମବଙ୍ଗ ରାଜ୍ୟର ଉଦ୍‌ବୃତ୍ତ ପାଣି ସାଙ୍ଗକୁ ଯଦି ସୁବର୍ଣ୍ଣରେଖାରେ ବନ୍ୟା ପରିସ୍ଥିତି ସୃଷ୍ଟି ହେଲା, ତେବେ ଉପରୋକ୍ତ ୪ଟି ବ୍ଲକ୍‌ର ତଳିଆ ଅଞ୍ଚଳରେ ଥିବା ୪୪୪୨୨ ହେକ୍ଟର ଜମି ବହୁଦିନ ଧରି ବୁଡ଼ି ରହୁଛି । ଏହାସହ ନିଅଣ୍ଟିଆ ବର୍ଷା ବି ଚାଷ ଉଜାଡୁଛି । ଡିସେମ୍ବର ମାସରୁ ଅପ୍ରେଲ୍ ମାସ ଯାଏ ଯେତିକି ସ୍ୱାଭାବିକ ବର୍ଷା ହେବା କଥା ସେତିକି ହେଉନି । ଫଳରେ ଚାଷ ଜମି ଫାଟି ଆଁ କରୁଛି । ୩୦୨୧ ହେକ୍ଟର ଜମିରେ ମରୁଡ଼ି ଭଳି ସମସ୍ୟା ସୃଷ୍ଟି ହେଉଛି । ଆଉ ଏହାର ସିଧା ପ୍ରଭାବ ପଡୁଛି ୪ଟି ବ୍ଲକର ୧ ଲକ୍ଷ ୧୫ ହଜାର ୪୧ଟି (୨୦୧୧) କୃଷକ ପରିବାର ଉପରେ । କୃଷି ଶ୍ରମିକଙ୍କ ପରିବାରକୁ ମିଶାଇଲେ ଏହି ସଂଖ୍ୟା ଆହୁରି ଅଧିକ ହେବ । ଏହି ପରିସ୍ଥିତିର ମୁକାବିଲା ପାଇଁ ଜଳ ସଂରକ୍ଷଣ ସକାଶେ ନିରନ୍ତର ଉଦ୍ୟମ ହେବା ଦରକାର । ବୃଦ୍ଧି ପାଉଥିବା ତାପମାତ୍ରାର ହ୍ରାସ କରିବା ପାଇଁ ବୃକ୍ଷ ରୋପଣ କରିବା ଆବଶ୍ୟକ ବୋଲି ପରିବେଶବିତ୍‌ମାନେ ମତବ୍ୟକ୍ତ କରିଛନ୍ତି ।



## ଲାଞ୍ଚ ନେଇ ଧରା ପଡ଼ିଲେ ଯନ୍ତ୍ରୀ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଭିଜିଲାନ୍ସ ଜାଲରେ ନାଉଗାଁ ବ୍ଲକର କନିଷ୍ଠଯନ୍ତ୍ରୀ ସ୍ମୃତି ରଞ୍ଜନ ନାୟକ । ୨୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ କାବୁ କଲା ଭିଜିଲାନ୍ସ ଟିମ୍ । ସୂଚନା ମୁତାବକ ନାଉଗାଁ ବ୍ଲକର କନିଷ୍ଠଯନ୍ତ୍ରୀ ସ୍ମୃତି ରଞ୍ଜନ ନାୟକ ଜାମୁଗାଁ ପଞ୍ଚାୟତର ଜଳେଶ୍ୱର ପଡ଼ା ଅଞ୍ଚଳରେ ଏକ ଶ୍ମଶାନ କାର୍ଯ୍ୟର ଚାରି ଲକ୍ଷ ଟଙ୍କା ବିଲ୍ କରିବା ନିମନ୍ତେ ଠିକାଦାର ପ୍ରତାପ ଚନ୍ଦ୍ର କାଣ୍ଡିଙ୍କ ଠାରୁ ସହଯୋଗୀ ବାବିନା ଦାସଙ୍କ ସାହାଯ୍ୟରେ ୨୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ସହଯୋଗୀ ବାବିନା ଓ କନିଷ୍ଠଯନ୍ତ୍ରୀ ସ୍ମୃତି ରଞ୍ଜନ ନାୟକଙ୍କୁ ଗିରଫ କରିଛି । ଜଗତସିଂହପୁର ଓ କଟକ ଭିଜିଲାନ୍ସ ଟିମ୍ ଅନ୍ୟପଟେ କନିଷ୍ଠ ଯନ୍ତ୍ରୀଙ୍କ ଅଫିସ୍ ରୁମ୍‌କୁ ଯାଞ୍ଚ କରୁଛି ଟିମ୍, ଏହି ଚଢ଼ଉ କଟକ ଭିଜିଲାନ୍ସ ଟିମ୍ ଓ ଜଗତସିଂହପୁର ଡ଼ିଏସ୍‌ପି ଅନୁପମା ସାହୁଙ୍କ ନେତୃତ୍ୱରେ ପୁରା ଘଟଣାର ଛାନ୍‌ଭିନ୍ କରୁଛି । ବାସଭବନ ସହିତ ନିଜ କାର୍ଯ୍ୟାଳୟରେ ଯାଞ୍ଚ ଚାଲିଛି ବୋଲି ଜଣାଯାଇଛି ।

# ହିଣ୍ଡାଲ୍‌କୋର ବାଫିଲ୍‌ମାଳି ବକ୍ସାଇଟ୍ ଖଣିକୁ ସମ୍ମାନଜନକ ୫ ଷ୍ଟାର୍ ରେଟିଂ ପୁରସ୍କାର

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**

ଆଦିତ୍ୟ ବିର୍ଲା ଗ୍ରୁପ୍‌ର ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ଏକ ସହଯୋଗୀ କମ୍ପାନୀ ଉତ୍କଳ ଆଲୁମିନାର ବାଫିଲମାଳି ବକ୍ସାଇଟ୍ ଖଣିକୁ ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ପକ୍ଷରୁ ସମ୍ମାନଜନକ ୫ ଷ୍ଟାର୍ ରେଟିଂ ପୁରସ୍କାରରେ ସମ୍ମାନିତ କରାଯାଇଛି । ଏହି ଉଲ୍ଲେଖନୀୟ ସମ୍ମାନ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି. କିଷନ୍ ରେଡ୍ଡି ଏବଂ କେନ୍ଦ୍ର କୋଇଲା ଓ ଖଣି ରାଷ୍ଟ୍ର ମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ ପ୍ରଦାନ କରିଥିଲେ । ୫ ଷ୍ଟାର୍ ରେଟିଂ ପୁରସ୍କାର ସାମାଜିକ ଦାୟିତ୍ୱ ନିର୍ବାହ କ୍ଷେତ୍ରରେ ଖଣିର ଉଦାହରଣ ଯୋଗ୍ୟ ପ୍ରଦର୍ଶନ, ପରିବେଶ କ୍ଷେତ୍ରରେ ନେତୃତ୍ୱ ନେବା, ବୈଷୟିକ ଏବଂ ବୈଜ୍ଞାନିକ ଉତ୍କର୍ଷ ଏବଂ ଦୀର୍ଘସ୍ଥାୟୀ ଭାବରେ ଜମି ବ୍ୟବହାରର ଏକ ନିଦର୍ଶନ ହୋଇଛି । ଇଣ୍ଡିଆନ୍ ବ୍ୟୁରୋ ଅଫ୍ ମାଇନ୍ (ଆଇବିଏମ୍) ପକ୍ଷରୁ ପୂର୍ଣ୍ଣାଙ୍ଗ ମୂଲ୍ୟାୟନ ପରେ ଏହି ପୁରସ୍କାର ଅନୁମୋଦନ କରାଯାଇଥିଲା, ଯେଉଁଥିରେ ୨୦୨୨-୨୩ ଆର୍ଥିକ ବର୍ଷ ନିମନ୍ତେ ରିଟର୍ଣ୍ଣ, ରେକର୍ଡପତ୍ର ଏବଂ ସଫଳତା ଆଦି ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ଆଇବିଏମ୍ ଏବଂ ଖଣି ମନ୍ତ୍ରଣାଳୟ ପକ୍ଷରୁ ଏହି ପୁରସ୍କାର ପ୍ରଦାନ ସମାରୋହ ଅବସରରେ ଏକଦିବସୀୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଯାହା ସମଗ୍ର ଦେଶରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ଖଣିଗୁଡ଼ିକୁ ସ୍ୱୀକୃତି ଦେବା ନିମନ୍ତେ ଡିଜାଇନ୍ କରାଯାଇଥିଲା । ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ ମଧ ତାହାର ଭୁସର ଏବଂ ସମରି ବକ୍ସାଇଟ ଖଣି ନିମନ୍ତେ ଦୁଇଟି ଅତିରିକ୍ତ ୫ ଷ୍ଟାର୍ ପୁରସ୍କାର ହାସଲ କରିଥିଲା, ଯାହା ଭାରତର ବିଭିନ୍ନ ସ୍ଥାନରେ ଦାୟିତ୍ୱସମ୍ପନ୍ନ ଖଣି କାର୍ଯ୍ୟ ପରିଚାଳନା କରିବାରେ କମ୍ପାନୀର ନେତୃତ୍ୱ ଉପରେ ଆଲୋକପାତ କରିଥିଲା । ହିଣ୍ଡାଲ୍‌କୋ ଅଧିନରେ ସର୍ବବୃହତ୍ ଖଣି କାର୍ଯ୍ୟ ମଧ୍ୟରେ ବାଫିଲମାଳି ଖଣି ବକ୍ସାଇଟ୍ ଉତ୍ପାଦନ, ଭୂମି ପୁନଃ ବ୍ୟବହାରଯୋଗ୍ୟ କରିବା ଓ ପୁନର୍ବାସ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ଏହାର ମଜଭୁତ୍ କର୍ପୋରେଟ୍ ସାମାଜିକ ଦାୟିତ୍ୱ ନିର୍ବାହ (ସିଏସ୍‌ଆର୍) ପ୍ରୟାସ ସମୂହ ଏବଂ ଦୀର୍ଘସ୍ଥାୟୀ କାର୍ଯ୍ୟାଭ୍ୟାସ ନିମନ୍ତେ ପ୍ରତିବଦ୍ଧତା ଏହି ଶିଳ୍ପରେ ଏକ ମାଇଲ୍‌ଖୁଣ୍ଟ ସ୍ଥାପନ କରିଛି । ଏହି ସମ୍ମାନଜନକ ପୁରସ୍କାର ବ୍ରିଜେଶ ଝା, ବକ୍ସାଇଟ୍ ହେଡ୍, ବିଜୟ ଚୌହାନ, ମାଇନ୍ ହେଡ୍ ଏବଂ କେ.ସି. ଜ୍ୟୋତିଷି, ଜିଓଲୋଜି ହେଡ୍, ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ଗ୍ରହଣ କରିଥିଲେ । ଏହି ସ୍ୱୀକୃତ ଖଣି କାର୍ଯ୍ୟ ପରିଚାଳନା ଏବଂ ଦୀର୍ଘସ୍ଥାୟୀ ବିକାଶ ତଥା ଗୋଷ୍ଠୀ କଲ୍ୟାଣ ଦିଗରେ ହିଣ୍ଡାଲ୍‌କୋର ଦୃଢ଼ ପ୍ରତିବଦ୍ଧତା ସମ୍ପର୍କରେ ଉଲ୍ଲେଖ କରୁଛି ।




# ରସିକିଆ ଠକ ୫ ଦିନ ପାଇଁ ପୋଲିସ ହେପାଜତ୍‌କୁ ଗଲା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ପୁଣି ୫ ଦିନିଆ ଗିରଫ ରସିକିଆ ଠକ । ଯାଜପୁର ଜିଲ୍ଲା ବିଞ୍ଝାରପୁର ଥାନା ବଡ଼ମାଳିପୁର ଗାଁର ସତ୍ୟଜିତ ସାମଲ ୧୦ ଦିନ ହେପାଜତ୍‌ରେ ଆଣିବା ଲାଗି ପୋଲିସ ଆବେଦନ କରିଥିଲା । ଆବେଦନର ବିଚାର କରି ଅଭିଯୁକ୍ତକୁ ୫ ଦିନ ପାଇଁ ପୋଲିସ ହେପାଜତରେ ନେବା ଲାଗି ଅଦାଲତ ଅନୁମତି ପ୍ରଦାନ କରିଛନ୍ତି । ଅଭିଯୁକ୍ତକୁ କ୍ୟାପିଟାଲ୍ ଥାନା ପୋଲିସ ହେପାଜତ୍‌କୁ ଆଣି ଜେରା ଲାଗି ଯୋଜନା କରିଛି । ମାମଲାରେ ପୋଲିସର ୨ଟି ସ୍ୱତନ୍ତ୍ର ଦଳ ତଦନ୍ତ କରୁଛନ୍ତି । ଗୋଟିଏ ଦଳ ରାଜ୍ୟ ବାହାରକୁ ଗସ୍ତ କରିଛି । ଅନ୍ୟ ଏକ ଦଳ ରାଜ୍ୟରେ ତଦନ୍ତ ଚଳାଇଛି । ଅଭିଯୁକ୍ତର ଆଉ ଏକ କାର୍‌କୁ ପୋଲିସ ଜବତ କରିଛି । ତା' ବିରୋଧରେ ମାମଲା ସଂଖ୍ୟା ମଧ୍ୟ ବଢ଼ିଛି । ବ୍ରହ୍ମପୁର ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଠକ ପ୍ରେମିକ ତାଙ୍କ ଠାରୁ ୧ ଲକ୍ଷ ୬୦ ହଜାର ଟଙ୍କା ଠକି ନେଇଛି । ଉକ୍ତ ଯୁବତୀଙ୍କ ଅଭିଯୋଗକୁ ଆଧାର କରି ପୋଲିସ ଆଉ ଏକ ମାମଲା ରୁଜୁ କରିଛି । ସତ୍ୟଜିତ୍ ବିରୋଧରେ ମାମଲା ସଂଖ୍ୟା ୪କୁ ବୃଦ୍ଧି ପାଇଛି । ଆଗାମୀ ଦିନରେ ମାମଲା ବଢ଼ିବା ଆଶଙ୍କା ରହିଛି । ତା' ଠକେଇକୁ ନେଇ ପୋଲିସ ତଦନ୍ତ ପ୍ରକ୍ରିୟା ଜୋରଦାର୍ କରିଛି । ଜିମା ଅବଧି ସମୟରେ ଜେରାରେ ଆଉ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିବ ବୋଲି ପୋଲିସ ଆଶା ବାନ୍ଧିଛି । ତା' ଠକାମିରେ ପଡ଼ିଥିବା ଯେଉଁ ପୀଡ଼ିତା ଅଭିଯୋଗ ଆଣିବେ ସେମାନଙ୍କ ନାମ ଗୋପନ ରଖାଯିବ ବୋଲି ପୋଲିସ ଉପାୟୁକ୍ତ ପ୍ରତୀକ ସିଂ କହିଛନ୍ତି । ସୂଚନା ଅନୁସାରେ, ବିବାହ ପ୍ରତିଶ୍ରୁତି ଦେଇ ଅଭିଯୁକ୍ତ ସତ୍ୟଜିତ ବିଧବା ମହିଳାଙ୍କ ଠାରୁ ଲକ୍ଷ ଲକ୍ଷ ଟଙ୍କା ଲୁଟୁଥିଲା । ଜୀବନ ସାଥୀ ମାଟ୍ରିମୋନିଆଲ୍‌ରେ ସେ ବିବାହ ପ୍ରସ୍ତାବ ଦେଉଥିଲା । ୨ ମହିଳାଙ୍କ ଅଭିଯୋଗକୁ ଆଧାର କରି କ୍ୟାପିଟାଲ୍ ଥାନା ପୋଲିସ ୨ଟି ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା ହେଲେ ଅଭିଯୁକ୍ତ ଦୁବାଇରେ ଥିଲା । ତାକୁ ଧରିବା ପୋଲିସ ପାଇଁ କଷ୍ଟକର ବ୍ୟାପାର ଥିଲା । ଜଣେ ମହିଳା ଏସ୍‌ଆଇଙ୍କୁ ପ୍ରେମିକା ସଜେଇ ଅଭିଯୁକ୍ତକୁ ପୋଲିସ ଭୁବନେଶ୍ୱର ଡାକିବା ପରେ ଗିରଫ କରିଥିଲା । ପ୍ରାଥମିକ ତଦନ୍ତରୁ ସେ ୫ ମହିଳାଙ୍କୁ ବିବାହ କରିଥିବାବେଳେ ୪୯ ଜଣଙ୍କ ସମ୍ପର୍କରେ ଥିବା ଜଣାପଡ଼ିଥିଲା । ପରେ ଅଭିଯୁକ୍ତକୁ କାବୁ କରିବାରେ ପୋଲିସ ସକ୍ଷମ ହୋଇଥିଲା । ତା' ନିକଟରୁ ପୋଲିସ ପ୍ରଥମେ ୨ଟି କାର୍, ଗୋଟିଏ ବୁଲେଟ୍, ନଗଦ ୨ ଲକ୍ଷ ୧୦ ହଜାର ଟଙ୍କା, ଗୋଟିଏ ବନ୍ଧୁକ, ୩ଟି ବ୍ୟାଙ୍କର ଜମାଖାତା ଓ ନକଲି ବିବାହ ସାର୍ଟିଫିକେଟ୍ ଆଦି ଜବତ କରିଥିଲା । ପରେ ତାକୁ ୨ ଦିନିଆ ହେପାଜତ୍‌ରେ ଆଣି ପଚରାଉଚରା ପରେ ଏବେସୁଦ୍ଧ ପୋଲିସ ଅଭିଯୁକ୍ତର ୪ଟି କାର୍, ଗୋଟିଏ ବୁଲେଟ୍ ଓ ଗୋଟିଏ ସ୍କୁଟର ଜବତ କରିଛି । ଅଭିଯୁକ୍ତ ୧୦୦ ମହିଳାଙ୍କ ସହ ସମ୍ପର୍କରେ ଥିବା ତଦନ୍ତରୁ ପୋଲିସ ଜାଣିପାରିଛି । ତା'ର ୪ଟି ବ୍ୟାଙ୍କ ଜମାଖାତା ପୋଲିସ ହାତରେ ଲାଗିଛି । ଠକେଇ ଟଙ୍କାକୁ ସେ କେଉଁଠି ବିନିଯୋଗ କରିଛି, ସେନେଇ ପୋଲିସ ଖୋଳତାଡ଼ କରୁଛି । ଜବତ ପେନ୍‌ଡ୍ରାଇଭ୍, ଲାପ୍‌ଟପ୍ ଓ ମୋବାଇଲ୍ ଫୋନ୍‌କୁ ପରୀକ୍ଷା ଲାଗି ଲାବରେଟୋରୀକୁ ପଠାଯାଇଛି ବୋଲି ଶ୍ରୀ ସିଂ ସୂଚନା ଦେଇଛନ୍ତି । ଅନ୍ୟପଟେ ଗିରଫ ହେବା ପରେ ଅଭିଯୁକ୍ତ ବ୍ୟାଙ୍କ ଜମା ଖାତାରୁ ଜଣେ ମହିଳା ଟଙ୍କା ଉଠାଇ ନେଇଛି । ଉକ୍ତ ଏଟିଏମ୍‌କୁ ପୋଲିସ ଜବତ କରିଛି । ଟଙ୍କା ଉଠାଇ ନେଇଥିବା ମହିଳାକୁ ଧରିବାକୁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି ।

## ଗୁଳିକାଣ୍ଡ ଘଟଣାର ପର୍ଦ୍ଦାଫାଶ କଲେ ଆଇଜି ହିମାଂଶୁ ଲାଲ

# ମଦ ନିଶାରେ ଗୁଳି ଫୁଟାଇ ଦୁଇଜଣଙ୍କ ଜୀବନ ଗଲା

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଅତ୍ୟଧିକ ମଦ୍ୟପାନ କରି ନିଜ ମସ୍ତିଷ୍କ ଭାରସାମ୍ୟ ହରାଇ ନିଜେ ଗୁଳି ଫୁଟାଇ ଥିଲେ ମୃତକ ପିଏସଓ ମନୋଜ । ପ୍ରଥମେ କାକା ପୁଅ ଭାଇ ଶେଷଦେବଙ୍କୁ ବାଜିଥିଲା ଗୁଳି । ପରେ ପିଏସଓ ମନୋଜ ନିଜକୁ ନିଜେ ଗୁଳି କରିଥିବା ବିଷୟ ଆଇଜିଙ୍କ ଆଗରେ ସ୍ପଷ୍ଟ କଲେ ସୋନପୁର ଏସପି ଯସ୍ ପ୍ରତାପ ଶ୍ରୀମାଲ୍ । ସାମ୍ବାଦିକ ସମ୍ମିଳନୀରେ ସମ୍ବଲପୁର ଆଇଜି ହିମାଂଶୁ ଲାଲ୍‌ଙ୍କ ଉପସ୍ଥିତିରେ ଚୁଲିମାଲ ଗାଁର ଗୁଳିକାଣ୍ଡ ଘଟଣାର ଏସ୍‌ପି କଲେ ପର୍ଦ୍ଦାଫାଶ୍ । ୨୮୨ କେଶ୍ ନମ୍ବରରେ ୧୭ ଜଣଙ୍କ ସାକ୍ଷ ଗ୍ରହଣ କରି ତଦନ୍ତ କରିଥିଲା ଜିଲ୍ଲା ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଆଉ ଆଇଜିଙ୍କ ତତ୍ତ୍ୱାବଧାନରେ ଜାରି ରହିଥିଲା । ଏସବୁ ତଦନ୍ତ ଏବେ ମଧ୍ୟ ଜାରି ରହିଥିବା ଓପିଏମ୍ ରିପୋର୍ଟ ଆସିନଥିବା ସୂଚନା ଦେଇଛି ପୋଲିସ । ସୂଚନା ଅନୁସାରେ ଗତ ୬ ତାରିଖରେ ବିନିକା ଥାନା ଚୁଲିମାଲ ଗାଁରେ ଘଟିଥିଲା ଅଘଟଣ ବିଧାୟକ ନିରଞ୍ଜନ ପୂଜାରୀଙ୍କ ପିଏସ୍‌ଓ ମନୋଜ ଝାଙ୍କର ଚୁଲିମାଲ ଖେଳ ପଡ଼ିଆରେ ସାଙ୍ଗମାନଙ୍କ ସହିତ ମଦ୍ୟପାନ ସହ ଭୋଜି ଭାତ କରିଥିଲେ । ଅତ୍ୟଧିକ ନିଶା ହୋଇଥିବାରୁ ସାଙ୍ଗରେ ଥିବା ତାଙ୍କ କକା ପୁଅ ଭାଇ ଶେଷଦେବ ମନୋଜଙ୍କ ସର୍ଭିସ୍ ରିଭଲ୍‌ଭର୍ ଛଡ଼ାଇ ନେଇ ପ୍ରଥମେ ୫ ରାଉଣ୍ଡ ଫାଙ୍କା ଗୁଳି ଚଳନା କରିଥିଲେ । ଏହାକୁ ଦେଖି ମନୋଜ ତାଙ୍କଠାରୁ ବନ୍ଧୁକ ଛଡ଼ାଇବା ପାଇଁ ଚେଷ୍ଟା କରିଥିଲେ ଓ ସର୍ଭିସ୍ ପିସ୍ତଲ୍‌ରୁ ଫାଙ୍କା ଗୁଳି ଚାଳନା ହେଲେ ବି ମୋ ପାଇଁ ଏହା ଆଇନ୍ ଅନୁଯାୟୀ ଦଣ୍ଡ ବିଧାନ ହେବ ବୋଲି ଉତ୍ତ୍ୟକ୍ତ ହୋଇ ମସ୍ତିଷ୍କ ଭାରସାମ୍ୟ ହରାଇ ମନୋଜ ଶେଷ ଦେବଙ୍କୁ ଗୁଳିକରି ନିଜେ ନିଜକୁ ମଧ ମୁଣ୍ଡରେ ଗୁଳି କରିଦେଇଥିଲେ । ଏ ଘଟଣାପରେ ସାଙ୍ଗମାନେ ଘଟଣାସ୍ଥଳରୁ ଫେରାର ହୋଇଥିବା ଜଣାଯାଇଛି । ପାଞ୍ଚ ବର୍ଷ ଟ୍ରେନିଂ ପରେ ପିଏସ୍‌ଓ ଭାବେ ଏ ବର୍ଷ ନିଯୁକ୍ତି ପାଇଥିବା କଥା ଏସ୍‌ପି ପ୍ରକାଶ କରିଥିଲେ ଏବଂ ଭାଇକୁ ଗୁଳିକଲା ପରେ ନିଜ ସମାଜର ଭୟ ଚାକିରୀରୁ ଡିସ୍‌ମିସ୍ ଭୟରେ ଭାବପ୍ରବଣ ହୋଇ ଶେଷରେ ନିଜେ ନିଜ ମୁଣ୍ଡରେ ଗୁଳିକରି ମରିଥିଲେ । ମନୋଜ ପିଏସ୍‌ଓ ଘଟଣାସ୍ଥଳରେ ୯ ଏମ୍‌ଏମ୍‌ର ପିସ୍ତଲ, ଭୋଡକ୍ ବ୍ରାଣ୍ଡ ମଦ ବୋତଲ, କିଛି ସ୍ନାକ୍ସ, ଦୁଇ ହଳ ଚପଲ ପୋଲିସ ଜବତ କରିଥିବା ବେଳେ ପିସ୍ତଲ୍‌ର ଆଉ ଗୋଟେ ଖୋକା ଏବେ ସୁଦ୍ଧା ମିଳିନଥିବା ସୂଚନା ମିଳିଛି । ମୃତ ଉଭୟ ଭାଇ ନିଷ୍କଳଙ୍କ ଥିବାରୁ କାହା ସହିତ ଆଦୌ ଶତ୍ରୁତା ନଥିବାରୁ ପୋଲିସର ଏ ତଦନ୍ତକୁ ବିଶ୍ୱାସ କରୁନି ଉଭୟଙ୍କ ମାଆ ବାପା । ବିଭିନ୍ନ ମିଡିଆରେ ପ୍ରକାଶ କରିଛନ୍ତି ପୋଲିସ । ରିଭଲ୍‌ଭର୍ ଧରି ନିଜ ଗାଁକୁ ଯାଇ କାହିଁକି ଭୋଜି ଭାତ ମଦରେ ଚୁରମାର୍ ହୋଇଥିଲା ମନୋଜ ଏବଂ ଏ ମୃତ୍ୟୁ ଘଟଣା ଓ ଏଥିପାଇଁ କିଏ ଦାୟୀ ତାହା ଏବେ ଲୋକେ ଜିଲ୍ଲା ପୋଲିସକୁ ଓ ବିଧାୟକଙ୍କ ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି ।



# ଚିଟ୍‌ଫଣ୍ଡ ସଂସ୍ଥାର ୨ ହଜାର କୋଟି ଟଙ୍କାର ସମ୍ପତ୍ତି ନିଲାମ ହୋଇପାରୁନି

**କଟକ, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଥିବା ବିଭିନ୍ନ ଚିଟ୍‌ଫଣ୍ଡ ସଂସ୍ଥାର ୨ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ସମ୍ପତ୍ତି ନିଲାମ ନହୋଇ ପଡ଼ିରହିଛି । ଏହି ନିଲାମ ଅର୍ଥ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କ ମଧ୍ୟରେ ବଣ୍ଟନ ହେବାକୁ କୋର୍ଟଙ୍କ ନିର୍ଦ୍ଦେଶ ରହିଥିଲେ ବି କାର୍ଯ୍ୟକାରୀ ହୋଇପାରୁନି । ୮ ବର୍ଷରୁ ଅଧିକ ହେଲାଣି ଅଚଳାବସ୍ଥା ଲାଗି ରହିଛି । ଏଭଳି ସ୍ଥିତିରେ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ ସେମାନଙ୍କ ଟଙ୍କା ପାଇପାରୁ ନାହାନ୍ତି । ସୂଚନା ଅନୁଯାୟୀ କଟକର ସ୍ୱତନ୍ତ୍ର ଚିଟ୍‌ଫଣ୍ଡ ଅଦାଲତ ୨୦୧୫ରୁ ୨୦୨୪ ମଧ୍ୟରେ ୨୫ଟି ଚିଟ୍‌ଫଣ୍ଡ ସଂସ୍ଥାର ସଂପତ୍ତି ନିଲାମ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ନିଲାମରୁ ମିଳିବାକୁ ଥିବା ଅର୍ଥ କ୍ଷତିଗ୍ରସ୍ତ ଜମାକାରୀଙ୍କୁ ପ୍ରଦାନ କରାଯିବ ବୋଲି ମଧ୍ୟ ଅଦାଲତଙ୍କ ନିର୍ଦ୍ଦେଶ ରହିଛି । ରୋଜଭ୍ୟାଲି ଗ୍ରୁପ୍, ହାଇଟେକ୍ ଇଷ୍ଟେଟ୍ସ୍ ଓ ଜିଏଲ୍‌ପି ଡେଭଲପର୍ସ ଭଳି ମାତ୍ର ୩ଟି ସଂସ୍ଥାର ସଂପତ୍ତି ନିଲାମ ହୋଇ କ୍ଷତିଗ୍ରସ୍ତ ଜମାକାରୀଙ୍କୁ ପ୍ରଦାନ କରାଯାଇଥିବା ବେଳେ ଅନ୍ୟ ୨୨ଟି ସଂସ୍ଥାର ସଂପତ୍ତି ନିଲାମ ହୋଇପାରିନାହିଁ । ସାଫେକ୍ସ ଇନ୍‌ଫ୍ରା ଇଣ୍ଡିଆ, ଗୋଲଡେନ୍ ଲ୍ୟାଣ୍ଡ ଡେଭଲପର୍ସ, ସାଇ ପ୍ରଗତି ଆସେଟ୍ସ ଆଣ୍ଡ ପ୍ରପରଟିଜ୍, ଉମାମଣି ହୋମ୍ କ୍ରିଏସନ୍, ଶିରିଡି ସାଇ ଇଷ୍ଟେଟ୍, ଶ୍ରୀଭୂମି କନ୍‌ଷ୍ଟ୍ରକସନ୍, ସେଡିଲ ଡେଭଲପମେଣ୍ଟ ଇଣ୍ଡିଆ, ଲ୍ୟାଣ୍ଡ ଇଣ୍ଡିଆ ରିୟଲ ଇଷ୍ଟେଟ, ଭିଷ୍ଟା ମ୍ୟାନେଜ୍‌ମେଣ୍ଟ, ଏବି ରିୟଲ୍‌ଟେକ୍ ସର୍ଭିସେସ୍, ଏକ୍ସିଲେଣ୍ଟ ଇଷ୍ଟକନ୍, ଏଏମ୍ ଫଣ୍ଡ ମ୍ୟାନେଜର୍ସ, ମା' ତାରିଣୀ ଇଷ୍ଟକନ୍, ଲେମେଡ ବିଲ୍ଡର, ସିସୋର ଗ୍ରୁପ୍, ଓଡ଼ିଶା ହୋମ୍‌ସ୍, ଆଶୀର୍ବାଦ ମଲ୍ଟିପ୍ରପୋଜ୍ କୋଅପରେଟିଭ୍, ସାରଳା ରିୟଲକନ୍, ସୂର୍ଯ୍ୟ ନିର୍ମାଣ ରିସୋର୍ସେସ୍, ଅର୍ଥତତ୍ତ୍ୱ ଗ୍ରୁପ୍, ସେଭେନ୍ ହିଲ୍‌ସ୍ ଇଷ୍ଟେଟ୍‌ସ୍ ଭଳି ସଂସ୍ଥାର ସଂପତ୍ତି ନିଲାମ ପାଇଁ ସ୍ୱତନ୍ତ୍ର ଅଦାଲତ ଅନୁମତି ଦେଇଥିଲେ ବି ତାହା କାର୍ଯ୍ୟକାରୀ ହୋଇପାରି ନାହିଁ । ୨୦୨୧ରୁ ସିସୋର ସାସ୍ଥାର ସଂପତ୍ତି ନିଲାମ ପାଇଁ ଅଦାଲତ ନିର୍ଦ୍ଦେଶ ଦେଇସାରିଛନ୍ତି । ସିସୋରର ଏହି ସ୍ଥାବର ଅସ୍ଥାବର ସଂପତ୍ତିର ମୂଲ୍ୟ ୬୫୦ କୋଟି ଟଙ୍କାରୁ ଅଧିକ ହେବ ବୋଲି ଆକଳନ କରାଯାଉଛି । କିନ୍ତୁ ସେହି ସଂପତ୍ତି ନିଲାମ ହୋଇପାରୁନି । ସେହିଭଳି ୨୦୨୩ରେ ଅର୍ଥତତ୍ତ୍ୱ ସଂସ୍ଥାର ସଂପତ୍ତି ନିଲାମ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ । ଅର୍ଥତତ୍ତ୍ୱର ସଂପତ୍ତି ମୂଲ୍ୟ ବି ୫୦୦ କୋଟିରୁ ଅଧିକ ହେବ ବୋଲି ଆକଳନ କରାଯାଉଛି । ଅନ୍ୟ ୨୦ଟି ସଂସ୍ଥାର ନିଲାମ ସଂପତ୍ତି ଆକଳନ କଲେ ତାହା ବି ୯ ଶହ କୋଟି ଟଙ୍କାରୁ ଅଧିକ ହେବ ବୋଲି ଆକଳନ କରାଯାଉଛି । ମୋଟାମୋଟି ଭାବେ ଚିଟ୍‌ଫଣ୍ଡ ସଂସ୍ଥାର ୨ ହଜାର କୋଟିରୁ ଅଧିକ ଟଙ୍କାର ସଂପତ୍ତି ନିଲାମ ହୋଇପାରୁନଥିବାରୁ କ୍ଷତିଗ୍ରସ୍ତମାନେ ବି ସେମାନଙ୍କ ଟଙ୍କା ଫେରି ପାଇପାରୁନାହାନ୍ତି । ଜମାକାରୀଙ୍କ ସ୍ୱାର୍ଥରକ୍ଷା ପାଇଁ ସରକାର ଓଡ଼ିଶା ପ୍ରୋଟେକ୍ସନ୍ ଅଫ୍ ଇଣ୍ଟରେଷ୍ଟସ୍ ଅଫ୍ ଡିପୋଜିଟରସ୍ (ଇନ୍ ଫାଇନାନ୍‌ସିଆଲ୍ ଏଷ୍ଟାବ୍ଲିସ୍‌ମେଣ୍ଟ) ଆକ୍ଟ, ୨୦୧୧ (ଓପିଆଇଡି ଆଇନ) ପ୍ରଣୟନ କରିଥିଲେ । ଓପିଆଇଡି ଆଇନ୍‌ର ଧାରା ୩ରେ ଚିଟ୍‌ଫଣ୍ଡ ସଂସ୍ଥାର ସ୍ଥାବର ଅସ୍ଥାବର ସଂପତ୍ତିର ପରିଚାଳନା ଭାର ଅର୍ଥ ବିଭାଗ ପକ୍ଷରୁ ମଧ୍ୟବର୍ତ୍ତିକାଳୀନ ନିର୍ଦ୍ଦେଶ (ଆଡ ଇଣ୍ଟେରିମ୍ ଅର୍ଡର ଅଫ୍ ଆଟାଚ୍‌ମେଣ୍ଟ) ଜାରି କରାଯାଇ ପ୍ରାଧିକୃତ ଅଧିକାରୀଙ୍କ ଉପରେ ନ୍ୟସ୍ତ କରିବା ବ୍ୟବସ୍ଥା ରହିଛି । ଏହି ନିର୍ଦ୍ଦେଶ ପାଇବାର ୩୦ ଦିନ ଭିତରେ ପ୍ରାଧିକୃତ ଅଧିକାରୀ ଓପିଆଇଡି ଆଇନ୍‌ର ଧାରା ୪(୩)ରେ ଚିଟ୍‌ଫଣ୍ଡ ସାସ୍ଥାର ସଂପତ୍ତି ବାଜ୍ୟାପ୍ତି କରି ନିଲାମ କରିବା ସହିତ ନିଲାମଲବ୍ଧ ଅର୍ଥ ସଂସ୍ଥା ଦ୍ୱାରା କ୍ଷତିଗ୍ରସ୍ତ ଜମାକରୀଙ୍କ ମଧ୍ୟରେ ବାଣ୍ଟିବା ଲାଗି ଅନୁମତି ଲୋଡି ସ୍ୱତନ୍ତ୍ର ଅଦାଲତରେ ଆବେଦନ କରିବା ବ୍ୟବସ୍ଥା ରହିଛି । ସଂପତ୍ତି ନିଲାମ ପାଇଁ ଅଦାଲତ ଅନୁମତି ଦେଇସାରିଥିଲେ ବି ତାହା କାର୍ଯ୍ୟକାରୀ କରାଯାଉନି ।

## ବଜ୍ରପାତରେ ମହିଳା ମୃତ:ଜଣେ ଗୁରୁତର

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଜେନାପୁର ଥାନା ତଥା ଧର୍ମଶାଳା ବ୍ଲକ ଅର୍ନ୍ତଗତ ପୁରୁଣା ବଉଳମାଳ ପଞ୍ଚାୟତ କୃଷ୍ଣପଶି ଗ୍ରାମରେ ବଜ୍ରପାତରେ ଜଣେ ମହିଳାଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ମହିଳା ଗୁରୁତର ଭାବେ ଆହତ ହୋଇ ଧର୍ମଶାଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି । ସୂଚନାଅନୁଯାୟୀ ଶୁକ୍ରବାର ଅପରାହ୍ନରେ କୃଷ୍ଣପଶି ଗ୍ରାମର ମଣ୍ଟୁ ସାହୁଙ୍କ ପତ୍ନୀ କାଳି ସାହୁ (୪୫) ଓ ତାଙ୍କ ଭାଉଜ ବିଦୁ ସାହୁ (୫୦) ଚାଷ କାର୍ଯ୍ୟ ସାରି ଘରକୁ ଫେରୁଥିବା ସମୟରେ ବଜ୍ରପାତ ଘଟିଥିଲା । ସେମାନଙ୍କୁ ଗୁରୁତର ଅବସ୍ଥାରେ ୧୦୮ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର କାଳିକୁ ମୃତ ଘୋଷଣା କରିଥିଲେ । ବିଦୁର ସେଠାରେ ଚିକିତ୍ସା ଚାଲିଥିବା ଜଣାପଡ଼ିଛି ।

# ବିକାଶ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ପରାମର୍ଶ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାର ବିଭିନ୍ନ ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନେଇ ସୁବର୍ଣ୍ଣପୁର ଜିଲ୍ଲାପ୍ରଶାସନ ଓ ପୋଲିସ ପ୍ରଶାସନର ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ସମନ୍ୱୟ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ଅଧକ୍ଷତା କରି ଜିଲ୍ଲାର ବିଭିନ୍ନ ବିଭାଗର ଉନ୍ନୟନ କାର୍ଯ୍ୟକ୍ରମକୁ ସ୍ୱଚ୍ଛତାର ସହ ସମ୍ପାଦନ କରିବାକୁ ପରାମର୍ଶ ଦେଇଛନ୍ତି । ଏହି ସମନ୍ୱୟ ବୈଠକରେ ସେ ଜିଲ୍ଲା ପ୍ରଶାସନ ସହ ପୋଲିସ ପ୍ରଶାସନର ସମନ୍ୱୟ ରକ୍ଷା କରି ତ୍ୱରିତ ଭାବେ ବକେୟା କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାକୁ ଗୁରୁତ୍ୱାରୋପ କରିଥିଲେ । ବିଶେଷ କରି ରାଜସ୍ୱ, ଜଙ୍ଗଲଜମି, ଅନୁସୂଚିତ ଜାତି ଓ ଜନଜାତି ସମ୍ପର୍କିତ କାର୍ଯ୍ୟକୁ ସୁ-ସମନ୍ୱୟ ରକ୍ଷା ପୂର୍ବକ ସମ୍ପାଦନ ସହ ଜନସାଧାରଣଙ୍କୁ ସେବା ପହଞ୍ଚାଇବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ଏହି ବୈଠକରେ ପୋଲିସ ପ୍ରଶାସନ ପକ୍ଷରୁ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବୀରେନ୍ଦ୍ର କୁମାର ନାୟକଙ୍କ ସହ ସମସ୍ତ ଥାନା ଅଧିକାରୀ ଉପସ୍ଥିତ ରହିଥିଲେ । ସେହିପରି ଜିଲ୍ଲାପ୍ରଶାସନ ତରଫରୁ ଉପଜିଲ୍ଲାପାଳ ସୋନପୁର ସୂରଜ ପଟ୍ଟନାୟକ, ଉପଜିଲ୍ଲାପାଳ ବୀରମହାରାଜପୁର ଲଲାଟେନ୍ଦୁ ସିଂ, ସମସ୍ତ ତହସିଲଦାର, ଜିଲ୍ଲା ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ, ଡି ଡବ୍ଲୁ ଓ ଅଚ୍ୟୁତାନନ୍ଦ ସିଂ, ଆରଟି ଓଅକ୍ଷୟ କୁମାର ଜେନା, ଟିପିଡବ୍ଲୁ ଓ ଡିଏଲ ନିର୍ବାହୀ ଯନ୍ତ୍ରୀ ଅଶୋକ ମିଶ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଡେପୁଟି କଲେକ୍ଟର (ନ୍ୟାୟିକ ଶାଖା ) କେ. ରିଚି କୁମାର, ବରିଷ୍ଠ କିରାଣୀ ଦିନେଶ ମିଶ୍ର ସହ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ରାଜସ୍ୱ ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ସମନ୍ୱୟ ଅଭାବରୁ ପୁରୁଣା ଜଗନ୍ନାଥ ରୋଡ୍ ନିର୍ମାଣରେ ବିଳମ୍ବ : ସାଧାରଣରେ ଅସନ୍ତୋଷ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ପୂର୍ତ୍ତ ବିଭାଗ ପକ୍ଷରୁ ସଂପ୍ରସାରଣ ହେଉଥିବା ବ୍ରାହ୍ମଣୀ ନଦୀବନ୍ଧ ଠାରୁ ବୁଦ୍ଧମୂର୍ତ୍ତି ପର୍ଯ୍ୟନ୍ତ ୨.୫କି.ମି. ରାସ୍ତା ବିଭିନ୍ନ ବିଭାଗର ସମନ୍ୱୟ ଅଭାବରୁ ନିର୍ମାଣରେ ବିଳମ୍ବ ହେଉଛି । ରାସ୍ତାକଡ଼ରୁ ଗଛ କଟା ଯାଇଥିଲେ ମଧ ଏବେ ମଧ ବହୁ ଗଛ ରହିଯାଇଛି । ବିଦ୍ୟୁତବିଭାଗର ଅବହେଳାରୁ ରାସ୍ତାର ଉଭୟ ପାର୍ଶ୍ୱରୁ ବିଦ୍ୟୁତଖୁଣ୍ଟ ଉଠିଲାନାହିଁ । ଚଉଡ଼ା ରାସ୍ତାକୁ ଏବେ ଅଣଓସାରିଆ କରାଯାଉଥିବା ଦେଖାଯାଉଛି । ଧର୍ମଶାଳାର ପ୍ରମୁଖ ରାସ୍ତା ଏହି ପୁରୁଣା ଜଗନ୍ନାଥ ରୋଡ୍ ବହୁ ଐତିହ୍ୟ ବହନ କରେ । ରାଣୀ ଅହଲ୍ୟାବାଇଙ୍କ ସମୟରେ ରାସ୍ତା କଡ଼ରେ ଥିବା ଧର୍ମଶାଳା ଗୃହକୁ ଭଙ୍ଗାଯାଇ ନୂତନ ଧର୍ମଶାଳା ଘର ତିଆରି ହୋଇଥିବା ବେଳେ ରାସ୍ତା କଡ଼ରେ ବାଟୋଇଙ୍କ ପାଇଁ ଥିବା କୂଅ ଏବେ ବି ରହିଛି । ଧର୍ମଶାଳା ବଜାର ଉପରେ ଥିବା ଦୋକାନୀ ଓ ଅବରୋଧକୁ ଉଠିବା ପାଇଁ ନୋଟିସ୍ ଦିଆଯାଇଛି । ୬ ପୋଲିଆ ଓ ୩ ପୋଲିଆ ଏବେବି ଅଛି । ତା ନିକଟରେ ନୂତନ ବ୍ରିଜ ନିର୍ମାଣ ହେଉଛି । ମଝିରେ ଥିବା ଶାନ୍ତି ବଜାରକୁ ଗୋଲେଇ ଛକ କରିବା ପାଇଁ ସରକାରୀ ଭାବେ ନିଷ୍ପତ୍ତି ହୋଇଥିବା ବେଳେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଓ ସ୍ଥାନୀୟ ତହସିଲଦାର ଓ ବିଭାଗୀୟ ଅଧିକାରୀଙ୍କ ସହ ଶାନ୍ତି ବଜାର ଅଞ୍ଚଳ ପରିଦର୍ଶନ କରିଛନ୍ତି । ଛକ ନିକଟରେ ଥିବା ସରକାରୀ ଜାଗାରେ ମଣ୍ଡିକରି ବ୍ୟବସାୟୀମାନଙ୍କୁ ପ୍ରଦାନ କରାଯିବ । ଏହି ଛକ ଗୁରୁତ୍ୱ ବହନ କରୁଥିବାରୁ ଏହାକୁ ସୌନ୍ଦର୍ଯ୍ୟକରଣ କରାଯିବ । ଜାରକା, ଜାଲସୁଖା, ପଣ୍ଡୁଆ ମୌଜାର ସମସ୍ତ ବର୍ଷା ଜଳ ନିଷ୍କାସନ ପାଇଁ ବୁଦ୍ଧମୂର୍ତ୍ତି ଠାରୁ ଶାନ୍ତି ବଜାର ପର୍ଯ୍ୟନ୍ତ ରାସ୍ତା କଡ଼ରେ ସ୍ଥାୟୀ ଡ୍ରେନେଜ କରିବାକୁ ସ୍ଥାନୀୟ ଲୋକେମାନେ ଦାବି କରିଛନ୍ତି । ଏଅଞ୍ଚଳରେ ନୂତନ ଗୃହ ନିର୍ମାଣରେ ନିଜ ରାସ୍ତାକରି ଡ୍ରେନ୍‌କୁ ପୋତି ଦେବାରୁ ବର୍ଷା ପାଣି ଯିବାରେ ବ୍ୟାଘାତ ହେଉଛି । କିଛି ପରିବାର ବର୍ଷାଦିନେ ଜଳବନ୍ଦୀରେ ରହୁଛନ୍ତି । ଧର୍ମଶାଳାର ଏହି ପ୍ରମୁଖ ରାସ୍ତା ନିର୍ମାଣ ବେଳେ ପୂର୍ତ୍ତ ବିଭାଗ ପକ୍ଷରୁ ସବୁଦିଗ ପ୍ରତି ଧ୍ୟାନ ଦେବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି ।



## ଦେବାଶିଷ ମହାପାତ୍ର 'ଇନ୍‌ଟାକ୍' ରାଜ୍ୟ ଶାଖାର ସହ ଆବାହକ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଜାତୀୟ ସ୍ତରରେ ଭାରତୀୟ ସଂସ୍କୃତି ଓ ଐତିହ୍ୟର ସୁରକ୍ଷା ସଂରକ୍ଷଣ ପାଇଁ ସ୍ଥାପିତ 'ଇନ୍‌ଟାକ୍'ର ଓଡ଼ିଶା ରାଜ୍ୟ ଶାଖାର ନୂତନ ସହ ଆବାହକ ଭାବେ ଦେବାଶିଷ ମହାପାତ୍ରଙ୍କୁ ଅବସ୍ଥାପିତ କରାଯାଇଛି । 'ଇନ୍‌ଟାକ୍'ର ମୁଖ୍ୟ କାର୍ଯ୍ୟାଳୟ, ନୂଆଦିଲ୍ଲୀରେ ଏନେଇ ସ୍ୱତନ୍ତ୍ର ବୈଠକରେ ଏହି ପ୍ରସ୍ତାବ ଅନୁମୋଦିତ ହୋଇଛି ବୋଲି ରାଜ୍ୟ ଶାଖା ଆବାହକ ତଥା ପ୍ରାକ୍ତନ ଆରକ୍ଷୀ ମହାନିର୍ଦ୍ଦେଶକ ଅମିୟ ଭୂଷଣ ତ୍ରିପାଠୀ ରାଜ୍ୟ ସଂଗ୍ରହାଳୟର ତଳମହଲାରେ ଥିବା 'ଇନ୍‌ଟାକ୍' କାର୍ଯ୍ୟାଳୟରେ ଏହା ଅବଗତ କରାଇ ଶ୍ରୀ ମହାପାତ୍ରଙ୍କୁ ଅଭିନନ୍ଦନ ଜଣାଇଥିଲେ । ଏହାସହ ସେ ମଧ 'ଇନ୍‌ଟାକ୍'ର ମୁଖପତ୍ର 'ଐତିହ୍ୟ'ର ସମ୍ପାଦନା ଦାୟିତ୍ୱ ନିର୍ବାହ କରିବେ ।

## ସୁବର୍ଣ୍ଣପୁର ଜିଲ୍ଲାରେ ସଡ଼କ ଦୁର୍ଘଟଣା ହ୍ରାସ ପାଇଁ ଗୁରୁତ୍ୱ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାରେ ସଡ଼କ ଦୁର୍ଘଟଣାକୁ ହ୍ରାସ କରିବା ଉପରେ ଗରୁତ୍ୱ ପ୍ରଦାନ ପୂର୍ବକ ଜିଲ୍ଲା ସଡ଼କ ସୁରକ୍ଷା କମିଟି ତରଫରୁ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଞ୍ଚଳିକ ପରିବହନ ବିଭାଗ, ଜିଲ୍ଲା ସୁରକ୍ଷା କମିଟି, ଓ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ସୋନପୁର ବସ୍‌ଷ୍ଟାଣ୍ଡ ଠାରେ ଗାଡ଼ି ଚଳନା ଓ ପରିଚାଳନା ନିମନ୍ତେ ବସ୍ ଡ୍ରାଇଭର ଓ କଣ୍ଡକ୍ଟରଙ୍କୁ ନେଇ ସଡ଼କ ସୁରକ୍ଷା ସଚେତନ କରାଯାଇଛି । ଆରଟିଓ ଅକ୍ଷୟ କୁମାର ଜେନା କାର୍ଯ୍ୟକ୍ରମ ଜରିଆରେ ସଡ଼କ ସୁରକ୍ଷା ଉପରେ ବିଶେଷ ଗୁରୁତ୍ୱ ପ୍ରଦାନ କରି ଗାଡ଼ି ଚଳନାର ଆବଶ୍ୟକ ନିୟମାବଳୀଙ୍କୁ ସୁନିଶ୍ଚିତ ପାଳନ କରିବାକୁ ପରାମର୍ଶ ଦେଇଛନ୍ତି । କାର୍ଯ୍ୟକ୍ରମ ଅବସରରେ ଜିଲ୍ଲା ସଡ଼କ ସୁରକ୍ଷା କମିଟିର ସଦସ୍ୟ ସଦସ୍ୟା, ସୁବର୍ଣ୍ଣପୁର ଡ୍ରାଇଭର ଏବଂ କଣ୍ଡକ୍ଟର ବୃନ୍ଦ, ଜିଲ୍ଲା ବସ୍ ମାଲିକ ସଙ୍ଘ କର୍ମକର୍ତ୍ତା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ସୁବର୍ଣ୍ଣପୁର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହିଥିଲେ ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୨ ଅଗଷ୍ଟ ୨୦୨୪ସୋମବାର





# ଶିଶୁମାନଙ୍କୁ ପୁଷ୍ଟିହୀନତା ଓ ରକ୍ତହୀନତାରୁ ଦୂରେଇ ରଖିବା ଅଭିଯାନ ଆରମ୍ଭ

**ବାଲେଶ୍ୱର, ନ୍ୟୁଜ**

ପିଲାମାନଂକୁ ରକ୍ତହୀନତା ଓ ପୃଷ୍ଟିହୀନତାରୁ ଦୂରେଇ ରଖିବାପାଇଁ ସରକାର ଓ ଜନସାଧାରଣ ମିଳିତ ଭାବରେ ଉଦ୍ୟମ କରିବାର ଆବଶ୍ୟକତା ରହିଛି ବୋଲି ସ ଜିଲ୍ଲାସ୍ତରୀୟ ଜାତୀୟ କୃମିନାଶକ ଦିବସ- ୨୦୨୪ କୁ ଉଦ୍ଘାଟନ ଅବସରରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼. ଦୁଲାଲସେନ ଜଗଦ୍ଦେବ କହିଛନ୍ତି। ସ୍କୁଲ ଛାତ୍ରଛାତ୍ରୀଙ୍କୁ କୃମିନାଶକ ବଟିକା ଖୁଆଇ ଏହାର ଶୁଭାରମ୍ଭ କରିବା ସହିତ ପିଲାଙ୍କ ମାନସିକ ଓ ଶାରୀରିକ ଅଭିବୃଦ୍ଧି ପାଇଁ କୃମିନାଶକ ବଟିକାର ମହତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ସେ ବକ୍ତବ୍ୟ ରଖିଥିଲେ । ଜିଲ୍ଲାର ସମସ୍ତ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ର ସମେତ ଅନ୍ୟାନ୍ୟ ଅଞ୍ଚଳରେ ୧ ରୁ ୧୯ ବର୍ଷ ବୟସର ପିଲାମାନଙ୍କୁ କୃମିନାଶକ ଔଷଧ ଖାଇବାକୁ ଦିଆଯାଇଛି । ପିଲାମାନଙ୍କୁ ପୁଷ୍ଟିହୀନତା ଓ ରକ୍ତହୀନତାରୁ ଦୁରେଇ ରଖିବା ପାଇଁ ଏହି କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିବା ବେଳେ ଯେଉଁ ପିଲାମାନେ ପ୍ରଥମ ପର୍ଯ୍ୟାୟରେ ବାଦ୍ ପଡିଯାଇଥିବେ ସେମାନଙ୍କୁ ଅଗଷ୍ଟ ୧୭ ତାରିଖ ଦିନ କୃମିନାଶକ ଔଷଧ ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି ଓ କୃମିନାଶକ ଦିବସର ମହତ୍ୱ ବୁଝାଇବା ପାଇଁ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ କ୍ଷୁଦ୍ର ନାଟକ ମଞ୍ଚସ୍ଥ ହୋଇଥିଲା । ଏଥି ସହିତ ଜିଲ୍ଲାର ବିଭିନ୍ନ ଅଙ୍ଗନୱାଡ଼ି କେନ୍ଦ୍ରରେ ୨୦ ରୁ ୨୪ ବର୍ଷ ଭିତରେ ଅଣ ଗର୍ଭବତୀ ଏବଂ ଅଣସ୍ତନପାନ ମହିଳାଙ୍କୁ କୃମିନାଶକ ବଟିକା ଦିଆଯାଇଛି । ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼. ଦୁଲାଲସେନ ଜଗଦ୍ଦେବ, ଏଡିପିଏଚଓ କୁଷ୍ଟରୋଗ ଡ଼. ସଞ୍ଜୀବ କୁମାର ପ୍ରଧାନ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଧରଣୀଧର ପାତ୍ର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଐଶ୍ୱର୍ଯ୍ୟା ସାମନ୍ତ, ଡିପିଏମ ଅନିଲ ମହାନ୍ତି, ସିଦ୍ଧି ବିନାୟକ ଇଂରାଜୀ ମିଡିୟମ ସ୍କୁଲର ଉପାଧ୍ୟକ୍ଷ ଅରୁଣ କୁମାର ହୋତା, ଡେପୁଟି ମ୍ୟାନେଜର ଆରସିଏଚ ଏଲିନା ସାମଲ, ପ୍ରୋଗ୍ରାମ ଅଫିସର ଆଇସିଡିଏସ୍ ସ୍ୱର୍ଣ୍ଣରେଖା ବେହେରା ଓ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।




## ବାଂଲାଦେଶୀଙ୍କ ଅନୁପ୍ରବେଶ ନେଇ ତଟରକ୍ଷୀବାହିନୀ, ଓଡ଼ିଶା ମେରାଇନ ପୋଲିସ ସଜାଗ

# ସମୁଦ୍ରକୂଳିଆ ଗ୍ରାମରେ ନୂଆ ଲୋକଙ୍କୁ ବାରଣ

**ଜଗତସିଂହପୁର, ନ୍ୟୁଜ ବ୍ୟୁରୋ**

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଭାବନା ସଭାଗୃହରେ ନୂତନ ଜିଲ୍ଲାପାଳ ଜେ ସୋନାଲଙ୍କ ଅଧ୍ୟକ୍ଷତାରେ ଜିଲ୍ଲାରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ପ୍ରବେଶରେ କଟକଣା ଓ ମହାନଦୀରେ ସୃଷ୍ଟି ହୋଇଥିବା ସମ୍ଭାବ୍ୟ ବନ୍ୟା ପରିସ୍ଥିତି ସମ୍ପର୍କରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ସମ୍ପ୍ରତି ବାଂଲାଦେଶରେ ଉପୁଜିଥିବା ରାଜନୈତିକ ଅସ୍ଥିରତା ଯୋଗୁଁ ଅନେକ ବାଂଲାଦେଶୀ ଦେଶାନ୍ତର ହେଉଛନ୍ତି। ଜିଲ୍ଲାରେ ଥିବା ବିସ୍ତୃତ ତଟ ରେଖା ଦେଇ ଏହି ବାଂଲାଦେଶୀ ଅନୁପ୍ରବେଶକାରୀ ମାନେ ଜିଲ୍ଲା ଭିତରକୁ ଆସିବାର ସମ୍ଭାବନା ରହିଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ଶ୍ରୀ ସୋନାଲ ଜିଲ୍ଲାବାସୀ ଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି। ଅନୁପ୍ରବେଶ ରୋକିବା ପାଇଁ ତଟରକ୍ଷୀବାହିନୀ, ଓଡିଶା ମେରାଇନ ପୋଲିସ ମାନେ ସଜାଗ ରହିଛନ୍ତି। ବି ଡି ଓ ମାନେ ସରପଞ୍ଚଙ୍କ ମାଧ୍ୟମରେ ସମୁଦ୍ରକୂଳିଆ ଗ୍ରାମ ମାନଙ୍କରେ ନୂଆ ଲୋକ ବା ଅନୁପ୍ରବେଶକାରି ଆସିଲେ ପୋଲିସ ଏବଂ ପ୍ରଶାସନକୁ ଜଣେଇବାକୁ ପରାମର୍ଶ ଦେଇଥିଲେ। ଏହାପରେ ସେ ମହାନଦୀ ରେ ସୃଷ୍ଟି ହୋଇଥିବା ସମ୍ଭାବ୍ୟ ବନ୍ୟା ପରିସ୍ଥିତି ସମ୍ପର୍କରେ ଜିଲ୍ଲାର ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ହୀରାକୁଦରେ ଏ ବର୍ଷର ପ୍ରଥମ ବନ୍ୟା ଜଳ ନିଷ୍କାସନ ହୋଇସାରିଛି ତେଣୁ ଜିଲ୍ଲା ରେ ସମ୍ଭାବ୍ୟ ବନ୍ୟା ନିମନ୍ତେ ବ୍ୟାପକ ପ୍ରସ୍ତୁତି ସମ୍ପର୍କରେ ସେ ଅତିରିକ୍ତ ଜିଲ୍ଲାପାଳ ସମ୍ମିତ୍ କୁମାର ରାଉତଙ୍କ ଠାରୁ ପଚାରି ବୁଝିଥିଲେ। କୌଣସି ଅଭାବନୀୟ ପରିସ୍ଥିତି ଉପୁଜିଲେ ତାର ସମାଧାନ ନିମନ୍ତେ ଆବଶ୍ୟକୀୟ ସଂସାଧନ, ଯେପରି କି, ପଲିଥିନ୍, ଶୁଖିଲା ଖାଦ୍ୟ, ଆସ୍କା ଲାଇଟ୍, ବୋଟ୍ ଆଦିର ଉପଲବ୍ଧତା ଓ ରିଲିଫ୍ ସେଣ୍ଟରର ଅବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ଏପରି ସ୍ଥିତିରେ କେବଳ ପ୍ରଶାସନିକ ଅଧିକାରୀ ନୁହଁ ବରଂ ସମସ୍ତ ଜିଲ୍ଲାବାସୀ ନିଜର ମାନବିକତା ଦୃଷ୍ଟିକୋଣରୁ ସହଯୋଗ ର ହାତ ବଢାଇବାକୁ ସେ ଆଶା ପୋଷଣ କରିଥିଲେ। ବନ୍ୟା ଆଶ୍ରୟସ୍ଥଳୀ ଗୁଡିକ ର ସ୍ଥିତି ତଦାରଖ କରି ସେଠାରେ ଆବଶ୍ୟକୀୟ ମୌଳିକ ସୁବିଧାସୁଯୋଗ ର ରିପୋର୍ଟ ପ୍ରସ୍ତୁତି ଓ କାର୍ଯ୍ୟାନୁଷ୍ଠାନ ପାଇଁ ସେ ସମସ୍ତ ବିଡିଓ ତହସିଲଦାର ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବନ୍ୟା ପରିସ୍ଥିତି ଉପୁଜିଲେ ତୁରନ୍ତ ସମୟ ପୂର୍ବରୁ ଜନସାଧାରଣ ଙ୍କୁ ବିପଦ ମୁକ୍ତ ସ୍ଥାନ କୁ ସ୍ଥାନାନ୍ତରିତ କରିବା, ସଚେତନତା ବାର୍ତ୍ତା ପ୍ରଚାର କରିବା ପାଇଁ ସେ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ରାହୁଲ ପି ଆର୍, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସମ୍ମିତ୍ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ(ପାରାଦ୍ୱୀପ) ଶ୍ରୀ ଲଳିତ ମୋହନ ବେହେରା, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ, ଉପ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, କୋଷ୍ଟ ଗାର୍ଡର ଡେପୁଟି କମାଣ୍ଡର, ତହସିଲଦାର, ବିଡ଼ିଓ, ଓଡ୍ରାଫ୍ର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାପାଳଙ୍କୁ ସମସ୍ତ ଆବଶ୍ୟକୀୟ ସୂଚନା ପ୍ରଦାନ କରିଥିଲେ। ଶେଷରେ ଜିଲ୍ଲାପାଳ ଜେ ସୋନାଲ ଜିଲ୍ଲାର ଉତ୍ତରୋତ୍ତର ଉନ୍ନତି ନିମନ୍ତେ ସମସ୍ତଙ୍କର ସହଯୋଗ କାମନା କରିବା ସହ ଧନ୍ୟବାଦ ଜଣାଇଥିଲେ।



## ଗ୍ରାଉଣ୍ଡ ଜିରୋରେ ସ୍ଥିତି ପରଖିଲେ ବିଧାୟକ

**ସମ୍ବଲପୁର ନ୍ୟୁଜ ବ୍ୟୁରୋ**

ବର୍ତ୍ତମାନ ଶିଳ୍ପ ବହୁଳ ରେଙ୍ଗାଲି ଓ ସମ୍ବଲପୁର ନିର୍ବାଚନ ମଣ୍ଡଳୀରେ କମ୍ପାନୀ ଗୁଡିକରୁ ନିର୍ଗତ ଫ୍ଲାଏ ଆଶ ମୁଖ୍ୟ ଚିନ୍ତାର ବିଷୟ ପାଲଟିଛି । ଫ୍ଲାଏ ଆଶକୁ ବ୍ୟବସ୍ଥିତ ଢଙ୍ଗରେ ପରିଚାଳନା କରିବା ସକାଶେ ସରକାର ବିଭିନ୍ନ ନିୟମ ପ୍ରଣୟନ କରୁଥିବା ସତ୍ତ୍ୱେ ସ୍ଥାନୀୟ ଶିଳ୍ପାନୁଷ୍ଠାନଗୁଡିକ ଖୋଲା ଖୋଲି ଭାବେ ନିୟମ ଉଲ୍ଲଙ୍ଘନ କରୁଛନ୍ତି । ଆଜି ରେଙ୍ଗାଲି ନିର୍ବାଚନ ମଣ୍ଡଳୀର ସିଲ୍ଲିପଥର, ଡେଙ୍ଗିମଚ୍ଛା, ରାନୀବନ୍ଧ ପ୍ରମୁଖ ଅଞ୍ଚଳର ଲୋକମାନଙ୍କ ଅଭିଯୋଗ କ୍ରମେ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ ଏହି ଅଞ୍ଚଳଗୁଡିକୁ ପରିଦର୍ଶନ କରିଥିଲେ ତଥା ସ୍ଥାନୀୟ ଜନସାଧାରଣଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ ।

# ଆତ୍ମହତ୍ୟା କରିଥିବା ଭାଗଚାଷୀ ପରିବାରକୁ ବିଜେପିର ଆର୍ôଥିକ ସହାୟତା

**କେନ୍ଦ୍ରାପଡ଼ା, ନ୍ୟୁଜ ବ୍ୟୁରୋ**

ବିଜେପି ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁଙ୍କ ସମେତ ବିଜେପି ନେତୃମଣ୍ଡଳୀ ଆତ୍ମହତ୍ୟା କରିଥିବା ଚାଷି ପରିବାର କୁ ଭେଟି ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ପ୍ରଦାନ କରିଥିବା ଜଣାପଡିଛି । କେନ୍ଦ୍ରାପଡା ବ୍ଲକ ଅଧିନ ପୁରୁଷୋତମପୁର ପଂଚାୟତ କହ୍ନେଇଁପୁର ଗ୍ରାମର ଭାଗଚାଷୀ ମହେନ୍ଦ୍ର ପ୍ରଧାନ(୫୦) ଚାଷପାଇଁ ଅତ୍ୟଧିକ ଋଣ କରି ସୁଝି ପାରି ଆତ୍ମହତ୍ୟା କରିଥିବା ଖବର ମିଳିଥିଲା । ଶ୍ରୀ ସାହୁ ସଂପୃକ୍ତ ପରିବାର କୁ ଭେଟି ଆତ୍ମହତ୍ୟାର କାରଣ ସଂପର୍କରେ ଅନୁଧ୍ୟାନ କରିଥିଲେ । ଏହି ନେତୃ ମଣ୍ଡଳୀ ଆତ୍ମହତ୍ୟା କରିଥିବା ପରିବାର କୁ ଆର୍ଥିକ ସହାୟତା ପ୍ରଦାନ କରି କେନ୍ଦ୍ରାପଡା ତହସିଲଦାର ଓ ଉପ ଜିଲ୍ଲାପାଳଙ୍କ ନିକଟରେ ଏହି ପରିବାର କୁ ସହାୟତା ଯୋଗାଇ ଦେବାପାଇଁ ଦାବି କରିଛନ୍ତି । ଏହି ନେତୃ ମଣ୍ଡଳୀରେ କୃଷକ ମୋର୍ଚ୍ଚାର ସଭାପତି ବିକ୍ରମ କେଶରୀ ରାଉତରାୟ, କେନ୍ଦ୍ରାପଡା ବିଧାନସଭା ନିର୍ବାଚନ ମଣ୍ଡଳୀ ପ୍ରାର୍ଥନୀ ଗୀତାଞ୍ଜଳୀ ସେଠୀ, ପ୍ରଶାନ୍ତ କୁମାର ସ୍ୱାଇଁ, ସଂକର୍ଷଣ ଜେନା, ଶ୍ରୀଧର ପ୍ରସାଦ ପ୍ରଧାନ, ବିଚିତ୍ର କୁମାର ପ୍ରଧାନ, ବାସୁଦେବ ତ୍ରିପାଠି, ବାବୁଲି ଲେଙ୍କା, ରଂଜନ ରାଉତ, ଲିପା ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ ।



# ଖଣି ଖନନକୁ ବିରୋଧ କଲେ ଗ୍ରାମବାସୀ : ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଅଟକାଇଲେ

**କୋରାପୁଟ, ନ୍ୟୁଜ**

ପଟାଂଗି ଥାନା ଅନ୍ତର୍ଗତ ତୁରିଆ ନିକଟରେ ପ୍ରସାଶନିକ ଅଧିକାରୀ ଓ ସ୍ଥାନିୟ ଜନତାଙ୍କ ମଧ୍ୟରେ ଏକ ଉତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଦିର୍ଘ ୫ ଘଂଟାର ପରିଶ୍ରମ ପରେ ବି କିଛି ସୁଫଳ ମିଳି ନ ଥିଲା। ଖବର ନେବାରୁ ଜଣା ପଡିଛି ଯେ, କେନ୍ଦ୍ର କୋଇଲା ଓ ଖଣି ରାଷ୍ଟ୍ର ମନ୍ତ୍ରୀ ଶତୀସ ଚନ୍ଦ୍ର ଦୁବେ ଶନିବାର ଦିନ ତୁରିଆ ନିକଟରେ ଥିବା ବକ୍ସାଇଟ ଖଣି ଖନନ ପାଇଁ ସେରୁବନ୍ଧ ପାହାଡ ରେ ଶୁଭ ଦେବାର କାର୍ଯ୍ୟକ୍ରମ ରହିଥିଲା। ତେବେ ଏହି ଖବର ପାଇବା ପରେ ଖଣି ଖନନ କୁ ବିରୋଧ କରୁଥିବା ଲୋକେ ଏକତ୍ରିତ ହୋଇ ତୁରିଆ ନିକଟରେ ଏକାଠି ହୋଇଥିଲେ। ପରିସ୍ଥିତି ସଂପର୍କରେ ଖବର ନେବା ପାଇଁ ସେହି ବାଟ ଦେଇ ପ୍ରଥମେ କୋରାପୁଟ ଜିଲ୍ଲାପାଳ, ଏସ.ପି. ସମେତ ପଟାଂଗି ଗୋଷ୍ଠି ଉନ୍ନୟନ ଅଧିକାର, ତହସିଲଦାର, ଏବଂ ପୋଲିସ ଫୋର୍ସ ଯାଉଥିବା ସମୟରେ ତୁରିଆ ନିକଟରେ ସମସ୍ତଙ୍କୁ ଅଟକାଇଲେ । ରାସ୍ତା ଉପରେ ବସି ପ୍ରତିବାଦ କଲେ। ଜିଲ୍ଲାପାଳ, ଏସପି ସମେତ ନାଲକୋ ଅଧିକାରୀ ପ୍ରମୂଖ ଯେତେ ବୁଝାଇଲେ ବି ଗୋଟିଏ ଜିଦ ରେ ରହିଲେ ଅଟଳ। ଜିଲ୍ଲା ପ୍ରଶାସନ ଓ ନାଲକୋ ତୁମେ ଯରେ ଯାଅ। ଖଣି ଖନନ କରିବାକୁ ଆମେ ଦେବୁ ନାହିଁ। ଏପରିକି ଜିଲ୍ଲା ପ୍ରଶାସନ ଏବଂ ନାଲକୋ ବିରୁଦ୍ଧରେ ନାରାବାଜି ବି କଲେ। ବାରମ୍ବାର ବୁଝାଇବାକୁ ଚେଷ୍ଟା କରାଗଲା କିନ୍ତୁ କିଛି ସୁଫଳ ମିଳିଲା ନାହିଁ। ଶେଷରେ କେନ୍ଦ୍ର ରାଷ୍ଟ୍ର ମନ୍ତ୍ରୀ ଫେରି ଯିବାକୁ ବାଧ ହେଲେ। କାର୍ଯ୍ୟକ୍ରମ ବିଫଳ ହେଲା। ତଥାପି ଉତେଜିତ ଲୋକେ ରାସ୍ତା ଅବରୋଧ କରି ସେଠାରେ ରାତ୍ରୀ ଯାପନ କରିବା ପାଇଁ ପ୍ରସ୍ତୁତି ଚଳାଇଥିବା ଜଣା ପଡିଛି । ଖଣି ଖନନ ତଥା ଉତୋଳନ ଦ୍ୱାରା ପ୍ରଭାବିତ ହେଉଥିବା ଅଂଚଳବାସୀ ଙ୍କ ଦାବି ହେଲା, ସେରୁବନ୍ଧ ପାହାଡ ସେମାନଙ୍କ ଜିବନ ଜିବିକା ସହ ଜଡିତ। ଏଠରେ ଖଣି ଖନନ କରାଗଲେ ସେମାନଙ୍କ ଜିବନ ଜିବିକା ପ୍ରଭାବିତ ହେବ। ତେଣୁ ଏହାକୁ ସେମାନେ ଘୋର ବିରୋଧ କରିବା ସହିତ ଖଣି ଖନନ କରିବାକୁ ଦେବୁ ନାହିଁ ବୋଲି ଜିଦ ରେ ଅଟଳ ରହିଛନ୍ତି। ସେମିଳିଗୁଡା ବ୍ଲକ ଅଂଚଳର ମାଳି ପର୍ବତ ରେ ମଧ୍ୟ ଖଣି ଖନନକୁ ବିରୋଧ କରାଯିବାରୁ ଦିର୍ଘ ୧୫ ବର୍ଷ ହେଲା ଖଣି ଖନନ ପ୍ରକ୍ରିୟା ବନ୍ଦ ହୋଇ ରହିଛି।



# ଅବ୍ୟବସ୍ଥା ମଧ୍ୟରେ ପାସ୍‌ପୋର୍ଟ ସେବାକେନ୍ଦ୍ର : ଜଣେ କର୍ମଚାରୀରେ ଚାଲିଛି କାର୍ଯ୍ୟାଳୟ

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ସାଧାରର ଜନତାଙ୍କ ସୁବିଧା ପାଇଁ ବ୍ରହ୍ମପୁର ମୁଖ୍ୟ ପୋଷ୍ଟ ଅଫିସ୍ ପରିସରରେ ଖୋଲିଛି ପାସପୋର୍ଟ ସେବାକେନ୍ଦ୍ର । ପୂର୍ବରୁ ଲୋକେ ପାସ୍‌ପୋର୍ଟ ପାଇଁ ଭୁବନେଶ୍ୱର ଉପରେ ନିର୍ଭର କରୁଥିବା ବେଳେ ଏଥିପାଇଁ ଅଯଥା ଖର୍ଚ୍ଚାନ୍ତ ହେବା ସହ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପାସ୍‌ପୋର୍ଟ ସେବାକୁ ତୃଣମୂଳସ୍ତରରେ ପହଂଚାଇବା ପାଇଁ ବ୍ରହ୍ମପୁର ଠାରେ ଖୋଲିଛି ପାସ୍‌ପୋର୍ଟ ସେବାକେନ୍ଦ୍ର । ଗତ କିଛି ମାସ ଧରି ଏହି ପାସ୍‌ପୋର୍ଟ ସେବା କେନ୍ଦ୍ରରେ ଅବ୍ୟବସ୍ଥା ଦେଖାଦେଇଛି । କମ୍ପ୍ୟୁଟର ଓ ଲିଙ୍କ ସମସ୍ୟା ଯୋଗୁଁ ୪ ରୁ ୫ ମାସ ଧରି ଏଠାରେ ଲୋକେ ପାସ୍‌ପୋର୍ଟ ସୁବିଧା ପାଇପାରି ନଥିବା ବେଳେ ଲୋକଙ୍କ ଅଭିଯୋଗ ଓ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ଏହି ସମସ୍ୟାଟି ଦୂର ହୋଇଛି । ଏବେ ଏହି ପାସ୍‌ପୋର୍ଟ ସେବା କେନ୍ଦ୍ରରେ ନୂଆ ସମସ୍ୟା ଦେଖାଦେଇଛି । ପାସପୋର୍ଟ ସେବା କେନ୍ଦ୍ରରେ ଜଣେ ମାତ୍ର ଅଧିକାରୀଙ୍କ ଉପରେ ସମସ୍ତ ଦାୟିତ୍ୱ ରହିଛି । ଏହି ପାସ୍‌ପୋର୍ଟ ସେବାକେନ୍ଦ୍ରରେ ୪ ରୁ ୫ ଜଣ କର୍ମଚାରୀ ରହିବା ବଦଳରେ ଜଣେ ଅଧିକାରୀ ରହିବା ଫଳରେ ଲୋକଙ୍କ ଆବେଦନଗୁଡ଼ିକର ଯାଂଚ ଠାରୁ ଆରମ୍ଭ କରି ସେମାନଙ୍କ ଫଟୋ, ଫିଙ୍ଗର ପ୍ରିଂଟ୍ ସମେ ଅନ୍ୟାନ୍ୟ କାର୍ଯ୍ୟ ଉକ୍ତ ଅଧିକାରୀ ଜଣକ ହିଁ କରୁଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଟି ହେଉଛି, ଜଣେ ଆବେଦନକାରୀ ପାସପୋର୍ଟ ପାଇଁ ନୂତନ ଭାବେ ଆବେଦନ ହେଉ ଅବା ପୁରୁଣା ପାସ୍‌ପୋର୍ଟର ଅବଧି ଶେଷ ହେବା ପରେ ଏହାକୁ ନବୀକରଣ ହେଉ ଅବା ପାସ୍‌ପୋର୍ଟରେ କୌଣସି ତ୍ରୁଟି ରହିଥିଲେ ଏହାର ସଂଶୋଧନ କରିବା ପାଇଁ ଅନ୍‌ଲାଇନ୍‌ରେ ଆବେଦନ କରୁଛନ୍ତି । ଏଥିପାଇଁ ଆବେଦନକାରୀ ଅନ୍‌ଲାଇନ୍‌ରେ ନିର୍ଦ୍ଧାରିତ ଫି' ପ୍ରଦାନ କରୁଛନ୍ତି । ଆବେଦନ ପରେ ଆବେଦନକାରୀଙ୍କୁ ସ୍ଲଟ ବୁକିଂ କରିବା ପରେ ଏକ ତାରିଖ ଦିଆଯାଉଛି । ନିର୍ଦ୍ଧାରିତ ତାରିଖ ଓ ସମୟରେ ଆବେଦନକାରୀ ତାଙ୍କ ସମସ୍ତ କାଗଜପତ୍ର ଧରି ପାସ୍‌ପୋର୍ଟ ସେବାକେନ୍ଦ୍ର ନିକଟରେ ପହଂଚିବା ପରେ ସେଠାରେ ତାଙ୍କୁ ଆଜିର ସ୍ଲଟ ବାତିଲ ହୋଇଯାଇଥିବା କୁହାଯାଉଛି । ଫଳରେ ଦୂର ଦୂରାନ୍ତରୁ ଖର୍ଚ୍ଚାନ୍ତ ହୋଇ ଆସିଥିବା ଆବେଦନକାରୀ ନିରାଶ ହୋଇ ଫେରୁଛନ୍ତି । ଏହା ଦିନେ କିମ୍ବା ଦୁଇ ଦିନର ଘଟଣା ନୁହେଁ ନିୟମିତ ଭାବେ ଏହି ସମସ୍ୟା ରହିବା ଫଳରେ ଲୋକେ ବିରକ୍ତ ହେବା ସହ ଏଥିନେଇ ଅସନ୍ତୋଷ ପ୍ରକାଶ କରୁଛନ୍ତି । ଗୋଟିଏ ଦିନରେ ପ୍ରାୟ ୪୦ ଜଣ ଆବେଦନକାରୀଙ୍କୁ ସ୍ଲଟ ମିଳୁଥିବା ବେଳେ ସେଥିରୁ ୩୦ ଜଣଙ୍କ ସ୍ଲଟକୁ ବାତିଲ କରି ଦିଆଯାଉଥିବା ଅଭିଯୋଗ ହେଉଛି । ବାତିଲ୍ ହେବା ଶୁଣିବା ପରେ ଆବେଦନକାରୀ କାର୍ଯ୍ୟାଳୟର ଅଧିକାରୀଙ୍କ ସହ ପାଟିତୁଣ୍ଡ କରିବା ସହ ଅସନ୍ତୋଷ ପ୍ରକାଶ କରୁଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ଗୋଟିଏ ଦିନ ୪୦ ଜଣଙ୍କୁ ସ୍ଲଟ ବୁକିଂ ହୋଇଥିବା ବେଳେ ଅଧିକାଂଶଙ୍କ ବାତିଲ କରାଯାଇଥିଲା । ଫଳରେ ବିଶାଖାପାଟଣା ଠାରୁ ଆରମ୍ଭ କରି ପାରଳାଖେମୁଣ୍ଡି ସମେତ ଗଞ୍ଜାମ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଆବେଦନକାରୀ ନିରାଶ ହୋଇ ଫେରୁଛନ୍ତି । ସ୍ଲଟ ବୁକିଂ ବାତିଲ ହେବା ପରେ ପୁଣି ପୁନଃ ସ୍ଲଟ ବୁକିଂ କରିବାକୁ କୁହାଯାଉଛି । ପୁନଃ ସ୍ଲଟ ବୁକିଂ ପାଇଁ ଆବେଦନକାରୀ ବାଧ ହୋଇ କୌଣସି ନେଟ୍ ସେଂଟର କିମ୍ବା ଏ ସମ୍ପର୍କରେ ଜାଣିଥିବା ଆବେଦନକାରୀ ନିଜେ ସ୍ଲଟ ବୁକିଂ କରୁଛନ୍ତି । ପୂର୍ବରୁ ସ୍ଲଟ ବୁକିଂ ସଫଳ ହେବା ପରେ ଆବେଦନକାରୀଙ୍କ ନିକଟରୁ ଏକ ମେସେଜ୍ ଆସୁଥିଲା । ବର୍ତମାନ ମେସେଜ୍ ବି ଆସୁନଥିବା କିଛି ଆବେଦନକାରୀ ଅଭିଯୋଗ କରିଛନ୍ତି । ସେଭଳି ସ୍ଲଟ ବୁକିଂ ବାତିଲ ନେଇ ବି କୌଣସି ମେସେଜ୍ ପ୍ରଦାନ କରାଯାଉନାହିଁ । ଅନ୍ତତଃ ୨୪ ଘଂଟା ପୂର୍ବରୁ ସ୍ଲଟ ବୁକିଂ ବାତିଲ ସମ୍ପର୍କିତ ମେସେଜ୍ ମିଳିଲେ ଆମେ ଏତେ ଦୂରରୁ ଆସିନଥାନ୍ତୁ ବୋଲି କହୁଛନ୍ତି । ଆବେଦନକାରୀଙ୍କ ଏଭଳି ପ୍ରଶ୍ନର ଉତର ପାସ୍‌ପୋର୍ଟ ସେବାକେନ୍ଦ୍ର ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀଙ୍କ ନିକଟରେ ନାହିଁ । ସ୍ଲଟ ବୁକିଂ କିମ୍ବା ବାତିଲ ବ୍ରହ୍ମପୁର କେନ୍ଦ୍ରକୁ ପରିଚାଳନା ହେଉନାହିଁ । ଥରେ ସ୍ଲଟ ବୁକିଂ ବାତିଲ ହେବା ପରେ ଦ୍ୱିତୀୟ ଥର ପୁଣି ଯେ ବାତିଲ ନହେବ ତାହାର କୌଣସି ଉତର ବି କାହା ନିକଟରେ ନାହିଁ । ତୁରନ୍ତ ଏହି ସମସ୍ୟାର ସମାଧାନ ପାଇଁ ବିଭିନ୍ନ ମହଲରେ ଦାବି ହୋଇଛି । ବ୍ରହ୍ମପୁର ପାସ୍‌ପୋର୍ଟ ସେବାକେନ୍ଦ୍ର ଉପରେ କେବଳ ଦକ୍ଷିଣ ଓଡ଼ିଶା ନୁହଁ ବରଂ ପଡ଼ୋଶୀ ରାଜ୍ୟର ଲୋକେ ନିର୍ଭର କରୁଥିବା ବେଳେ ତୁରନ୍ତ ଏଠାରେ ଆବଶ୍ୟକ କର୍ମଚାରୀ ଓ ସୁରକ୍ଷା କର୍ମଚାରୀ ନିଯୁକ୍ତ କରିବାକୁ ଦାବି ହୋଇଛି । ପାସ୍‌ପୋର୍ଟ ସେବାକେନ୍ଦ୍ର ନିକଟରେ କୌଣସି ସୂଚନା ଫଳକ ବି ନାହିଁ । ଅନ୍ତତଃ ସୂଚନା ଫଳକ ରହିଲେ ଜଣେ ଆବେଦନକାରୀ ତାଙ୍କ ଆବେଦନପତ୍ରର ସ୍ଥିତି ସମ୍ପର୍କରେ ଅବଗତ ହୋଇପାରିବେ । ଯଦିଓ ବ୍ରହ୍ମପୁର ପାସ୍‌ପୋର୍ଟ ସେବା କେନ୍ଦ୍ରଟି ମୁଖ୍ୟ ଡ଼ାକ ଘର ଅଧୀନରେ କାମ କରୁଛି କିନ୍ତୁ ପୋଷ୍ଟାଲ୍ ଅଧିକାରୀଙ୍କ ଏ ଦିଗରେ କୌଣସି ନିୟନ୍ତ୍ରଣ ନାହିଁ । ପାସ୍‌ପୋର୍ଟ କର୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବା ସହ ଏହି ସମସ୍ୟାକୁ ଦୂର କରିବାକୁ ଦାବି ହୋଇଛି ।

## ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟ ଖୋଲିବାକୁ ଦାବି

**ବାଲିଗୁଡା, ନ୍ୟୁଜ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କ.ନୂଆଗାଁ ବ୍ଲକ ବଣ୍ଡଗୁଡା ପଞ୍ଚାୟତ ର ବିଲାବାଡି ଠାରେ ଥିବା ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟ ଦୀର୍ଘ ବର୍ଷ ହେବ ବନ୍ଦ ରହିଛି । ଗ୍ରାମବାସୀ ଅଭିଯୋଗ ମୁତାବକ ବିଲାବାଡି ଠାରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ତଥା ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟ ବନ୍ଦ ରହିଥିବା ରୁ ଅଞ୍ଚଳ ବାସୀ ବହୁତ ଅସୁବିଧା ସମ୍ମୁଖୀନ ହେଉଥିବା କହିଛନ୍ତି । ଅନ୍ୟ ପଟେ ସରକାର ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଉଥିବା ବେଳେ ବିଭାଗୀୟ ଅଧିକାରୀ ଙ୍କ ଅବହେଳା ଯୋଗୁଁ ବର୍ଷ ବର୍ଷ ଧରି ଚିକିତ୍ସାଳୟ ବନ୍ଦ ଥିଲେ ମଧ୍ୟ ବିଭାଗୀୟ ଚୁପ ରହିଛି । ଯାହାକୁ ନେଇ ବିଲାବାଡି ଗ୍ରାମର ଶତାଧିକ ମହିଳା ମାନେ ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟ ରେ ଉପସ୍ଥିତ ରହି ବନ୍ଦ ଥିବା ଚିକିତ୍ସାଳୟ କୁ ତୁରନ୍ତ ଖୋଲିବା ନିମନ୍ତେ ସରକାରଙ୍କୁ ଦାବି କରିଛନ୍ତି ।

## ଦାଦା-ପୁତୁରା ମାରପିଟ

# ଦାଦା ଗୁରୁତର : ପୁତୁରା କୋର୍ଟ ଚାଲାଣ

**କଳିଙ୍ଗନଗର, ନ୍ୟୁଜ ବ୍ୟୁରୋ**

ଦାନଗଦି ବ୍ଲକ ଓଲଳ ଗ୍ରାମରେ ଗତ ୧ ତାରିଖ ରେ ବାଇକ ରଖିବାକୁ ନେଇ ୨ଜଣଙ୍କ ମଧ୍ୟରେ ମାରପିଟ ଘଟିଥିଲା । ମାରପିଟରେ ସର୍ବେଶ୍ୱର ଜେନା ଗୁରୁତର ହୋଇଥିଲେ । ଏହି ଘଟଣାରେ ଆଜି ଦାନଗଦି ପୋଲିସ ସମ୍ପୃକ୍ତ ଆସାମୀକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ଓଲଳ ର ବାବାଜୀ ଜେନାଙ୍କ ପୁଅ ସନ୍ଦୀପ ଜେନା । ପୋଲିସ କେସ ନଂ ୪୮୨/୨୦୨୪ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି । ଏଠାତେ ଉଲ୍ଲେଖ ଯୋଗ୍ୟ ଯେ, ସର୍ବେଶ୍ୱର ଓ ସନ୍ଦୀପ ଉଭୟ ଦାଦା ପୁତୁରା ହେବେ । ଯାହାସ ଫଳରେ ଗୋଟିଏ ସ୍ଥାନରେ ସ୍ଥାନ ରେ ଗାଡି ରଖିବାକୁ ନେଇ ଦୁଇ ଜଣଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗିଥିଲା । ଗାଣ୍ଡିଗୋଳ ରେ ପୁତୁରା ମାଡ଼ରେ ଦାଦା ସର୍ବେଶ୍ୱର ଗୁରୁତ୍ୱର ହୋଇ ସ୍ଥାନୀୟ ଦାନଗଦି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା । ହେଲେ ପ୍ରାଥମିକ ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନା କୁ ଅଧିକ ଚିକିତ୍ସା ପାଇଁ ସ୍ଥାନାନ୍ତରିତ କରାଯାଇଥିଲା । ଏବେ ସେ କଟକରେ ଚିକିତ୍ସିତ ଅଛନ୍ତି । ଏ ସମ୍ପର୍କରେ ସର୍ବେଶ୍ୱରଙ୍କ ସ୍ତ୍ରୀ ରାନୁ ଜେନା ଦାନଗଦି ପୋଲିସ ଠାରେ ଅଭିଯୋଗ କରିବା ପରେ ପୋଲିସ ସନ୍ଦୀପକୁ ଗିରଫ କରିଥିଲା ।

# ସର୍ପାଘାତରେ ମହିଳାଙ୍କ ମୃତ୍ୟୁ

**ରମ୍ଭା, ନ୍ୟୁଜ ବ୍ୟୁରୋ**

ରମ୍ଭା ଥାନା ଇଲାକା ଏଚ. ବୁରୁଡ଼ି ଗ୍ରାମରେ ବିଷଧର ସର୍ପ ଆଘାତରେ ଜୈନିକ ମହିଳାଙ୍କ ମୃତ୍ୟୁ ଘଟିଛି ।ମୃତ ମହିଳା ଜଣଙ୍କ ହେଲେ ଉକ୍ତ ଗ୍ରାମର ସୁକାନ୍ତ ଦଳାଇଙ୍କ ସ୍ତ୍ରୀ ପୁଷ୍ପାଲତା ଦଳାଇ(୪୫) । ପ୍ରତ୍ୟେକ ଦିନ ପରି ଆଜି ସକାଳ ୮ ଘଣ୍ଟା ସମୟରେ ପୁଷ୍ପା ନିଜ ଚାଷ ଜମିରେ କାର୍ଯ୍ୟରତ ଥିବା ସମୟରେ ଏକ ବିଷଧର ସାପ ତାଙ୍କ ଗୋଡ଼କୁ କାମୁଡ଼ିବା ଫଳରେ ସେଠାରେ ଗୁରୁତର ହୋଇଥିଲେ ।ପଡ଼ୋଶୀ ଚାଷୀମାନେ ଗୁରୁତର ମହିଳାଙ୍କୁ ଉଦ୍ଧାର କରି ପରିବାରକୁ ଖବର ଦେବା ସହ ତୁରନ୍ତ ଛତ୍ରପୁର ସରକାରୀ ମେଡିକାଲକୁ ନେଇଥିଲେ ।ସେଠାରେ ଡାକ୍ତର ଗୁରୁତର ପୁଷ୍ପାଙ୍କୁ ମୃତ ଘୋଷଣା କରିଥିଲେ ।ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ବିଷଧର ସର୍ପକୁ ଚିହ୍ନଟ କରାଯିବ ବୋଲି ପରିବାର ଲୋକେ କହିଛନ୍ତି ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୧୨।୮।୨୦୨୪, ଶ୍ରାବଣ ଦି୨୮ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୫।୨୬।୦୫** **ଚନ୍ଦ୍ରୋଦୟ- ଦିଘ୧୧।୪୧।୧୨**

**ସପ୍ତମୀ**- ଦିଘ ୭।୫୬ ପର୍ଯ୍ୟନ୍ତ । **ସ୍ୱାତୀ ନକ୍ଷତ୍ର** - ଦିଘ ୮।୩୨ ପର୍ଯ୍ୟନ୍ତ । **ତୁଳା ଚନ୍ଦ୍ର**- ରାଘ ୪।୧୪ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି**- ମେଷ, ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । ରାଘ ୪।୧୪ ଗତେ ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର**- ନାସ୍ତି । **ଶ୍ରାଦ୍ଧନିର୍ଣ୍ଣୟ**- ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ**- ତାଳ ଦିଘ ୭।୫୬ ପରେ ନଡ଼ିଆ ଖାଇବା ମନା । **ଆଜିର ଶୁଭବେଳା**- ପ୍ରାଘ ୫।୩୦ ଗତେ ଘ ୭।୦୫ ମଧ୍ୟେ । ଦିଘ ୧୦।୩୭ ଗତେ ଘ ୧।୦୭ ମଧ୍ୟେ । **ପର୍ବୋତ୍ସବ** - ବିଶ୍ୱ ଯୁବ ଦିବସ, ଗୋସ୍ୱାମୀ ତୁଳସୀ ଦାସ ଜୟନ୍ତୀ ।


**ମେଷ:** ବ୍ୟବସାୟରେ ଲାଭବାନ୍ ହେବେ । ରୋଜଗାରରେ ଉନ୍ନତି ଦେଖାଦେବ । ପାରିବାରିକ ଜୀବନରେ ସୁଖ ଶାନ୍ତି ବିରାଜମାନ କରିବ । କଚେରି ମାମଲାରେ ଶୁଣାଣି ଆପଣଙ୍କ ସାପେକ୍ଷ ଜନିତ ହେବ ।


**ବୃଷ:** ଶତ୍ରୁମାନଙ୍କ ପ୍ରତି ସତର୍କତା ଅବଲମ୍ବନୀୟ । ଅନେକ ଦିନରୁ ବାକିଥିା ଅର୍ଥଟି ମିଳିପାରେ । ଘରେ ଆନନ୍ଦ ଦେଖାଦେବ । ଉତ୍ତମ ଭୋଜନ ମିଳିପାରେ । ମହିଳାମାନେ ସୁଖୀ ହେବେ ।


**ମିଥୁନ:** ଅନେକ ସ୍ତରରୁ ଲାଭବାନ୍ ହେବେ । ଆର୍ଥିକ ସ୍ଥିତି ଭଲ ରହିବ । ଘରେ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ଦେହ ଓ ମନ ଭଲ ରହିବ । ବନ୍ଧୁଙ୍କ ସାହାଯ୍ୟ ସହଯୋଗ ଲାଭ କରି ଉପକୃତ ହେବେ ।


**କର୍କଟ:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ଲାଭ କରି ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ କରିବେ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ । ମନ ଭଲ ରହିବ।


**ସିଂହ:** ଶୁଭ କାର୍ଯ୍ୟ ପାଇଁ ଦିନଟି ଉତ୍ତମ ଅଟେ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ଘରେ ଆନନ୍ଦ ଦେଖାଦେବ । ପରୋପକାରୀ ହେବେ । ସାମାଜିକ ସତରରେ ସମ୍ମାନିତ ହେବାର ସୂଚନା ।


**କନ୍ୟା:** ବନ୍ଧୁଙ୍କ ସହ ମତାନ୍ତର ଦେଖାଦେବାର ସୂଚନା । ମନ ଅସ୍ଥିର ରହିବ । କଚେରି ମାମଲାରେ ଶୁଣାଣି ବିଳମ୍ବ ହେବ । ବ୍ୟୟର ପରିମାଣ ବଢ଼ିବ । ଘରେ କଳହ ଓ ଅଶାନ୍ତି ଦେଖାଦେବାର ସୂଚନା ।


**ତୁଳା:** ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ । ଦୂରଯାତ୍ରା କରି ସଫଳତା ଅର୍ଜନ କରିବେ । ଶରୀର ସୁସ୍ଥ ରହିବ । ରୋଜଗାର ଭଲ ହେବ । ଘରେ ସୁଖ ଶାନ୍ତି ବିରାଜମାନ କରିବାର ସୂଚନା ।


**ବିଛା:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହୋଇପାରେ। ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକ ହେବ । କିଛି କଥାକୁ ନେଇ ଟେନ୍‌ସନ୍‌ର ମାତ୍ରା ବଢ଼ିପାରେ । ଘରେ କଳହ ଓ ଦ୍ୱନ୍ଦ୍ୱ ହୋଇପାରେ ।


**ଧନୁ:** ପ୍ରତ୍ୟେକ କାର୍ଯ୍ୟରେ କୃତ କାର୍ଯ୍ୟ ହେବେ । ଆୟ ଓ ବ୍ୟୟ ସମାନ ରହିବ। ଘରେ ଆନନ୍ଦ ଦେଖାଦେବ । ଦେହ ଓ ମନ ଭଲ ରହିବ । ଶୁଭ କାର୍ଯ୍ୟରେ ଯୋଗଦାନ ଦେବେ । ମହିଳାମାନେ ସୁଖୀ ହେବେ ।


**ମକର:** ଯଶସ୍ୱୀ ହେବେ । ସାମାଜିକ ସ୍ତରରେ ମାନ ମର୍ଯ୍ୟାଦା ବୃଦ୍ଧି ପାଇବ । ଶତ୍ରୁ ନାଶ ହେବେ । ଆର୍ଥିକ ସ୍ଥିତି ଭଲ ରହିବ। ପାରିବାରିକ ଜୀବନ ସୁଖମୟ ହେବ । ଧର୍ମ କାର୍ଯ୍ୟ କରିବାର ସୁଯୋଗ ସୃଷ୍ଟି ହୋଇପାରେ ।


**କୁମ୍ଭ:** ବ୍ୟବସାୟରେ ଲାଭବାନ୍ ହେବେ । ଶରୀର ଅସୁସ୍ଥ ହୋଇପାରେ । ବ୍ୟୟର ମାତ୍ରା ଅଧିକ ହେବ । ଘରେ ଅଶାନ୍ତି ଦେଖାଦେଇପାରେ । ମାଲିମୋକଦ୍ଦମାରେ ଶୁଣାଣି ବିଳମ୍ବ ହୋଇପାରେ । ମନ ଅସ୍ଥିର ରହିବ ।


**ମୀନ:** ଲୋକପ୍ରିୟତା ବୃଦ୍ଧି ପାଇବ । କାର୍ଯ୍ୟକ୍ଷେତ୍ରରେ ସଫଳତା ଦେଖାଦେବ। ଦେହ ଭଲ ରହିବ । ଘରେ ଆନନ୍ଦ ଦେଖାଦେବ । ପରୋପକାରୀ ହେବେ । ଆୟରେ ଉନ୍ନତି ଦେଖାଦେବ । ଦୂରଯାତ୍ରା କରିପାରନ୍ତି ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୧୩।୮।୨୦୨୪, ଶ୍ରାବଣ ଦି୨୯ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୫।୨୬।୦୫** **ଚନ୍ଦ୍ରୋଦୟ- ଦିଘ୧୧।୪୧।୧୨**

**ଅଷ୍ଟମୀ**- ଦିଘ ୯।୩୨ ପର୍ଯ୍ୟନ୍ତ । **ବିଶାଖାନକ୍ଷତ୍ର** - ଦିଘ ୧୦।୪୩ ପର୍ଯ୍ୟନ୍ତ । **ବିଛାଚନ୍ଦ୍ର**- ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି**- ବୃଷ, ମିଥୁନ, କନ୍ୟା, କର୍କଟ, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର**- ନାସ୍ତି । **ଶ୍ରାଦ୍ଧନିର୍ଣ୍ଣୟ**- ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ**- ନଡ଼ିଆ ଦିଘ ୯/୩୨ ପରେ ଲାଉ ଖାଇବା ମନା । **ଆଜିର ଶୁଭବେଳା**- ଦିଘ ୮।୪୧ ଗତେ ଘ ୧୦।୩୫ ମଧ୍ୟେ । ଦିଘ ୧ ।୮ ଗତେ ଘ ୧।୨୬ ମଧ୍ୟେ ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ଦେଶର ଛୋଟ ସହରଗୁଡ଼ିକ ନିଯୁକ୍ତି ସୃଷ୍ଟିରେ ଆଗରେ ଓଡ଼ିଶା

ଦେଶର ଛୋଟ ସହରଗୁଡ଼ିକ ନିଯୁକ୍ତି ସୃଷ୍ଟିରେ ଆଗରେ ରହିଛନ୍ତି । ଭୁବନେଶ୍ୱର ସମେତ କୋଏମ୍ବାଟୁର, ଭାଇଜାଗ, ଚଣ୍ଡିଗଡ଼, ଇନ୍ଦୋର ଓ ବିଜୟୱାଡ଼ା ଭଳି ଅଣ ମେଟ୍ରୋ ସହରଗୁଡ଼ିକରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି । ଏହି ସହରଗୁଡ଼ିକରେ ହ୍ୱାଇଟ୍-କଲାର (ଅଧିକାରୀ ସ୍ତରୀୟ) ନିଯୁକ୍ତି ଅଧିକ ସୃଷ୍ଟି ହୋଇଛି ବୋଲି ଏକ ରିପୋର୍ଟରୁ ଜଣାପଡ଼ିଛି । ମୁଖ୍ୟତଃ ସୁଟ୍ ପରିଧାନ କରି କାର୍ଯ୍ୟ କରୁଥିବା ଅଧିକାରୀମାନଙ୍କୁ ମାନବ ସମ୍ବଳ ପରିଭାଷାରେ ହ୍ୱାଇଟ୍-କଲାର ଅଧିକାରୀ କୁହାଯାଉଛି ।

ମାଇଁ ଆରକ୍ଲାଉଡ୍ ତରଫରୁ କରାଯାଇଥିବା ଏକ ସର୍ବେକ୍ଷଣ ଅନୁସାରେ ଛୋଟ ସହରଗୁଡ଼ିକ ମଧ୍ୟରେ ନିଯୁକ୍ତି ସୃଷ୍ଟି କରିବାର ହଟ୍‌ସ୍ପଟ୍ ଭାବେ ତାମିଲନାଡୁ, ଓଡ଼ିଶା, ଗୁଜରାଟ ଓ ମହାରାଷ୍ଟ୍ର ଉଭା ହୋଇଛନ୍ତି । ଏହି ରାଜ୍ୟଗୁଡ଼ିକର ଛୋଟ ସହରରେ ଅଧିକ ନିଯୁକ୍ତି ସୃଷ୍ଟି ହୋଇଛି । ରିପୋର୍ଟ ଅନୁସାରେ ମେଟ୍ରୋ ଭଳି ବଡ଼ ସହରଗୁଡ଼ିକରେ ନିଯୁକ୍ତି ହ୍ରାସ ପାଇଥିବା ବେଳେ ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ସହରଗୁଡ଼ିକରେ ବଢ଼ିଛି । ହ୍ୱାଇଟ୍-କଲାର ନିଯୁକ୍ତି ବର୍ଗରେ ମାନୁଫାକ୍‌ଚରିଂ ଓ ଆର୍ଥିକ ସେବା କ୍ଷେତ୍ରରେ ଅଧିକ ନିଯୁକ୍ତି ସୃଷ୍ଟି ହୋଇଛି । ଦେଶର ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ଶ୍ରେଣୀ ସହରଗୁଡ଼ିକରେ ବର୍ଷକ ଭିତରେ ୧୭ ଲକ୍ଷ ନୂଆ ନିଯୁକ୍ତି ସୃଷ୍ଟି ହୋଇଥିବା ବେଳେ ବଡ଼ ସହରଗୁଡ଼ିକରେ ତା'ଠାରୁ କମ୍ ୧୫ ଲକ୍ଷ ନିଯୁକ୍ତି ସୃଷ୍ଟି ହୋଇଛି । ଅଧିକାଂଶ ନିଯୁକ୍ତି ଅଭିଜ୍ଞତାଭିତ୍ତିକ ଥିଲା । ୬-୧୦ ବର୍ଷ ଅଭିଜ୍ଞତା ଥିବା ପ୍ରାର୍ଥୀମାନଙ୍କୁ ବାର୍ଷିକ ୭-୧୦ ଲକ୍ଷ ଟଙ୍କାର ବେତନ ପ୍ୟାକେଜ୍ ମିଳିଥିଲା । ବର୍ଷକ ପୂର୍ବେ ବଡ଼ ସହରଗୁଡ଼ିକରେ ୧୬ ଲକ୍ଷ ୫୦ ହଜାର ନିଯୁକ୍ତି ସୃଷ୍ଟି ହୋଇଥିଲା । ଛୋଟ ସହରଗୁଡ଼ିକରେ ନିଯୁକ୍ତି ବଢ଼ିବାର କାରଣ ସମ୍ପର୍କରେ ରିପୋର୍ଟରେ କୁହାଯାଇଛି ଯେ ଇସ୍ପାତ କଂପାନି, ମେସିନ ନିର୍ମାତା, କାର୍ବନ ଉତ୍ପାଦ ନିର୍ମାତା ଓ ରେସ୍ତୋରାଁଗୁଡ଼ିକ ଛୋଟ ସହରଗୁଡ଼ିକରେ ସେମାନଙ୍କ କାରବାର ସମ୍ପ୍ରସାରଣ କରୁଥିବାରୁ ସେହି ଅଞ୍ଚଳରେ ଅଧିକ ନିଯୁକ୍ତି ସୃଷ୍ଟି ହେଉଛି । ପ୍ରଯୁକ୍ତି କ୍ଷେତ୍ରରେ ମାନ୍ଦାବସ୍ଥା ରହିଥିବାରୁ ବଡ଼ ସହରରେ ନିଯୁକ୍ତି ସୃଷ୍ଟି ହ୍ରାସ ପାଇଛି । ବୋରୋସିଲ୍ ଇଣ୍ଡିଆ, ସେଣ୍ଟ-ଗୋବେନ୍, ଟେକ୍ ମହିନ୍ଦ୍ରା ଭଳି ସଂସ୍ଥା ଛୋଟ ସହରରେ ନିଯୁକ୍ତି ଦେବାରେ ଆଗରେ ରହିଛନ୍ତି ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

**'ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା,**
**କମଳା, ଶ୍ରୀ ହରପ୍ରିୟା**
**ଇନ୍ଦିରା, ଲୋକ ମାତା, ମା'**
**କ୍ଷୀରବ୍ଧୀ ତନୟା ରମା ।'**

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢି ଥୋକେ
ଭଗବାନ ହେଲେ
ରାମାୟଣ ପଢି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ
(୧୫୨)

କୋରାନ୍‌କୁ ପଢି ଥୋକେ
ନିର୍ବିକାର ହେଲେ
ବାଇବେଲ୍ ପଢି ଥୋକେ
ସେବା କାର୍ଯ୍ୟ କଲେ
(୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡି ଜୀବ
ଭାବ ନ ବୁଝିଲେ (୧୫୪)

ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)

ଏକାକ୍ଷର ଏକ ପଦ
ଓଁ କାରୁ କ୍ଷରୁଛି
ଭାବ ଜାଣି ସେବା କଲେ
ଉଦ୍ଧାର ହେଉଛି (୧୫୭)

ରକ୍ତ, ମାଂସ, ହାଡ, ଦେହ
ପୂଜା ପାଉଅଛି
କଳି ଯୁଗେ ଜଗନ୍ନାଥ
କାଠ ହୋଇଅଛି (୧୫୮)

କାହିଁ ପାଇଁ ଭଗବାନ
ଦାରୁ ପାଲଟିଲେ
କହି ପାରିବ ଭକତ
ପ୍ରଭୁ ସେବିଥିଲେ (୧୫୯)

ତିନି ଯୁଗେ ଯୋନିଜନ୍ମ
ପ୍ରଭୁ, ହୋଇଥିଲେ
ତନ୍ତ୍ର ମନ୍ତ୍ର ଯନ୍ତ୍ର ତତ୍ତ୍ୱେ
ଶରୀରେ ଖେଳିଲେ
(୧୬୦)

ତେଣୁ କରି ଶୂନ୍ୟତତ୍ତ୍ୱ
କଳିରେ ହୋଇଛି
ନିର୍ବିକାର ଭାବମାନ
ଗୁପତେ ଖେଳୁଛି (୧୬୧)

(କ୍ରମଶଃ)

# ରାଜା ଅବୁଝା


ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

ରାଜା ଅବୁଝା । ରାଜତନ୍ତ୍ର ମୁଣ୍ଡରେ ଅପବାଦର ପସରା, କେତେକେତେ କଳଙ୍କର ଟୀକା । ସ୍ୱେଚ୍ଛାଚାରୀ, ଅତ୍ୟାଚାରୀ, ପରସ୍ୱାପହାରୀ, ପ୍ରଜାପୀଡ଼କ ରାଜାଏ - ଏମାନେ ସବୁକାଳରେ ନିନ୍ଦାର ପାତ୍ର । ସେଇଥି ପାଇଁ କଥାରେ ଅଛି - "ରାଜା ଖାଏ ତଣ୍ଡି ।" ତା' ସହିତ ଆଉ ଗୋଟେ ଉପମା ଯୁକ୍ତ - 'କେଳା ଖାଏ ଭଣ୍ଡି' । ଏ ପ୍ରସଙ୍ଗଟି ଜନଚିତ୍ତରେ ଏବେ ବି ସତେଜ । ଆଜି ସମୟ କାହିଁ କେତେ ଆଗରେ । ମହାନଦୀରେ ଢେର୍ ପାଣି ବହିଗଲାଣି । ଏବେ ନାହିଁ ରାଜତନ୍ତ୍ର । ନାହାନ୍ତି ସେଇ ରାଜାଏ । ତଥାପି ବିଲାତରେ ଜୀଇଁଛି ରାଜତନ୍ତ୍ର । ଇଂରେଜମାନେ ପରମ୍ପରା ପ୍ରିୟ, ବିଲୋପ କରିନାହାନ୍ତି ରାଜାଙ୍କର ମାନସମ୍ମାନକୁ । ସେଠାରେ ଚାଲିଛି ସାମ୍ବିଧାନିକ ରାଜତନ୍ତ୍ର । ରାଜା ନାଁକୁ ମାତ୍ର । ବ୍ରିଟନ୍ ରାଜାଙ୍କୁ ନେଇ ସୁନ୍ଦର ଆଳଙ୍କାରିକ ପ୍ରୟୋଗଟେ - 'ରାଜା କିଛି ଭୁଲ କରିପାରିବେନି ।' ରାଜ୍ୟର ହାନିଲାଭ, ସବୁ ସଂସଦ ହାତରେ । ଦିନଥିଲା, କେଉଁ ରାଜା କହୁଥିଲେ ସେ 'ରାଷ୍ଟ୍ର', ଆଉ କିଏ ଈଶ୍ୱରଙ୍କ ପ୍ରତିନିଧି । ମନଇଚ୍ଛା ଚାଲିଥିଲା ଶାସନ । ପ୍ରଜାକୁଳ ଭୟକାତର । ପ୍ରତିବାଦ, ପ୍ରତିରୋଧର 'ଯୁ' ନଥିଲା । ମୁହଁ ଖୋଲିଲେ କଠୋର ଶାସ୍ତି । ରାଜା ଅବୁଝା, ତାଙ୍କ ସାଙ୍ଗକୁ ପାରିଷଦବର୍ଗ । ସେମାନେ ଶିବଙ୍କ ସାପ, ପକ୍ଷିରାଜ ଗରୁଡ଼ଙ୍କୁ ଖାତିର ନାହିଁ । ଆଉ ଦଳେ ଚାଟୁକାର । କଥା କଥାରେ ଖୋସାମତି - ରାଜାଙ୍କ ଲାଞ୍ଜ ସୁନ୍ଦର, ପୁଚ୍ଛ ସୁନ୍ଦର । ତାଙ୍କରି କଥାରେ ରାଜା । ବିଚରା ପ୍ରଜାର ଦୁରବସ୍ଥା । ଏଭଳି ସ୍ଥିତିକୁ ନେଇ ଚମତ୍କାର ଲୋକ କଥାଟିଏ - "ଅବୁଝା ରାଜାଙ୍କୁ, ପାଳବିଣ୍ଡା ମନ୍ତ୍ରୀ ।" ଏକଥାଟି କେହି ବୁଝୁ ବା ନବୁଝୁ, ବୁଝିଥିଲେ କବିଚନ୍ଦ୍ର ଡକ୍ଟର କାଳୀଚରଣ ପଟ୍ଟନାୟକ । ବାରିପଦାର ଘଟଣା । ମହାରାଜା ପୂର୍ଣ୍ଣଚନ୍ଦ୍ର ଦେବ, ବେଶ୍ କଳାପ୍ରିୟ, ରସିକ ମଧ୍ୟ । ଅତ୍ୟନ୍ତ ଗୁଣୀ । ମାତ୍ର ଭଳିଲେ ପାଖଲୋକଙ୍କ କଥାରେ । କାଳୀଚରଣ ଜଣେ ନାଁକରା ସଙ୍ଗୀତ-ନାଟକ-ବିଶାରଦ - ଏକଥାକୁ ଭୁଲିଲେ । ଶେଷରେ କାଳୀଚରଣ ଛାଡ଼ିଲେ ବାରିପଦା । ସେଇ ସବୁ ଦୁଃଖଦ କଥାକୁ ଲେଖିଛନ୍ତି ଆତ୍ମଲିପି 'କୁମ୍ଭାରଚକ'ରେ । ରାଜତନ୍ତ୍ରର ଏକଦେଶଦର୍ଶୀ ନ୍ୟାୟ, ଏହାର ନିଖୁଣ ଚିତ୍ର ପୁସ୍ତକଟିରେ ବର୍ଣ୍ଣିତ । 'ରାଜା ବୁଝିଲେ ପାଚିଲା ଧାନରେ ମଇ' - ଏହାର ଜ୍ୱଳନ୍ତ ସାକ୍ଷୀ କାଳୀଚରଣ ।

ବାରିପଦାରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଉପସ୍ଥିତି । ବହୁ ଭାବେ ପ୍ରଭାବିତ ହେଲେ କାଳୀଚରଣ । ବ୍ୟଙ୍ଗ ସାହିତ୍ୟ ରଚନାରେ କାନ୍ତକବିଙ୍କ ଅପୂର୍ବ ଦକ୍ଷତା । ସେ କାଳୀଚରଣଙ୍କ ଅଗ୍ରଜ ପ୍ରତିମ । ଏକାଠି ବସାଉଠା, ଖିଆପିଆ, କିଛିଦିନ ବିତିଲା । ଲକ୍ଷ୍ମୀକାନ୍ତଙ୍କ ବ୍ୟଙ୍ଗକବିତା ଆଡ଼େ କାଳୀଚରଣଙ୍କ ମନ ଢଳିଲା । ମଣିଷ ବିଚାରେ ଆନ - ଦଇବ ବିଚାରେ ଆନ । କାଳୀଚରଣ ଲେଖିଲେ ଗୁଡ଼ିଏ ବ୍ୟଙ୍ଗକବିତା । ଏଥିରେ ଦେଶ-କାଳ-ପାତ୍ରର ସମାଲୋଚନା କରାଯାଇଥିଲା । ପାଣ୍ଡୁଲିପିଟି ପଢ଼ିଲେ ବାଗ୍ମୀ ବିଶ୍ୱନାଥ କର । ବେଶ୍ ଆନନ୍ଦିତ ହେଲେ । କବିତାଗୁଡ଼ିକ ବହିର ରୂପରେଖ ନେଲା । ଛପା ହେଲା କଟକ ଉତ୍କଳ ପ୍ରେସ୍‌ରେ (୧୯୨୫) । ବହିଟିର ନାଁ 'ହାଲଫେସନ' । କାଳୀଚରଣଙ୍କ ଆନନ୍ଦ କହିଲେ ନସରେ । ନାଟକ ଲେଖୁଥିଲେ, ଲେଖିଲେ ବ୍ୟଙ୍ଗ କବିତା । ଈଶ୍ୱରଙ୍କୁ ଶତ ଧନ୍ୟବାଦ ଦେଲେ । ବିଭିନ୍ନ ସ୍ଥାନକୁ ବହି ପଠାଇଲେ । ଚିହ୍ନା ପରିଚୟ ଥିବା ଅନେକ ତାଙ୍କୁ ବଧେଇ ଜଣେଇଲେ । କାଳୀଙ୍କ ଆଗ୍ରହ ବହୁଗୁଣିତ ହେଲା । ବାରିପଦାରେ ତାଙ୍କର ସ୍ୱତନ୍ତ୍ର ସମ୍ମାନ । ମହାରାଜା ପୂର୍ଣ୍ଣଚନ୍ଦ୍ର, ଭାବୀ ମହାରାଜା ଛୋଟରାୟ, ଲାଲ୍‌ସାହେବ - ଏମାନଙ୍କ ସେ ପ୍ରିୟପାତ୍ର । ଢେର୍ ଆଦର ଯତ୍ନ ମିଳୁଥିଲା ତାଙ୍କଠାରୁ । ଛୋଟଲାଲ୍ ସାହେବଙ୍କ ଅଲିଅଳୀ କନ୍ୟା ରହସ୍ୟମଞ୍ଜରୀ । କାଳୀଚରଣ ତାଙ୍କୁ ଗୀତ ଶୁଣାନ୍ତି । କାଳୀଚରଣ ତ ଉତ୍ସାହିତ ହେଇ ଯାଇଥିଲେ । ରାଜା, ତାଙ୍କ ରାଜପାରିଷଦବର୍ଗ, ସମସ୍ତଙ୍କୁ ଖଣ୍ଡେ ଖଣ୍ଡେ 'ହାଲ ଫେସନ୍' ବହି ଉପହାର ଦେଲେ । ସେଇଟି ତାଙ୍କ ପାଇଁ ଆଣିଲା ବିପତ୍ତି । ସୃଷ୍ଟି ହେଲା ନାହିଁ ନଥିବା ଝଡ଼ ବତାସ । ନୂଆକରି ଚେର ଦେଇଥିବା ବଟବୃକ୍ଷଟି ଭୂଶାୟୀ ହେଲା । ବିନା ମେଘେ ବଜ୍ରପାତ । ରାଜା ବହି ପଢ଼ି ମନ ଊଣା କଲେ । କାଳୀଙ୍କ ପାଇଁ ଦୁର୍ଦ୍ଦିନ ମାଡ଼ି ଆସିଲା ।

ଗେଲରୁ ତେଲ । ସ୍ରଷ୍ଟା ସୃଷ୍ଟି କରେ । କଳା କାରିଗରୀ ପଣ ଏକ ଐଶିକ ଆଶୀର୍ବାଦ । ଚୁଲିରେ ଜାଳ ଜୋର୍ ଜଳେ । ଭାତ ହାଣ୍ଡିର ପେଜ ଉତୁରି ପଡ଼େ । ସେମିତି ଆସେ ଆବେଗ ମୁହୂର୍ତ୍ତ, ଭାବ ଗଦ୍‌ଗଦେଇ ଉଠେ । ସେତେବେଳେ ସ୍ରଷ୍ଟା କାଳିସୀ ଲଗା ମଣିଷ, ନିଜ ଆୟତ ବାହାରେ । ସେଇ ମୁହୂର୍ତ୍ତର ସୃଷ୍ଟି 'ହାଲଫେସନ୍' । ନା ବୁଝିଲେ ରାଜା, ନା ଅନୁଭବ କଲେ ତାଙ୍କ ପାଖ ଲୋକ । ବ୍ୟଙ୍ଗସାହିତ୍ୟର ମର୍ଯ୍ୟାଦା ସ୍ୱତନ୍ତ୍ର । ଏହା ବ୍ୟକ୍ତିକୈନ୍ଦ୍ରିକ ନୁହେଁ । ମାନବ ସଭ୍ୟତାର ହିତ କଳ୍ପେ ତାହା ସୃଷ୍ଟି । ଏକଥାଟି ବୁଝି ନ ଥିଲେ ରାଜା ପୂର୍ଣ୍ଣଚନ୍ଦ୍ର । କାଳୀଚରଣଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିଲା । ଏ ପ୍ରସଙ୍ଗ କିଛି ନୂଆ ନୁହେଁ । ବହୁ ନାମୀ ଲେଖକ କଳାକାରଙ୍କର ସମଦଶା, ଭାରତ କାହିଁକି ସାରା ପୃଥିବୀରେ । କଳା କାଳରେ ସୃଷ୍ଟି ହୁଏ, ହୋଇଯାଏ କାଳଜୟୀ । କଳାକାର ପାଲଟେ ସାଧାରଣରେ ଅସାଧାରଣ । ଏକଥାଟି ବୁଝିପାରି ନଥିଲେ ମହାରାଜା ପୂର୍ଣ୍ଣଚନ୍ଦ୍ର । ସେ ପାଖଲୋକଙ୍କ କାନକୁହାକୁ ଶୁଣୁଥିଲେ । ରାଜଦରବାରରେ କାଳୀଚରଣଙ୍କ ଖ୍ୟାତି । ସେଇସବୁ ଖଳଙ୍କୁ ଅସହଣୀ କରିଦେଲା । ସେମାନଙ୍କ ଆଖିରେ କାଳୀଚରଣ ଶୁଖୁଆ କଣ୍ଟା । ସେମାନେ ବେଳ ଉଣ୍ଡି ପ୍ରତିଶୋଧ ନେଲେ ।

'ହାଲଫେସନ୍' କୌତୁକ ରସ ବିମଣ୍ଡିତ । ପାଠକଙ୍କୁ ଯୋଗାଇଲା ଭରପୂର ଆନନ୍ଦ । ପଢ଼ିଲେ ହସ ଅସମ୍ଭାଳ । ମହାରାଜା ପୂର୍ଣ୍ଣଚନ୍ଦ୍ର ସେଇ ରୀତିରେ ବହିଟିକୁ ଗ୍ରହଣ କରିବେ - ଏ ଧାରଣାଟି ଥିଲା କାଳୀଚରଣଙ୍କର । ତାହା ଭୁଲ ପ୍ରମାଣିତ ହେଲା । କାଳୀଚରଣ ଅତି ଖୁସିରେ ରାଜାଙ୍କୁ ବହିଟି ଦେଇଥିଲେ । ସେଥିରୁ ଦି' ଚାରିଟା କବିତା ପଢ଼ି ଶୁଣାଇଲେ । ରାଜା ବି ଖୁସି ହେଲେ । ପାଞ୍ଚ ସାତ ଦିନ ବିତିଲା । ରାତି ଗୋଟାଏ, ରାଜାଙ୍କ ଠାରୁ ଡାକରା ଆସିଲା ! ହାଜର ହେଲେ କାଳୀଚରଣ । ସଭା ଗମ୍ଭୀର । ମହାରାଜାଙ୍କୁ ବେଢ଼ିଛନ୍ତି ଜଣ କେତେ ମୋସାହେବ । ଟେବୁଲ ଉପରେ ପଡ଼ିଛି 'ହାଲଫେସନ୍' ବହିଖଣ୍ଡିକ । କେହି ବି କହିଲେନି ବସିବାକୁ । ବାବୁସାହିର ଜଣେ ଯୁବକ, ଅଧାଖନା, କାଗଜ ଖଣ୍ଡିଏ ବଢ଼ାଇ ଦେଲେ । କାଳୀ ପଢ଼ିଲେ । ଲେଖାଥିଲା "ଧନ୍ୟ ହେ ବିଦେଶୀ ଫ୍ରେଣ୍ଡ / ଖାଇଲ ରାଜାଙ୍କ ଅନ୍ନଶେଷରେ ବସିଲ ତୁମେ / ମୁଡ଼ିତେ ରାଜାଙ୍କ କର୍ଣ୍ଣ ।" କାଳୀଚରଣ ହତ ଚକିତ । ନାହିଁ ମେଘ, ପବନ, ଘନଘନ ଘଡ଼ଘଡ଼ି, ନାହିଁ ନଥିବା ବିଜୁଳିର ଚମକ - ଏମିତି ଅନୁଭବ କଲେ । ସମସ୍ତେ ନିରବ । ମହାରାଜା ଅତି ଗମ୍ଭୀର । ଆଉ ଜଣେ ଉପରେ ପଡ଼ି କହିବାକୁ ଆରମ୍ଭ କଲେ । 'ହାଲଫେସନ୍' ଆପଣ ଲେଖିଛନ୍ତି ତ ? ଏମିତି ଜେରା ଚାଲିଲା । ବହିଟି ଛପା ହେଇଥିଲା ଛଦ୍ମ ନାମରେ । ଲେଖକ 'ଶ୍ରୀ-ଚଣ୍ଡୀ' । ସେଇଥି ପାଇଁ ଗୁଡ଼େଇ ତୁଡ଼େଇ ପ୍ରଶ୍ନବାଣ । କାଳୀଚରଣ ନିର୍ଭୀକ । ସତ କଥାଟି କହିଲେ । ପୁଣି ନିର୍ଦ୍ଦେଶ ହେଲା ଆଉଗୋଟେ କବିତା ପଠନ ପାଇଁ । ସେଇ କବିତାଟି ଥିଲା - "ମଦ ତାଳି ତାଳି ପିଟିଲେ / ରାଜା ଦେଲେ ତାଳ / ଚଳୁ କଲା ଚାକର ଯେବେ / ସେ ଶଳା ମାତାଲ ।" କାଳୀଚରଣ ଆବୃତ୍ତି କରୁଥାଆନ୍ତି, ରାଜା କ୍ରୋଧରେ ନିଆଁବାଣ । ବାସ୍, ବାସ୍ - ସେତିକି ଥାଉ । କେବେ ଦେଖିଛନ୍ତି, ମହାରାଜା ତାଳି ମାରି ମଦ ପିଇଥିଲେ ? - ଏଇଟି ପ୍ରଶ୍ନ ମହାରାଜାଙ୍କର । କାଳୀଚରଣଙ୍କ ପାଦତଳୁ ମାଟି ଖଣ୍ଡିକ ଧସି ଯାଉଥିଲା ଯେମିତି ! ନିଜକୁ ବୁଝେଇ ପାରୁ ନ ଥିଲେ । କେମିତି ବି ବୁଝେଇବେ । ଏ ବ୍ୟଙ୍ଗ କବିତା । ଏହାର ଅର୍ଥକୁ ଅନର୍ଥ କରାଯାଉଛି । ଏଇଟା ଧନୀ ଗରିବ ଅବା ଛୋଟବଡ଼ଙ୍କ ତୁଳନା ଅନୁସାରେ ବ୍ୟଙ୍ଗ ଚିତ୍ର । ସେଇଥି ପାଇଁ ଲେଖିଥିଲେ - "ଏ ବଡ଼ ଲୋକଙ୍କର ମତ / ଅଳପ ଲୋକେ ବିପରୀତ ।" ଏକଥାକୁ ନିଜ ଦିହକୁ ଟାଣି ନିଆଗଲା । ଭିଡ଼ି ଓଟାରି ଅର୍ଥ କରାଗଲା । କାଳୀଙ୍କର ମନେ ପଡ଼ିଗଲା - 'ନୃପ ସେବ୍ୟଂ / ଚକ୍ର ସେବ୍ୟଂ' ଇତ୍ୟାଦି ଶ୍ଳୋକଟି । ଚକ୍ରମାନେ ମହାରାଜାଙ୍କୁ ତତାଇ, ମତାଇ ଦେଇଥିଲେ । ରାଜା ତାଙ୍କ ରାସ୍ତାରେ ଧରା ଦେଲେ । ରାଜାଙ୍କ ମନ ବିଷେଇ ଯାଇଥିଲା । ଏଣିକି କଳା, ସଙ୍ଗୀତ, ସାହିତ୍ୟ - ସବୁ ପିତା । ତିନି ତୁଣ୍ଡରେ ଛେଳି କୁକୁର । କାଳୀଚରଣଙ୍କ ବୁଝାଇବାର ସବୁ ଉଦ୍ୟମ ପଣ୍ଡ ହେଲା । ମହାରାଜା ବଦଳିଲେ ନାହିଁ । କଥାରେ ଅଛି "ବ୍ରଣ ମିଚ୍ଛନ୍ତି ମକ୍ଷିକା", ମହୁମାଛିମାନେ ଫୁଲରସ ଦିଅନ୍ତି, ମାଛିର ମନ ପଚା ସଢ଼ା, ପୂଜ ପାଣିରେ । କାଳୀଙ୍କ ଅସହଣୀ ମାନେ ଦୁଷ୍ଟ ମକ୍ଷିକା, ସେମାନେ ତାଙ୍କ ସମାଦର ସହି ପାରୁନଥିଲେ । କଙ୍କଡ଼ାକୁ ଗୋଳି ପାଣି ସୁହାଇଲା । ରାଜା ଏକବାର ଅବୁଝା । 'ହଉ ଯାଅ' - ଏଇଟି ଥିଲା ରାଜାଙ୍କର ଶେଷକଥା । ଭଙ୍ଗା ମନନେଇ ଫେରିଲେ କାଳୀଚରଣ ।

ମନଭାଙ୍ଗି ଯିବା ଯା' କାଚ ଭାଙ୍ଗିଯିବା ସେୟା । ତାକୁ ଆଉ ଯୋଡ଼ି ହୁଏନା । କାଳୀଚରଣ ଖିଆପିଆ ଭୁଲିଲେ । ଆଖିରେ ଲୁହ ଛଳଛଳ । ବାରିପଦାର ଫୁଲ, ତାକୁ ପ୍ରାଣଠୁ ବଳି ଭଲ ପାଉଥିଲେ । ତା'ର ପାନଖିଲ, ଆଦର, ସୁହାଗ ଆଉ ଭଲ ଲାଗିଲାନି । କଥାଟା ଚାରିଆଡ଼େ ରଟିଗଲା । ନିନ୍ଦୁକମାନେ ପ୍ରଚାର ଆରମ୍ଭ କରିଦେଲେ । ଏବେ ଦାଣ୍ଡରେ ଚାଲିବାକୁ ସଙ୍କୋଚ । ବାରିପଦାରେ ପ୍ରଥମ ସାକ୍ଷାତ ବଇଷ୍ଣିମା ସହ, ତା' ଝିଅ ଫୁଲ । ବଇଷ୍ଣିମା ରୋଷେଇ କରେ, ଫୁଲ ଘରକୁ ଯାଏନି । କାଳୀଙ୍କ ବସାରେ ରହେ । ସେ ଭାରି ସିହାଣୀ । କାଳୀଙ୍କର କଥା କହିବା ଆଗରୁ ସେ ହାଜର । କେବେ କେମିତି ଘଣ୍ଟା ଅଧଘଣ୍ଟା ଘରକୁ ଯାଏ, ମା'କୁ ଦେଖି ଫେରିଆସେ । ରାଜବାଟୀକି ବି ଯାଏ, କାଳୀଚରଣଙ୍କୁ ପାନ ଦେଇଆସେ । ଏଇଟି ତା'ର ବାହାନା । ରାଜବାଟୀରେ ତାକୁ ଅନେକ ଆଦର କଲେ । ଦିନ ସମାନ ଭାବରେ ଯାଏନି, "ଆଜି ପାଲିଙ୍କି ଉପରେ ପାଟଛତା ତ କାଲି ବେଡ଼ି ଉପରେ କୋରଡ଼ା ।" ବିପଦ ଏକା ଆସେନି, ସାଥିରେ ଥାଆନ୍ତି ସାଙ୍ଗ ସହଚର । ସେଦିନ ଚିତାଲାଗି ବା ଚିତଉ ଅମାବାସ୍ୟା । ଫୁଲ ମା' ଡକେଇ ପଠେଇଲା । ଫୁଲ ଗଲା ଚିତଉ ପିଠା ଆଣିବାକୁ । ଜାମୁବଣି ଫୁଲର ଗାଁ । ଫେରୁଥାଏ, କାନିରେ ପୁଞ୍ଜାଏ ଚିତାଉ ପିଠା । ତା' ପାଦ ତଳେ ଲାଗୁନି । ଦଉଡ଼ିଲା ପରି ଚାଲିଛି । କାହିଁ ଥିଲା କଳାହାଣ୍ଡିଆ ମେଘ ଖଣ୍ଡେ । ମାଠିଆରୁ ଓଜାଡ଼ିଲା ପରି ଗାଳିଲା । ହଠାତ୍ ନଈରେ ପାଣି ଆସିଲା । ଫୁଲ ଭାସିଗଲା ନଈ ସୁଅରେ । କାଳୀଚରଣ ହଜେଇ ଦେଲେ ହୃଦୟର ଅତି ଆପଣାର ଚିଜଟିକୁ । ଚାରିଆଡ଼ ଅନ୍ଧାର ଦିଶିଲା । ଯୁଆଡ଼େ ଚାହିଁଲେ ଫୁଲ । ରାଜ ଦରବାରରେ ହତାଦର, ଏଣେ ଫୁଲର ଅକାଳ ମରଣ ! ଦିନେ ଦି' ଦିନ ଗଲା । ଛୋଟରାୟ ସାହେବଙ୍କ ଠାରୁ ମେଲାଣି ନେଲେ କାଳୀଚରଣ । ଲୁହଭରା ଆଖି । ବାଟ ଜାଲୁଜାଲୁଆ ଦିଶୁଛି । ଫୁଲବିନା ବାରିପଦା ଶୂନ୍ୟ । ତା' ବିନା ଜୀଇଁ ହେବ ନାହିଁ । କିନ୍ତୁ ଈଶ୍ୱରଙ୍କ ଇଚ୍ଛା ଭିନ୍ନ । ପ୍ରଭୁ ଶ୍ରୀଜଗନ୍ନାଥ । ଏବେ ତାଙ୍କରି ଡୋରି ଲାଗିଲା । ଟିକଟ କାଟିଲେ ପୁରୀକୁ । ଥକାମରା ନିଦ; ମାତ୍ର ଥକାମନ ପାଖରେ ଥକା ଦେହ ହାର୍ ମାନେ । ସବୁ ବେଳେ ମନରେ ବିଷମ ଚିନ୍ତା । ମନ-ବଚନ-କର୍ତ୍ତବ୍ୟରେ ସେ ତ ଊଣା କରିନଥିଲେ ? ରାଜାଙ୍କୁ ଛଳନା ଦେଇ କିଛି ଲେଖି ନଥିଲେ ? ଆଉ ବା କାହିଁକି ଲେଖନ୍ତେ ? କିଏ କ'ଣ ନିଜ ମୁଣ୍ଡରେ ଗୋଇଠା ମାରେ ? ସବୁ ସେଇ ଅଦୃଷ୍ଟର ଇଚ୍ଛା । ଫୁଲ, କୁଳି ରମଣୀ, ମହକେଇ ଦେଇଥିଲା କଳାକାରଙ୍କ ଜୀବନକୁ । ତା' ଖିଲିଖିଲି ହସ, ଭଲ ପାଇବା ନିକଟରେ ବନ୍ଧା ପଡ଼ିଥିଲେ କାଳୀଚରଣ । ବିଧି ବାମ ହେଲା, ଆଉ କି ସୁଖ ବାରିପଦାରେ ?

'ରାଜା ବୁଝିଲେ ପାଚିଲା ଧାନରେ ମଇ' - କାଳୀଚରଣ ମନକୁ ବୁଝେଇଦେଲେ । ମନରେ ଉଙ୍କି ମାରିଲା ସେଇ ଗାଉଁଲି ଢଗ - "ପାଖରେ ଶୁଏ, କାନରେ କୁହେ ତାହା କଥା କି ଅନ୍ୟଥା ହୁଏ ?" ବାରିପଦା ମହାରାଜା ପୂର୍ଣ୍ଣଚନ୍ଦ୍ର ବା କାହିଁକି ଏଥିରୁ ବାଦ୍ ଯିବେ ? ଫୁଲ ଚାଲିଗଲା ଆର ପାରିକି, ରାଜା ନେଇଗଲେ ଚାକିରି । ଦୋଷ କ'ଣ ସ୍ରଷ୍ଟାର ? ଲେଖିବା କ'ଣ ଏଡ଼େ ବଡ଼ ପାପ ? "ଦଇବ ଦଉଡ଼ି ମଣିଷ ଗାଈ / ଯେଣିକି ଟାଣଇ ତେଣିକି ଯାଇ" - ଏବେ ଚକାନୟନ ଏକା ସାହା ଭରସା ।

# ଶିବଙ୍କ ଆରାଧନାରେ ଶ୍ରାବଣ ମାସ


କାଳି ଦାସ
ବ୍ରହ୍ମପୁର, ଖୋଡ଼ାସିଙ୍ଗ କଳିଙ୍ଗନଗର,
ମୋ-୭୨୦୫୧୦୦୮୩୯

ଆଧ୍ୟାତ୍ମିକ ସାଧନା ପାଇଁ ସବୁଠାରୁ ଶ୍ରେଷ୍ଠ ସମୟ ହେଲା ଚତୁର୍ମାସ୍ୟା । ମାସ ଗୁଡିକ ହେଲା ଶ୍ରାବଣ, ଭାଦ୍ରବ, ଆଶ୍ୱିନ ଏବଂ କାର୍ତ୍ତିକ । ଏହି ଚାରି ମାସକୁ ନେଇ ଚତୁର୍ମାସ୍ୟା ହୋଇଥାଏ । ସାଧାରଣ ଗୃହସ୍ଥମାନେ ଏହି ଚତୁର୍ମାସ୍ୟାରେ ପୁଣ୍ୟ ଅର୍ଜନ କରିବା ପାଇଁ ସାତ୍ତ୍ୱିକ ଜୀବନ ଯାପନ କରିଥାନ୍ତି । ଶ୍ରାବଣ ମାସ ହେଉଛି ଚତୁର୍ମାସ୍ୟାର ପ୍ରଥମ ମାସ । ଏହି ସମୟରେ ଆଧ୍ୟାତ୍ମିକ ସାଧନାରେ ନିୟୋଜିତ ସାଧକମାନେ ବା ଆଧ୍ୟାତ୍ମିକ ଗୁରୁମାନେ ହିମାଳୟକୁ ଛାଡି ଜନ ବସତିକୁ ଆସିଥାନ୍ତି । ସେମାନଙ୍କ ମୂଳ ଉଦ୍ଦେଶ୍ୟ ହେଲା ସାଧାରଣ ମଣିଷକୁ ଆଧ୍ୟାତ୍ମିକ ଚିନ୍ତା ଓ ଚେତନାର ଆଲୋକ ଦେବା । ଶ୍ରାବଣ ମାସରେ ଭାରତରେ ମୌସୁମୀ ବର୍ଷାର ପ୍ରଭାବ ଦେଖିବାକୁ ମିଳିଥାଏ । ପଶୁ, ପକ୍ଷୀ, ଗଛ ବୃକ୍ଷ ଜୀବ ଜନ୍ତୁ ମୌସୁମୀର ସ୍ପର୍ଶ ପାଇ ଉଲ୍ଲସିତ ହୋଇଥାନ୍ତି । ଲୋକମାନେ ଶ୍ରାବଣ ମାସକୁ ସାତ୍ତ୍ୱିକ ମାସ ଭାବରେ ମାନିଥାନ୍ତି । ଶ୍ରୀମଦ ଭଗବତ ଗୀତାରେ ତିନି ପ୍ରକାରର ଆହାରର ଉଲ୍ଲେଖ କରାଯାଇଛି । ସେହି ଗୁଡିକ ହେଲେ ସାତ୍ତ୍ୱିକ ଆହାର, ରାଜସିକ ଆହାର ଓ ତାମସିକ ଆହାର । ସାତ୍ତ୍ୱିକ ଆହାର ଖାଇବା ଦ୍ୱାରା ମଣିଷ କିଛିକାଂଶରେ ନିଜ ମନକୁ ସଞ୍ଜମ କରିପାରିବ ବୋଲି ବିଶ୍ୱାସ ରହିଛି । ହିନ୍ଦୁ ମାନ୍ୟତା ଅନୁସାରେ ଆଧ୍ୟାତ୍ମିକ ସାଧନାର ଅର୍ଥ ହେଲା ନିଜ ମନ ଓ ଇନ୍ଦ୍ରିୟକୁ ସଞ୍ଜମ କରିବା । ସେଥିପାଇଁ ଆମର ସମସ୍ତ ପୂଜା ପର୍ବାଣିରେ କିପରି ମନକୁ ସଞ୍ଜମ କରାଯାଇପାରିବ ତାର ଉଲ୍ଲେଖ ରହିଛି । ଶ୍ରାବଣ ମାସକୁ ଶିବଙ୍କ ମାସ ବୋଲି ମଧ୍ୟ କୁହାଯାଏ । ଏହି ମାସରେ ଲୋକମାନେ ମୁଖ୍ୟତଃ ଶିବଙ୍କ ଆରାଧନା କରିଥାନ୍ତି । ହିନ୍ଦୁ ମାନ୍ୟତା ଅନୁସାରେ ଯକ୍ଷ ନନ୍ଦିନୀ ସତୀ ଶ୍ରାବଣ ମାସରେ ଶିବଙ୍କର ସାନ୍ନିଧ୍ୟ ପାଇଥିଲେ । ପୁରାଣରେ ଉଲ୍ଲେଖ ରହିଛି ଯେ ଏହି ମାସରେ ଦେବତା ଓ ରାକ୍ଷସ ମାନେ ଅମୃତ ପାଇବା ପାଇଁ କ୍ଷୀର ସମୁଦ୍ରକୁ ମନ୍ଥନ କରିଥିଲେ ଏବଂ କ୍ଷୀର ସମୁଦ୍ରରୁ ହଳାହଳ ବିଷ ବାହାରିଥିଲା । ହଳାହଳ ବିଷର ଜ୍ୱାଳାରେ ସମଗ୍ର ବ୍ରହ୍ମାଣ୍ଡ ଜଳିବାକୁ ଲାଗିଥିଲା । ହଳାହାଳ ବିଷକୁ କଣ କରାଯିବ ସେଥିପାଇଁ ସମସ୍ତେ ଚିନ୍ତିତ ଥିବା ବେଳେ ଭଗବାନ ଶିବ ସ୍ୱୟଂ ସେହି ବିଷ ପାନ କରିଥିଲେ । ଶିବଙ୍କ ପତ୍ନୀ ଉମା ହଳାହଳ ବିଷ ଯେପରି ଭଗବାନ ଶିବଙ୍କ ଉଦରକୁ ନ ପହଞ୍ଚୁ ସେଥିପାଇଁ ଶିବଙ୍କର କଣ୍ଠରେ ହାତ ରଖିଦେଲେ । ହଳାହଳ ବିଷ ଭଗବାନ ଶିବଙ୍କ କଣ୍ଠରେ ରହିଗଲା ଏବଂ ବିଷର ଜ୍ୱାଳାରେ ଭଗବାନ ଶିବଙ୍କ କଣ୍ଠ ନୀଳ ହୋଇଗଲା । ସେହି ଦିନଠାରୁ ଭଗବାନ ଶିବଙ୍କୁ ନୀଳକଣ୍ଠ ବୋଲି କୁହାଗଲା । ବିଷ ଜ୍ୱାଳାରୁ ଶିବଙ୍କୁ ମୁକ୍ତ କରିବା ପାଇଁ ଜଳାଅଭିଷେକ କରାଯାଇଥାଏ । ବିଭିନ୍ନ ପ୍ରକାର ଫୁଲ ଯଥା ଦୁଦୁରା, ଚମ୍ପା ଓ ଅରଖ ଦିଆ ଯାଇ ଭଗବାନ ଶିବଙ୍କ ଆରାଧନା କରାଯାଇଥାଏ । ଶ୍ରାବଣ ମାସରେ କାଉଡିବାଲା ମାନେ ବିଭିନ୍ନ ନଦୀର ପାଣି ଆଣି ମାଇଲ ମାଇଲ ରାସ୍ତା ଚାଲି ଶିବଙ୍କୁ ଜଳାଭିଷେକ କରିଥାନ୍ତି । ଶିବଙ୍କ ଆରାଧନା ପାଇଁ କାଉଡିଆ ମାନେ ରାସ୍ତାରେ ଯିବା ବେଳେ କେତେକ ସ୍ଥାନରେ ଦୁର୍ଘଟଣାର ଶିକାର ମଧ୍ୟ ହୁଅନ୍ତି । ଶ୍ରାବଣ ସୋମବାର ଦିନ ମୁଖ୍ୟତଃ ଏହି ଜଳାଭିଷେକ କରାଯାଇଥାଏ । କାଉଡି ବାଲା ମାନେ କାନ୍ଧରେ କାଉଡି ଧରି ଶିବ ଭକ୍ତିରେ ଲୀନ ହୋଇଥାନ୍ତି । ଶ୍ରାବଣର ବର୍ଷା ଧାରା ସେମାନଙ୍କ ଭକ୍ତିରେ ବାଧା ସୃଷ୍ଟି କରିପାରେନାହିଁ । ଅନେକ ସ୍ଥାନରେ ଗଙ୍ଗାରୁ ପାଣି ଆଣି ଲୋକମାନେ ରୁଦ୍ରାଭିଷେକ କରିଥାନ୍ତି । ଏହି ପରମ୍ପରା ରାମେଶ୍ୱରମରେ ମଧ୍ୟ ରହିଛି । ଭକ୍ତମାନେ ବନାରସରୁ ଗଙ୍ଗା ଜଳ ନେଇ ରାମେଶ୍ୱରମକୁ ଯାଇ ଚଢାଇଥାନ୍ତି । ଶ୍ରାବଣ ମାସରେ ଯେଉଁ ଭକ୍ତ ଭକ୍ତି ଓ ଶ୍ରଦ୍ଧାରେ ଶିବଙ୍କ ପୂଜାଅର୍ଚ୍ଚନା କରେ ସେହି ଭକ୍ତଙ୍କ ମନକାମନା ଶିବ ପୂରଣ କରିଥାନ୍ତି । ଶିବ ମନ୍ଦିରରେ ଭକ୍ତଙ୍କ ଭିଡ ମଧ୍ୟ ଜମିଥାଏ । ୨୦୨୩ ର ଶ୍ରାବଣ ମାସ ନିଆରା କାରଣ ଏହି ବର୍ଷ ଯୋଡା ଶ୍ରାବଣ ପଡିଛି ତେଣୁ ଅନେକ କାଉଡିଆ ମଳ ମାସରେ କାଉଡି ଧରି ଶିବଙ୍କ ପାଖକୁ ଯାଉନାହାନ୍ତି । ସେମାନେ ପ୍ରତୀକ୍ଷା କରିଛନ୍ତି ମଳ ମାସର ଶେଷ ପାଇଁ । ମଳ ମାସ ସାରିବା ପରେ ସେମାନେ ପୁଣି କାଉଡି ଧରି ଶିବଙ୍କ ଅଭିଷେକ ପାଇଁ ପୁଣିଥରେ ବାହାରିବେ । କାଉଡିବାଲା ଶିବଙ୍କ ଭକ୍ତି ପାଇଁ ସବୁ କଷ୍ଟ ଉଠାଇବା ପାଇଁ ପ୍ରସ୍ତୁତ । ଏହାକୁ ଆମେ କହିପାରିବା ଭକ୍ତିର ଶକ୍ତି ।

# ବୃଦ୍ଧ ନୁହେଁ ସେହି ଜନ


ସଲିଳା ତ୍ରିପାଠୀ
ହନୁମାନଗଦୀ, ବୋଲଗଡ
ମୋ-୮୭୬୩୭୮୮୬୧୪

କାଳିଦାସ ବିରଚିତ ମହାକାବ୍ୟ 'କୁମାର ସମ୍ଭବମ୍' ରେ ମାତା ପାର୍ବତୀଙ୍କର ଜ୍ଞାନର ପାରଦର୍ଶିତାକୁ ଦେଖି କବି ତାଙ୍କୁ ବୃଦ୍ଧ ବା ସ୍ଥବିର ସହିତ ତୁଳନା କରିଛନ୍ତି । ନିଜର ସ୍ୱଭାବ, ଚଳିଚଳନ ଏବଂ ସୁଚିନ୍ତିତ ମତ ପାଇଁ ଅନେକ ବ୍ୟକ୍ତିବିଶେଷ ଅଳ୍ପ ବୟସରେ ମଧ୍ୟ ଉଚ୍ଚ ସମ୍ମାନ ପାଇବା ପାଇଁ ଯୋଗ୍ୟ ହୋଇଥାନ୍ତି । ସେଥିପାଇଁ ସାଧାରଣ ଭାବେ କେବଳ ବୟସାଧିକ ବ୍ୟକ୍ତିଙ୍କୁ ବୃଦ୍ଧ ଭାବେ ଗ୍ରହଣ ନ କରିବା ପାଇଁ ଶାସ୍ତ୍ରରେ ଉଲ୍ଲେଖ ରହିଛି । ଆଧୁନିକ ଶିକ୍ଷା ଓ କୌଶଳର ବ୍ୟବହାର ଫଳରେ ଆମେ ବୟସର ଛାପକୁ ଲୁଚାଇ ଦେଇ ପାରୁଛେ ଏବଂ ଜୀବନକୁ ଉପଭୋଗ କରିବାର ସୁଗମ ରାସ୍ତାମାନ ତିଆରି କରିପାରିଛେ । ମାତ୍ର ମସ୍ତିଷ୍କର ସ୍ଥିରତା, ଗତିବିଧି ଓ କାର୍ଯ୍ୟକଳାପ ଆମର ବୟସକୁ ଲୁଚାଇ ପାରେନାହିଁ । ଲିଓ ଟଲ୍‌ଷ୍ଟୟଙ୍କ ବର୍ଣ୍ଣିତ ଗପରେ ଥରେ ଜଣେ ରାଜା ରାଜ୍ୟର ସମସ୍ତ ବୃଦ୍ଧଙ୍କୁ ହତ୍ୟା କରିବାକୁ ଆଦେଶ ଦେଇଥିଲେ ଏବଂ ପରବର୍ତ୍ତୀ ସମୟରେ ଦେଶରେ ଦୁର୍ଭିକ୍ଷ ହୁଅନ୍ତେ ଜଣେ ଯୁବକ ସମସ୍ୟାର ସମାଧାନ କରିବାକୁ ଆଗଭର ହୋଇ ଏ ମହାବିପତ୍ତିରୁ ରାଜ୍ୟକୁ ରକ୍ଷା କରିସାରିଲା ପରେ ଜଣାପଡିଲା ଯେ ସେ ତାଙ୍କର ବୃଦ୍ଧପିତାଙ୍କୁ ଲୁଚାଇ ରଖିଥିଲେ । ଶେଷରେ ସେହି ବୃଦ୍ଧଙ୍କୁ ରାଜସଭାକୁ ଡକାଯାଇ ସମ୍ମାନିତ କରାଯାଇଥିଲା । ତେଣୁ କଥାରେ ଅଛି 'ବଡ ଥିଲେ ପଚରି ସାନ ଥିଲେ ବିଚରି ।'

କିନ୍ତୁ ସାମ୍ପ୍ରତିକ ପରିସ୍ଥିତିରେ ବୃଦ୍ଧମାନଙ୍କର ପରିସ୍ଥିତି ଅନେକାଂଶରେ ଗମ୍ଭୀର ଥିବା ପରି ମନେହୁଏ । କେବେ ସେମାନଙ୍କର ଶାକାହାରୀ କିମ୍ବା ମାଂସାହାରୀ ବାଚାଳତା ପାଇଁ ସେମାନେ ନିନ୍ଦିତ ହେଉଥିଲା ବେଳେ ଆଉ କେବେ ସନ୍ତାନମାନଙ୍କ ଦ୍ୱାରା ଶାରିରୀକ ଓ ମାନସିକ ଭାବେ ହତାଦର ହୋଇ ନିଜର ସ୍ୱାଧୀନତା ଓ ମୌଳିକତାକୁ ହରାଇ ବସୁଛନ୍ତି ।

ଶୁଣାଯାଏ ୟୁରୋପର ଆଜାର ବାଇଜନ୍ ଅନ୍ତର୍ଭୁକ୍ତ କକେସାସ୍ ପର୍ବତମାଳାର ଏକ ଉପତ୍ୟକାରେ ଅନେକ ବୃଦ୍ଧ ରୂପୀ ଯୁବକ ବସବାସ କରନ୍ତି । କାରଣ ସେଠାରେ ଏକଶତ ବର୍ଷରେ ମୃତ୍ୟୁ ହେଲେ ମଧ୍ୟ ତାହା ଅକାଳମୃତ୍ୟୁ ରୂପେ ନାମିତ ହୋଇଥାଏ । ସେମାନଙ୍କର ଦୀର୍ଘ ଜୀବନର ରହସ୍ୟର ଅନେକ କାରଣ ଭିତରୁ ଜଳ, ଜଳବାୟୁ, ଆବର୍ଜନା ରହିତ ପରିବେଶ ଏବଂ ପ୍ରଚୁର ତଟକା ପନିପରିବା ଓ ଦୁଗ୍ଧ ଅନ୍ୟତମ । କିନ୍ତୁ ତା'ଠାରୁ ମହତ୍ୱପୂର୍ଣ୍ଣ ହେଉଛି ସେମାନଙ୍କର ମାନସିକ ଗଠନ । କ୍ରୋଧ ସେମାନଙ୍କ ଦୃଷ୍ଟିରେ ଗୋଟାଏ ବ୍ୟାଧି । ଭାବାବେଗର ଅତ୍ୟାଚାରରୁ ସେମାନେ ମୁକ୍ତ । ବାସ୍ତବିକ ଉତ୍ତେଜନା ରହିତ ଜୀବନ ଆମମାନଙ୍କ ପାଇଁ ଆଶ୍ଚର୍ଯ୍ୟ ଓ ଆଦର୍ଶ ମଧ୍ୟ ।

ତେଣୁ ଅତୀତ ଭବିଷ୍ୟତରେ ଘଟିଥିବା ଓ ଘଟିବାକୁ ଯାଉଥିବା ବୃଦ୍ଧମାନଙ୍କର ଘଟଣା ଏବଂ ଦୁର୍ଘଟଣା ପ୍ରତି ଆମେମାନେ କେତେଦୂର ସମ୍ବେଦନଶୀଳ ହୋଇପାରିଛେ ଏବଂ ପାରିବା ତାହା ବାସ୍ତବରେ ଚିନ୍ତାର ପ୍ରସଙ୍ଗ । ହୁଏତ କେବଳ ଜୀବନର ତୁଚ୍ଛା ଦୈର୍ଘ୍ୟ ହିଁ ଜୀବନର ସାରମର୍ମକୁ ଗୌରବାନ୍ୱିତ ନ କରିପାରେ । କିନ୍ତୁ କକେସାସ୍ ଉପତ୍ୟକାର ଜୈବିକ ପରିବେଶ ସହ ମାନସିକ ଗଠନର ଆବଶ୍ୟକତା ଯେ ଆଜିର ଉଭୟ ବୃଦ୍ଧ ଓ ଅବୃଦ୍ଧ ମାନଙ୍କର ରହିଛି ତାହା କହିବା ଅତ୍ୟୁକ୍ତି ହେବନାହିଁ । ଅନେକ ସମୟରେ ବୃଦ୍ଧ ମାନେ ନିଜର ଅତ୍ୟଧିକ ଉଚ୍ଚ ଆଶା ଓ ଅଭିଳାଷ ପାଇଁ ଦୁଃଖ ପାଇଥାନ୍ତି । ଜୀବନର ବାସ୍ତବତାକୁ ସାମ୍ନା କରି ବୟସର ଅପରାହ୍ନରେ ପହଞ୍ଚି ସାରିଲା ପରେ ମଧ୍ୟ ଛୋଟ ପିଲାଙ୍କ ପରି ଅବୁଝା ଓ ଜିଦିଆ ହେବା ଫଳରେ ବିଭିନ୍ନ ସମସ୍ୟାମାନ ଉପୁଜିଥାଏ । ତୁଚ୍ଛା ଭାବପ୍ରବଣତାର ଶିକାର ହୋଇ ବେଳେବେଳେ ସେମାନେ ଅଯୌକ୍ତିକ ପରିସ୍ଥିତିକୁ ଡାକି ଆଣିଥାନ୍ତି । ବୟସାଧିକ୍ୟ କାରଣରୁ ସ୍ୱତଃପ୍ରବୃତଃ ଭାବେ ନିଜର ସମ୍ମାନ ପ୍ରତି ଯଥେଷ୍ଟ ସଚେତନ ହେବା ସହ ଅହଙ୍କାରର ବଶବର୍ତ୍ତୀ ହୋଇ ଭୁଲ୍ ଠିକ୍‌ର ବିଚାର ନକରି ପାରି ଅଯଥା ସମସ୍ୟାମାନ ତିଆରି କରିଥାନ୍ତି । ଏସବୁ ପରିପ୍ରେକ୍ଷୀରେ ସେମାନଙ୍କର ଶାରିରୀକ ଓ ମାନସିକ ଯତ୍ନ ନେବା ନିତାନ୍ତ ଜରୁରୀ କାରଣ ସେମାନେ ହେଉଛନ୍ତି ଆମ ସମାଜର ମେରୁଦଣ୍ଡ, ଆମ ମୁଣ୍ଡ ଉପରର ଛତା ଓ ଆମକୁ ଖରା ବର୍ଷାରେ ଆଶ୍ରୟ ଦେଉଥିବା ବୁଢ଼ା ବରଗଛ । ଯେଉଁଭଳି ଭାବରେ ଆମେ ଛୋଟ ଶିଶୁଟିକୁ ଆଗ୍ରହ ସହକାରେ ଯତ୍ନ କରୁଛେ ଠିକ୍ ସେହିପରି ଭାବରେ ବୃଦ୍ଧ ଓ ବୃଦ୍ଧାମାନଙ୍କର ସାମଗ୍ରିକ ସୁରକ୍ଷା ପାଇଁ ମାନସିକ ଭାବେ ପ୍ରସ୍ତୁତ ହେବା ଉଚିତ୍ । କାରଣ ସମୟ ପରିବର୍ତ୍ତନଶୀଳ । ଆଜିର ଅବୃଦ୍ଧ ଆସନ୍ତାକାଲି ବୃଦ୍ଧ ହୋଇଥାଏ । ସେଥିପାଇଁ କୁହାଯାଏ "ତଳ ବରଡା ଖସୁଛି, ଉପର ବରଡା ହସୁଛି, ମଝି ବରଡା ଥାଇ କହୁଛି ତୋ ବେଳକାଳ ଆସୁଛି ।"

ଆଧୁନିକତା ଏବଂ ପାଶ୍ଚାତ୍ୟ ସଭ୍ୟତାର ନାଁ ରେ ପରିବାରର ସଜ୍ଞା ଦିନକୁ ଦିନ ବଦଳିବାରେ ଲାଗିଛି । ଯାହା ସ୍ୱତଃପ୍ରବୃତଃ ଭାବରେ ହେବା ଉଚିତ୍ ତାହା ବାଧ୍ୟବାଧକତାରେ କରାଯାଉଛି ଯେଉଁଥିପାଇଁ ପରିବାରର ମାନସିକ ଓ ବୌଦ୍ଧିକ ପରିବେଶଟି ଯନ୍ତ୍ରଣାମୟ ହୋଇଯାଇଛି । ସମସ୍ତେ ସ୍ୱାଧୀନ ଭାବରେ ବଞ୍ଚିବାକୁ ଚାହାନ୍ତି । ଫଳ ସ୍ୱରୂପ ପାରସ୍ପରିକ ସାହାଯ୍ୟ ସହଯୋଗ ଓ ସହାନୁଭୂତିରେ ଅଭାବ ପରିଲକ୍ଷିତ ହେଉଛି । ମନୁଷ୍ୟ ଅନେକ ଦିନ ବଞ୍ଚିବା ଅପେକ୍ଷା ଭଲରେ ଓ ଶାନ୍ତିରେ ବଞ୍ଚିବା ଶ୍ରେୟ । ଏହାକୁ ଭୁଲିଯିବା ଦୁର୍ଭାଗ୍ୟଜନକ ଅଟେ । ଯଦି ଜଣେ ଆଉ ଜଣଙ୍କର ଭାବନାକୁ ବୁଝିବାର କଷ୍ଟ କରନ୍ତା ତେବେ ଗୋଟିଏ ଉପଯୁକ୍ତ ବାତାବରଣ ଓ ପରିବେଶ ସୃଷ୍ଟି ହୋଇପାରନ୍ତା ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ





# ସାମୁଦ୍ରିକ ଥାନାରେ ଗାଡ଼ି ଚାଳକ ନାହାଁନ୍ତି:ଅସୁରକ୍ଷିତ ଓଡ଼ିଶା ଉପକୂଳ

**କଟକ, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ସାମୁଦ୍ରିକ ଥାନା ପୋଲିସକୁ ଦିଆଯାଇଛି ୧୮ଟି ଚାରି ଚକିଆ ଗାଡ଼ି । କିନ୍ତୁ ସେଗୁଡ଼ିକୁ ଚଳାଇବା ପାଇଁ ଅଛନ୍ତି ମାତ୍ର ୬ ଜଣ ଡ୍ରାଇଭର । ଏଭଳି ସ୍ଥିତିରେ ଉପକୂଳରେ ଅନୁପ୍ରବେଶକାରୀଙ୍କୁ ରୋକିବାକୁ ପାଟ୍ରୋଲିଂ ଓ ଗୁଇନ୍ଦା ତଥ୍ୟ ସଂଗ୍ରହ କିଭଳି ହେଉଛି, ତାହା ସନ୍ଦେହଜନକ । ଅନ୍ୟପଟେ ୧୮ଟି ସାମୁଦ୍ରିକ ଥାନା ପାଇଁ ମୋଟ ୧୨୮୮ ସ୍ୱୀକୃତିପ୍ରାପ୍ତ ପଦବୀ ଥିବା ବେଳେ ଅଛନ୍ତି ମାତ୍ର ୩୬୮ । ଓଡ଼ିଶା ପୋଲିସ ମୁଖ୍ୟାଳୟର ତଥ୍ୟ ଅନୁଯାୟୀ, ଉପକୂଳ ସୁରକ୍ଷା ବିଭାଗରେ ୧୮ଟି ସାମୁଦ୍ରିକ ଥାନା ପାଇଁ ଇନ୍‌ସ୍ପେକ୍ଟର ପାହ୍ୟାର ୧୮ଟି ପଦବୀରୁ ଗୋଟିଏ ଖାଲି ଥିବା ବେଳେ ଏସ୍‌ଆଇ ୫୪ରୁ ୫୦ଟି ଖାଲି, ଏଏସ୍‌ଆଇ ୫୪ରୁ ୨୭ଟି ଖାଲି, ହାବିଲ୍‌ଦାର ୧୪୪ରୁ ୧୨୯ ଖାଲି, କନେଷ୍ଟବଳ ୪୩୨ରୁ ୩୩୮ ଖାଲି, ଚାରି ଚକିଆ ଗାଡ଼ି ଡ୍ରାଇଭର ୫୬ରୁ ୫୦ଟି ଖାଲି, ହୋମ୍‌ଗାର୍ଡ ୨୭୦ରୁ ୧୩୯ ଖାଲି ପଡ଼ିଛି । ସେହିଭଳି ବୋଟ୍ ଚଲାଇବା ପାଇଁ ଠିକାରେ ନୌସେନାରୁ ଅବସର ନେଇଥିବା କର୍ମଚାରୀଙ୍କୁ ନିୟୋଜିତ କରାଯାଉଛି । ତେବେ ବୋଟ୍‌ର ଇଞ୍ଜିନ୍ ଡ୍ରାଇଭର, ସେରାଙ୍ଗ, ମାଷ୍ଟର, ମେକାନିକ୍ ଇତ୍ୟାଦିଙ୍କୁ ମିଶାଇ ମୋଟ୍ ମଞ୍ଜୁରୀପ୍ରାପ୍ତ ପଦବୀ ୨୮୦ ଥିବାବେଳେ ୧୮୬ ଖାଲିପଡ଼ିଛି କିନ୍ତୁ ଏମାନଙ୍କୁ ଯେଉଁ ଦରମା ଦିଆଯାଉଛି, ତାହା ସନ୍ତୋଷଜନକ ନଥିବାରୁ ସେମାନେ ପ୍ରାୟ ଏକ ମାସରୁ ଅଧିକ ଦିନ ରହୁନାହାନ୍ତି । ବାରମ୍ବାର ପଦବୀ ପୂରଣ ପାଇଁ ଚିଠି ଲେଖାଯାଇଥିବା ବେଳେ ଏ ଦିଗରେ ପୂର୍ବ ସରକାର ଗୁରୁତ୍ୱ ଦେଇନାହାନ୍ତି । ସାଧାରଣତଃ ସାମୁଦ୍ରିକ ଥାନାରେ ଦୁଇ ପ୍ରକାର



ପାଟ୍ରୋଲିଂ ହୋଇଥାଏ । ସମୁଦ୍ର ଭିତରେ ବୋଟ୍ ପାଟ୍ରୋଲିଂ ଓ ସମୁଦ୍ର ଉପକୂଳ ଗାଁ ଓ ମତ୍ସ୍ୟଜୀବୀ ବସ୍ତିରେ ଗାଡ଼ିରେ ପାଟ୍ରୋଲିଂ ହୋଇଥାଏ । ବର୍ତ୍ତମାନ ବାଙ୍ଗଲାଦେଶରୁ ଅନୁପ୍ରବେଶକାରୀ ଆସିବା ଆଶଙ୍କାକୁ ନେଇ ହାଇଆଲର୍ଟ ଜାରି ହୋଇଥିବା ବେଳେ ବାସ୍ତବରେ ଉପକୂଳରେ ପାଟ୍ରୋଲିଂ କିଭଳି ହେଉଛି, ତାହାକୁ ନେଇ ପ୍ରଶ୍ନ ଉଠୁଛି । ଅନ୍ୟପଟେ ସାମୁଦ୍ରିକ ଥାନା ଉପରେ ଉପକୂଳ ସୁରକ୍ଷା ବିଭାଗ ଏଡିଜିଙ୍କ କୌଣସି ପ୍ରଶାସନିକ ନିୟନ୍ତ୍ରଣ ନାହିଁ । ଥାନାର କର୍ମଚାରୀଙ୍କ ନିଯୁକ୍ତି, ବଦଳି କିମ୍ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର କୌଣସି କ୍ଷମତା ନାହିଁ । ଏସବୁ ଉପକୂଳ ଜିଲ୍ଲା ଏସ୍‌ପିଙ୍କ ନିୟନ୍ତ୍ରଣରେ ରହୁଛି । ଜିଲ୍ଲା ଏସ୍‌ପି ଏଠାରେ କର୍ମଚାରୀଙ୍କୁ ନିଯୁକ୍ତି ଏବଂ ଅନ୍ୟତ୍ର ବଦଳି କରିଥାନ୍ତି । ସାମୁଦ୍ରିକ ଥାନାଗୁଡ଼ିକୁ ଉପକୂଳ ଜିଲ୍ଲା ଏସ୍‌ପିମାନେ ଗୁରୁତ୍ୱ ଦେଉନଥିବା ଅଭିଯୋଗ ହେଉଛି । ଜିଲ୍ଲାରେ ସାମୁଦ୍ରିକ ଥାନା ପାଇଁ କର୍ମଚାରୀ ଥିବା ସତ୍ତ୍ୱେ ସେମାନଙ୍କୁ ଆଇନ୍ ଶୃଙ୍ଖଳା କିମ୍ବା ସାଧାରଣ ପୋଲିସ ଥାନା ଡ୍ୟୁଟିରେ ନିୟୋଜିତ କରାଯାଉଛି । ପୋଲିସ ନିଯୁକ୍ତି ବୋର୍ଡ ବାରମ୍ବାର ବସୁଥିବା ବେଳେ ସାମୁଦ୍ରିକ ଥାନାରେ ନୂଆ ନିଯୁକ୍ତି ପାଇଁ ଗୁରୁତ୍ୱ ଦିଆଯାଉନାହିଁ । ତାମିଲନାଡୁ ଭଳି ରାଜ୍ୟରେ ଉପକୂଳ ସୁରକ୍ଷା ବିଭାଗରେ ସାମୁଦ୍ରିକ ସୁରକ୍ଷା ଏଡିଜି, ଆଇଜି, ଡିଆଇଜି, ସାମୁଦ୍ରିକ ସୁରକ୍ଷା ଏସ୍‌ପି ରହୁଥିବା ବେଳେ ଓଡ଼ିଶାରେ ସେ ପ୍ରକାର ବ୍ୟବସ୍ଥା ନାହିଁ । ଓଡ଼ିଶାରେ କେବଳ ଏଡିଜି ଓ ଏଆଇଜି ପାହ୍ୟାର ଦୁଇ ଅଧିକାରୀ ଅଛନ୍ତି । ଅନେକ ସମୟରେ ରାଜ୍ୟ ସରକାର ଅବସର ନେବାକୁ ଅଳ୍ପଦିନ ଥିବା ଅଧିକାରୀଙ୍କୁ ଏଆଇଜି ପାହ୍ୟାରେ ନିଯୁକ୍ତି ଦେଉଛନ୍ତି । ଯାହାଫଳରେ ଓଡ଼ିଶା ଉପକୂଳ ସୁରକ୍ଷା ସମ୍ପୂର୍ଣ୍ଣ ସମ୍ବେଦନଶୀଳ ସ୍ଥିତିରେ ଥିବା କୁହାଯାଉଛି ।

# ଖୁଣ୍ଟ ଭରସାରେ ସ୍ମାର୍ଟ କ୍ଲାସ୍ ରୁମ୍

**କଣ୍ଟାବାଞ୍ଜି/ବଙ୍ଗୋମୁଣ୍ଡା, ନ୍ୟୁଜ୍ ବ୍ୟୁରୋ**




ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ସିନ୍ଧେକେଲା ପଲ୍ଲିଶ୍ରୀ ହାଇସ୍କୁଲ୍‌ରେ ୫ଟି ଅଧିନରେ କାମ ହୋଇଥିବା ରୁପାନ୍ତରଣ କାମକୁ ପ୍ରାୟ ୨ ବର୍ଷ ହୋଇଛି । ହେଲେ ସରକାରୀ ତହବିଲରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲେ ହେଁ କେତେବେଳେ ଅସରାଏ ବର୍ଷାରେ ଛାତ୍ରଛାତ୍ରୀଙ୍କ ସାଇକେଲ୍ ଆଣ୍ଠୁଏ ପାଣି ଘେରରେ ରହୁଛି ତ କେତେବେଳେ କ୍ଲାସ୍ ରୁମ୍‌ରୁ ଅତଡ଼ା ଖସୁଛି । ଅତଡ଼ା ଖସି ପଡିବ ବୋଲି ସ୍ମାର୍ଟ କ୍ଲାସ୍ ରୁମ୍‌ରେ ଇଟା ଓ ଖୁଣ୍ଟର ସାହାଯ୍ୟ ନେବାକୁ ପଡ଼ିଥିବା ଦେଖାଯାଇଛି । ଏହାକୁ ନେଇ ଗଣମାଧ୍ୟମରେ ଲଗାତାର ଖବର ପ୍ରକାଶିତ ହେବାପରେ ମଧ୍ୟ ସରକାରୀ କଳର କୌଣସି ପ୍ରକାର ତତ୍ପରତା ଦେଖାଯାଉନଥିବାରୁ ଛାତ୍ରଛାତ୍ରୀ ଯେ କେତେବେଳେ ବିପଦରେ ପଡିଯିବେ ତାହା କହିହେବ ନାହିଁ । ଏନେଇ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି । ତେବେ ଜିଲ୍ଲା ଶିକ୍ଷା ବିଭାଗ ଓ ଜିଲ୍ଲା ପ୍ରଶାସନ ଏହା ଉପରେ ନଜର ଦେବାକୁ ଦାବି ହୋଇଛି ।

# ୨ ଯୁବତୀଙ୍କୁ ଗଣବଳାତ୍କାର ଘଟଣା:୩ ଗିରଫ, କାର୍ ଜବତ

**ଅନୁଗୁଳ, ନ୍ୟୁଜ୍ ବ୍ୟୁରୋ**

ନିଶାସକ୍ତ ଅବସ୍ଥାରେ ୨ଜଣ ଯୁବତୀଙ୍କୁ ପ୍ରଲୋଭନ ଦେଖାଇ କାର୍‌ରେ ନେଇ ଜଙ୍ଗଲରେ ଗଣବଳାତ୍କାର କରିବା ଘଟଣାରେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି । ଏହି ଘଟଣାରେ ଆଉ ୨ ଜଣ ଫେରାର୍ ରହିଛନ୍ତି । ୩ ଅଭିଯୁକ୍ତଙ୍କୁ ପୋଲିସ ଡାକ୍ତରୀ ମାଇନା କରିବା ସହ ସେମାନେ ବ୍ୟବହାର କରିଥିବା କାର୍‌କୁ ଜବତ କରିଛନ୍ତି । ରାତିରେ ହିଁ ପୀଡ଼ିତା ଯୁବତୀ ଦ୍ୱୟଙ୍କ ଡାକ୍ତରୀ ମାଇନା କରାଯାଇଥିଲା । ଗ୍ରାମାଞ୍ଚଳରୁ ରୋଜଗାର ଆଶାରେ ସହରକୁ ଆସୁଥିବା ନିରୀହ ଯୁବତୀଙ୍କୁ ଅସାମାଜିକମାନେ ପ୍ରଲୋଭିତ କରି ବିଭିନ୍ନ ସମୟରେ ଏଭଳି କାରନାମା କରୁଥିବା ତଦନ୍ତ ବେଳେ ପୋଲିସ ସୁରାକ୍ ପାଇଛି । ଘରୋଇ ଅନୁଷ୍ଠାନରେ କର୍ମ ନିଯୁକ୍ତି ପାଇଁ ଗ୍ରାମାଞ୍ଚଳର ଯୁବତୀମାନେ ସହରମୁହାଁ ହେଉଛନ୍ତି । ସହରକୁ ଆସିବା ପରେ ବିଭିନ୍ନ ମଲ୍, ଦୋକାନ, ଘରୋଇ ଅନୁଷ୍ଠାନରେ ଚାକିରି ପାଇଁ ଘୂରି ବୁଲୁଛନ୍ତି । ଏଭଳି ସମୟରେ ଚିହ୍ନା ପରିଚୟ ଦେଇ କିଛି ଯୁବକ ସେମାନଙ୍କ ସହ ଯୋଗାଯୋଗ କରୁଛନ୍ତି । ଏହାପରେ ପାର୍କ, କିମ୍ବା ନିଛାଟିଆ ସ୍ଥାନ ଦେଖି ସେମାନଙ୍କ ସହ ଆଳାପ କରି ପ୍ରଲୋଭିତ କରୁଛନ୍ତି । ପ୍ରଲୋଭନରେ ପଡ଼ି ଅଧିକାଂଶ ସମୟରେ ଯୁବତୀମାନେ ଶାରୀରିକ ଓ ଆର୍ଥିକ ଶୋଷଣର ଶିକାର ହେଉଛନ୍ତି । ଅବିକଳ ଏହି ଘଟଣା ଘଟିଛି ୨ଜଣ ଯୁବତୀଙ୍କ ସହ । ସନ୍ଧ୍ୟାରେ ଅନୁଗୋଳର ଏକ ଉଦ୍ୟାନରେ ବସି ବାର୍ତ୍ତାଳାପ କରୁଥିବାବେଳେ କିଛି ଯୁବକ ସେଠାରେ ପହଞ୍ଚି ସେମାନଙ୍କ ସହ ଆତ୍ମୀୟତା ସୃଷ୍ଟି କରିଥିଲେ । ଯୁବକମାନେ କାର୍‌ରେ ବସାଇ ଯୁବତୀମାନଙ୍କୁ ବିଭିନ୍ନ ସ୍ଥାନ ବୁଲାଇ ଶେଷରେ ଜଙ୍ଗଲକୁ ନେଇ ରାତିରେ ଗଣବଳାତ୍କାର କରିଥିଲେ । ଗଣବଳାତ୍କାରର ଶିକାର ଯୁବତୀମାନେ ପ୍ରଥମେ ଥାନାରେ ଅଭିଯୋଗ କରିବାକୁ ରାଜି ହେଉନଥିଲେ । ପରବର୍ତ୍ତୀ ସମୟରେ ଜଣେ ଯୁବତୀ ସାହସ ଜୁଟାଇ ରାତିରେ ଅନୁଗୋଳ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ତ୍ୱରାନ୍ୱିତ ହୋଇଥିଲା । ଶୁକ୍ରବାର ଅଭିଯୁକ୍ତମାନଙ୍କୁ ଅଦାଲତ ଚାଲାଣ କରାଯାଇଥିଲା ।

## ||||| ଘରେ ଘରେ ତ୍ରିରଙ୍ଗା ଅଭିଯାନ |||||

# ବିଭିନ୍ନତା ମଧ୍ୟରେ ଏକତାର ବାର୍ତ୍ତା ଦେବାକୁ ଜିଲ୍ଲାପାଳଙ୍କ ଆହ୍ୱାନ

**କେନ୍ଦୁଝର, ନ୍ୟୁଜ୍**

୭୮ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶକ୍ରମେ ସମଗ୍ର ରାଜ୍ୟରେ ଘରେ ଘରେ ତ୍ରିରଙ୍ଗା ଅଭିଯାନ ଆରମ୍ଭ ହୋଇଛି । ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦିଗ୍‌ଦର୍ଶନ ଅନୁଯାଇ ଆରମ୍ଭ ହୋଇଥିବା ଏହି ଅଭିଯାନରେ ସମଗ୍ର ଭାରତର ନାଗରିକଙ୍କୁ ସାମିଲ୍ କରି ବିଭିନ୍ନତା ମଧ୍ୟରେ ଏକତାର ବାର୍ତ୍ତା ଦେବା ସହ ମିଶନ୍ ଶକ୍ତି ସଦସ୍ୟଙ୍କୁ ରୋଜଗାର ଯୋଗାଇବା ଭଳି ମହତ ଉଦ୍ଦେଶ୍ୟକୁ ପୂରଣ କରିବା ପାଇଁ ରାଜ୍ୟ ସରକାର ଏକ ମାର୍ଗଦର୍ଶିକା ପ୍ରସ୍ତୁତ କରିବା ସହ ତୃଣମୂଳ ସ୍ତରରେ ଏହାର ସଫଳ ରୂପାୟନ ନିମନ୍ତେ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ କି, ଏହି ଅଭିଯାନର ସଫଳତା ତଥା ସମଗ୍ର ବିଶ୍ୱବାସୀଙ୍କୁ ଭାରତର ଅନନ୍ୟ ପରିଚୟକ ପାଳିଟିଥିବା ବିଭିନ୍ନତା ମଧ୍ୟରେ ଏକତାର ବାର୍ତ୍ତା ଦେବା ପାଇଁ ସମସ୍ତ ଜିଲ୍ଲା, ବ୍ଲକ ଏବଂ ପଞ୍ଚାୟତ ସ୍ତରରେ ତ୍ରିରଙ୍ଗା ଯାତ୍ରା ଓ ଶପଥପାଠ କାର୍ଯ୍ୟକ୍ରମ ଅୟୋଜନ କରାଯିବ । ଏଥିପାଇଁ ଆବଶ୍ୟକୀୟ ସଂଖ୍ୟକ ଜାତୀୟ ପତାକା ଜିଲ୍ଲାର ସ୍ୱୟଂ ସହାୟକ ଗୋଷ୍ଠୀ ଯୋଗାଇବେ । ଏହି ପରିପ୍ରେକ୍ଷୀରେ କେନ୍ଦୁଝର ଜିଲ୍ଲାପାଳ ଶ୍ରୀ ବିଶାଲ ସିଂହ ଏକ ବୈଠକରେ ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲାର ମଣ୍ଡଳ ଉନ୍ନୟନ ଅଧିକାରୀ, ପୌରପାଳିକାର ନିର୍ବାହୀ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଡିପିସି ମିଶନ ଶକ୍ତି ଓ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କୁ ଏହି ଅଭିଯାନର ସଫଳ ରୂପାୟନ ନିମନ୍ତେ ଦାୟିତ୍ୱ ଦେଇଛନ୍ତି । ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାରେ ସମୁଦାୟ ଦୁଇ ଲକ୍ଷ ଜାତୀୟ ପତାକା ଲୋକଙ୍କୁ ଯୋଗାଇବା ଲକ୍ଷ୍ୟ ରଖି ମିଶନ ଶକ୍ତି ମାଧ୍ୟମରେ ଜିଲ୍ଲାର ୧୩ ଗୋଟି ବ୍ଲକ ସ୍ତରୀୟ ମହାସଂଘ/ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନଙ୍କୁ ଜାତୀୟ ପତାକା ଯୋଗାଇବା ପାଇଁ ଦାୟିତ୍ୱ ଦିଆଯାଇଛି । ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ସିଂହ ସମସ୍ତ ଭାରତୀୟଙ୍କ ସ୍ୱାଭିମାନର ପ୍ରତୀକ ତ୍ରିରଙ୍ଗା ପତାକାକୁ ସମ୍ମାନର ସହ ଉଡାଇବା ପାଇଁ ଅନୁରୋଧ କରିଛନ୍ତି ଏବଂ ୱେବ୍‌ସାଇଟ୍‌ରେ ଶପଥ ପାଠ କରି ଓ ତ୍ରିରଙ୍ଗା ପତାକା ସହିତ ନିଜର ସେଲ୍‌ଫି ଅପ୍‌ଲୋଡ କରି କେନ୍ଦ୍ର ସରକାରଙ୍କ ପ୍ରମାଣ ପତ୍ର ଗ୍ରହଣ କରିବା ସହ ଭାରତୀୟ ଭାବେ ନିଜ ପରିଚୟକୁ ଗର୍ବ ସହକାରେ ପ୍ରତିପାଦିତ କରିବା ପାଇଁ ସମସ୍ତ ଜିଲ୍ଲାବାସୀଙ୍କୁ ଅନୁରୋଧ କରିଛନ୍ତି ।

# ବ୍ରହ୍ମପୁର-ଭୁବନେଶ୍ୱର ବିମାନ ସେବା ବନ୍ଦ:ଡିସେମ୍ବର ସୁଦ୍ଧା ସରିବ ସମ୍ପ୍ରସାରଣ କାମ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**




ଦକ୍ଷିଣ ଓଡ଼ିଶାର ବ୍ରହ୍ମପୁର ସହରରେ ଏକ ଗ୍ରିନ୍‌ଫିଲ୍ଡ ବିମାନ ବନ୍ଦର ପ୍ରତିଷ୍ଠା ପାଇଁ ଦାବି ହୋଇଆସୁଥିଲା । ବାରମ୍ବାର ଦାବି ପରେ ରଂଗେଇଲୁଣ୍ଡାରେ ଥିବା ଏୟାରଷ୍ଟ୍ରିପ୍‌କୁ ଉଡ଼ାନ୍ ଯୋଜନାରେ ସାମିଲ୍ କରାଯାଇଥିବା ବେଳେ ଏଠାରୁ ପ୍ରାଥମିକ ପର୍ଯ୍ୟାୟରେ ୯ ସିଟ୍ ବିଶିଷ୍ଟ ବିମାନ ଚଳାଚଳ ଆରମ୍ଭ କରାଯାଇଥିଲା । ସପ୍ତାହକୁ ଦୁଇଦିନ ଭୁବନେଶ୍ୱରକୁ ବିମାନ ଯାତାୟାତ କରୁଥିଲା । ଏବେ ଏୟାର୍‌ଷ୍ଟ୍ରିପ୍ ସମ୍ପ୍ରସାରଣ କାମ ଚାଲିଛି । ଏଣୁ ବିମାନ ସେବାକୁ ବନ୍ଦ କରି ଦିଆଯାଇଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ । ଆସନ୍ତା ଡିସେମ୍ବର ଶେଷ ସୁଦ୍ଧା ସମ୍ପ୍ରସାରଣ କାମ ସମାପ୍ତ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ପ୍ରାୟ ୩୧ କୋଟି ୫ ଲକ୍ଷ ଟଙ୍କା ବ୍ୟୟରେ କାମ ଚାଲିଛି । କାମ ସରିବା ପରେ ରଂଗେଇଲୁଣ୍ଡା ଏୟାରଷ୍ଟ୍ରିପ୍ ୨-ବି କ୍ୟାଟେଗୋରିକୁ ଉନ୍ନୀତ ହେବ । ଏହା ହେଲେ ଏହି ବିମାନବନ୍ଦରକୁ ୧୨ ସିଟ୍ ବିଶିଷ୍ଟ ବିମାନ ଚଳାଚଳ କରିପାରିବ । ବ୍ରିଟିସ୍ ସରକାର ଅମଳରେ ରଂଗେଇଲୁଣ୍ଡା ଏୟାରଷ୍ଟ୍ରିପ୍ ପ୍ରତିଷ୍ଠା କରାଯାଇଥିଲା । ପରବର୍ତ୍ତୀ ସମୟରେ ଗୋଳାବନ୍ଧରେ ଆର୍ମି ଏୟାର୍ ଡିଫେନ୍ସ କଲେଜ ପ୍ରତିଷ୍ଠା ହୋଇଥିଲା । ଏହାପରେ ସେନା ବାହିନୀର ହେଲିକପ୍ଟର୍ ଏଠାରେ ଓହ୍ଲାଉଥିଲା । କେନ୍ଦ୍ର ସରକାରଙ୍କ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ତରଫରୁ ପର୍ଯ୍ୟାୟ କ୍ରମେ ଓଡ଼ିଶାର ଝାରସୁଗୁଡ଼ା, ରାଉରକେଲା ଭଳି ସହରକୁ ଉଡ଼ାନ୍ ଯୋଜନାରେ ସାମିଲ୍ କରାଯାଇଥିଲା । ଏଣୁ ବ୍ରହ୍ମପୁରରେ ମଧ୍ୟ ଏକ ବିମାନ ବନ୍ଦର ପ୍ରତିଷ୍ଠା କରିବାକୁ ଦାବି ଉଠିଥିଲା । ଏହି ଦାବି ଅନୁସାରେ ରଂଗେଇଲୁଣ୍ଡା ଏୟାର୍‌ଷ୍ଟ୍ରିପ୍‌କୁ ସମ୍ପ୍ରସାରଣ କରି ବିମାନବନ୍ଦର କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ । ବିମାନ ବନ୍ଦର ସମ୍ପ୍ରସାରଣ ପାଇଁ ଫର୍ଚ୍ଚୁନ୍ ଗ୍ରୁପ୍ ଟେଣ୍ଡର୍ ପାଇଥିବା ବେଳେ ବର୍ତ୍ତମାନ କାମ ଜାରି ରହିଛି । ରନ୍‌ୱେ ୭୦୦ ମିଟର୍‌ରୁ ୯୫୦ ମିଟର୍‌କୁ ବୃଦ୍ଧି କରାଯାଉଥିବା ବେଳେ ଏହାର ଓସାର ୧୫ରୁ ୩୦ ମିଟର୍‌କୁ ବୃଦ୍ଧି ପାଇବ । ଏହାସହିତ ପୋଲିସ ବାରାକ୍ କୋଠା, ଟର୍ମିନାଲ୍ ବିଲ୍ଡିଂ, ଫାୟାର୍ ଷ୍ଟେସନ୍ ଓ ହସ୍ପିଟାଲ୍ ତିଆରି ହେବ । ବିମାନ ବନ୍ଦର ଚାରିପଟେ ପାଚେରୀ ନିର୍ମାଣ କରାଯିବା ସହିତ ଡ୍ରେନ୍ ଓ ଆପ୍ରୋଚ୍ ରୋଡ଼ ମଧ୍ୟ ତିଆରି ହେବ । ବର୍ତ୍ତମାନ ସୁଦ୍ଧା ପ୍ରାୟ ୪୫ ପ୍ରତିଶତ କାମ ସରିଛି । ଧାର୍ଯ୍ୟ ସମୟ ମଧ୍ୟରେ କାମ ସମାପ୍ତ କରିବାକୁ ଉଦ୍ୟମ ଜାରି ରହିଥିବା ପୂର୍ତ୍ତ ବିଭାଗ-୨ ସହକାରୀ ନିର୍ବାହୀ ଯନ୍ତ୍ରୀ ତପନ କୁମାର ବେହେରା ସୂଚନା ଦେଇଛନ୍ତି । ଅନ୍ୟପଟେ ବିମାନ ବନ୍ଦର ପାଇଁ ଉଭୟ ଘରୋଇ ଓ ସରକାରୀ ଜମି ଅଧିଗ୍ରହଣ ପ୍ରକ୍ରିୟା ମଧ୍ୟ ଚାଲିଛି । ଅଧିକାଂଶ ଜମି ଅଧିଗ୍ରହଣ ହୋଇସାରିଥିବା ନିର୍ବାହୀ ଯନ୍ତ୍ରୀ ଶ୍ରୀ ବେହେରା ସୂଚନା ଦେଇଛନ୍ତି । ପୂର୍ବରୁ ଏୟାରଷ୍ଟ୍ରିପ୍‌ର ଜମି ପ୍ରାୟ ୩୪ ଏକର ରହିଥିଲା । ବର୍ତ୍ତମାନ ୪୦.୯୩୯ ଏକର ସରକାରୀ ଜମି ଅଧିଗ୍ରହଣ ହୋଇଛି । ସେହିପରି ୧୫.୧୪୬ ଏକର ଘରୋଇ ଜମି ଅଧିଗ୍ରହଣ ହେବ ବୋଲି ଶ୍ରୀ ବେହେରା କହିଛନ୍ତି । ବର୍ତ୍ତମାନ ରନ୍‌ୱେ ନିର୍ମାଣ କାମ ଆରମ୍ଭ ହେବ । ଏଣୁ ବିମାନ ଚଳାଚଳ ବନ୍ଦ କରାଯାଇଛି । ଇଣ୍ଡିଆ ୱାନ୍ ଏୟାର୍ ତରଫରୁ ସପ୍ତାହକୁ ଦୁଇଦିନ ବିମାନ ଚଳାଚଳ କରାଯାଉଥିଲା । ପ୍ରାୟ ବର୍ଷେ ଚାଲିବା ପରେ ଯାତ୍ରୀ ନହେବାରୁ ଗୋଟିଏ ଦିନ ବନ୍ଦ କରାଯାଇଥିଲା । ଏବେ ସମ୍ପ୍ରସାରଣ ପାଇଁ ବିମାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି ।

# ଆନ୍ଧ୍ର ସ୍କୁଲ୍‌ରେ ଓଡ଼ିଶାର ସୀମାନ୍ତ ୨୦୦୦ ପିଲା ନାଁ ଲେଖାଇଲେ

**ପାତ୍ରପୁର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଆ ଅସ୍ମିତାକୁ ସମ୍ପ୍ରତି ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ଅଭିଯାନ ଭାବେ ଗ୍ରହଣ କରିଛନ୍ତି । ହେଲେ ଆନ୍ଧ୍ର ସୀମାନ୍ତ ଛାତ୍ରଛାତ୍ରୀଙ୍କ ଦୁଃଖ ସରୁନି । ରାଜ୍ୟ ସରକାର ଓ ଗଞ୍ଜାମ ଜିଲ୍ଲା ପ୍ରଶାସନର ଆନ୍ତରିକତାର ଅଭାବରୁ ପାତ୍ରପୁର ବ୍ଲକ୍‌ର ବିଭିନ୍ନ ଗ୍ରାମର ୨୦୦୦ରୁ ଅଧିକ ଛାତ୍ରଛାତ୍ରୀ ଚଳିତ ବର୍ଷ ବି ସୀମାନ୍ତ ଆନ୍ଧ୍ରର ବିଦ୍ୟାଳୟ ମାନଙ୍କରେ ନାମ ଲେଖାଇଛନ୍ତି । ତେଲୁଗୁକୁ ଆପଣାଇ ଓଡ଼ିଶା ଛାତ୍ରଛାତ୍ରୀ ଓଡ଼ିଆ ଭାଷା ପ୍ରତି ବିମୁଖ ହେଲେଣି । ଅନ୍ୟପଟେ ତେଲୁଗୁ ଭାଷାଭାଷୀ ବହୁଳ ଗ୍ରାମଗୁଡ଼ିକରେ ବର୍ତ୍ତମାନ ତେଲୁଗୁ ମାଧ୍ୟମ ବିଦ୍ୟାଳୟଗୁଡ଼ିକ ତେଲୁଗୁ ବହି ଓ ଶିକ୍ଷକ ଅଭାବରୁ ବନ୍ଦ ହୋଇଗଲାଣି । ଆନ୍ଧ୍ର ସୀମାନ୍ତରେ ରହିଥିବା ପାତ୍ରପୁର ବ୍ଲକ୍ ଅଧୀନ ଗୁଡ଼ିପଦର, ବଳରାମପୁର, ଜୟନ୍ତିପୁର, ଚିଡ଼ିପୁଡ଼ି, କେଶରୀପଡ଼ା, ଭେଜିପଦର, ବି.ନୂଆଗାଁ, ଜୟପୁର, ଟି.ବ୍ରହ୍ମପୁର,



ଏ.ଶରଧାପୁର, ବି.ଶରଧାପୁର, ସି.ଶରଧାପୁର, ଖମ୍ବାରିଗାଁ, ହଳଦିଆପଦର, ସାମନ୍ତିଆପଲ୍ଲୀ, ଚୁଡ଼ିଆଲାଞ୍ଜି, ଖଣ୍ଡଦେଉଳି, ପାତ୍ରପୁର, ବଣସୋଳା, ଭୀମପୁର, ସୁନାରେଡ଼ି, ବରଙ୍ଗ, ପାର୍ବତୀପୁର, ଲଙ୍କା, ସନ୍ତୋଷପୁର, ଗୋପାଳପଲ୍ଲୀ, ଲାଲକମାଗାଁ, ବାବାନପୁର, ଜଗନ୍ନାଥପୁର, ଅନ୍ତରସିଙ୍ଗି ଓ ବୋରିବାଡ଼ ପ୍ରମୁଖ ତେଲୁଗୁ ଭାଷାଭାଷୀ ଗ୍ରାମରୁ ପ୍ରାୟ ଦୁଇ ହଜାରରୁ ଅଧିକ ଛାତ୍ରଛାତ୍ରୀ ଏଥର ଆନ୍ଧ୍ର ବିଦ୍ୟାଳୟରେ ନାମ ଲେଖାଇଛନ୍ତି । ସବୁଠୁ ଆଶ୍ଚର୍ଯ୍ୟର ବିଷୟ ହେଲା, କେବଳ ଜୟନ୍ତିପୁର ନିକଟ ଆନ୍ଧ୍ରଶାସନ ଗ୍ରାମରେ ଥିବା ଗୋଟିଏ ବିଦ୍ୟାଳୟରେ ୭୦୦ରୁ ଅଧିକ ପିଲା ପଢୁଛନ୍ତି । ଉକ୍ତ ବିଦ୍ୟାଳୟରେ ଆନ୍ଧ୍ରର ମାତ୍ର ୧୦୦ ଜଣ ଛାତ୍ରଛାତ୍ରୀ ପଢୁଛନ୍ତି । ଫଳରେ ମୋଟାମୋଟି ଭବେ କହିବାକୁ ଗଲେ କେବଳ ଓଡ଼ିଶା ପିଲାଙ୍କ ପାଇଁ ଏହି ବିଦ୍ୟାଳୟ ଚାଲିଛି । ପାତ୍ରପୁର ବ୍ଲକ ଅଧୀନ ଅଧିକାଂଶ ଗ୍ରାମ ତେଲୁଗୁ ଭାଷାଭାଷୀ ଅଧ୍ୟୁଷିତ ହୋଇଥିବାରୁ ବିଦ୍ୟାଳୟ ଗୁଡ଼ିକରେ ଉଭୟ ତେଲୁଗୁ ଓ ଓଡ଼ିଆ ଶିକ୍ଷାଦାନ ବ୍ୟବସ୍ଥା ହୋଇଛି । କିନ୍ତୁ କିଛି ବିଦ୍ୟାଳୟକୁ ଓଡ଼ିଶା ସରକାର ବ୍ୟବସ୍ଥିତ ଢଙ୍ଗରେ ତେଲୁଗୁ ବହି ଯୋଗାଇପାରୁନଥିବା ସହ ପାଠ ପଢ଼ାଇବାକୁ ଶିକ୍ଷକ ନାହାନ୍ତି । ଏପରିକି ଉପସ୍ଥାନ କାରଣରୁ ଏହା ମଧ୍ୟରେ କିଛି ବିଦ୍ୟାଳୟ ବନ୍ଦ ହୋଇସାରିଛି । ଯାହାର ଫାଇଦା ଆନ୍ଧ୍ର ସରକାର ଉଠାଉଛନ୍ତି । ଅନ୍ୟପଟେ ଓଡ଼ିଆ ଭାଷା ଉଜୁଡ଼ିବାକୁ ବସିଛି । ଓଡ଼ିଶା ସରକାର ଉପଯୁକ୍ତ ପଦକ୍ଷେପ ନନେଲେ ସୀମାନ୍ତରେ ଓଡ଼ିଆ ଭାଷା ନିଜର ସମ୍ପୂର୍ଣ୍ଣ ସତ୍ତା ହରାଇବ ବୋଲି ପାତ୍ରପୁରର ବୁଦ୍ଧିଜୀବୀ ମତ ଦେଇଛନ୍ତି ।

# ଆରମ୍ଭ ହେଲା ଓଡ଼ିଶାର ସର୍ବୋଚ୍ଚ ଶ୍ରୀରାମ ମୂର୍ତ୍ତି

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ନରଣପୁର ପଞ୍ଚାୟତ ଅନ୍ତର୍ଗତ ଟାଙ୍ଗରପଳସା ଗ୍ରାମରେ ଥିବା ଘଡଘଡି ପାହାଡ଼ ଉପରେ ପ୍ରଭୁ ଶ୍ରୀରାମଙ୍କ ପ୍ରତିମୂର୍ତ୍ତିର କାର୍ଯ୍ୟ ଆରମ୍ଭ କରାଯାଇଛି । ବୁଧବାର ବୈଦିକ ରୀତିରେ ପୂଜାର୍ଚ୍ଚନା କରାଯିବା ପରେ ପ୍ରଭୁ ଶ୍ରୀରାମଙ୍କ ପ୍ରତିମୂର୍ତ୍ତି ପାଇଁ ପୂର୍ବରୁ ତିଆରି କରାଯାଇଥିବା ବେସ୍ ଉପରେ ଶ୍ରୀରାମଙ୍କ ପ୍ରତିମୂର୍ତ୍ତି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ଏହି ପ୍ରତିମୂର୍ତ୍ତି ୭୫ ଫୁଟ୍ ଉଚ୍ଚତା ବିଶିଷ୍ଟ କରାଯିବାକୁ ଯୋଜନା ରଖାଯାଇଛି । ଏହାକୁ କେନ୍ଦୁଝରର ସ୍ଥାନୀୟ ଶିଳ୍ପୀ ପଦ୍ମନାଭ ପୁହାଣ ଏହାକୁ ନିର୍ମାଣ କରୁଛନ୍ତି । ଏହି ପ୍ରତିମୂର୍ତ୍ତି ନିର୍ମାଣ ହେବା ପରେ ଏହା ଓଡ଼ିଶାର ସର୍ବୋଚ୍ଚ ଶ୍ରୀରାମ ପ୍ରତିମୂର୍ତ୍ତି ହେବ ବୋଲି ଜଣାପଡ଼ିଛି । ପୂର୍ବରୁ ଏହି ପାହାଡ଼ ଉପରେ ୪୪ ଫୁଟ୍ ଉଚ୍ଚତା ବିଶିଷ୍ଟ ଭାରତର ସର୍ବୋଚ୍ଚ ଅର୍ଦ୍ଧନାରୀଶ୍ୱର ପ୍ରତିମୂର୍ତ୍ତି ନିର୍ମାଣ କରାଯାଇ ପୂଜା ପାଉଛନ୍ତି । ପ୍ରତିଦିନ ରାଜ୍ୟ ତଥା ରାଜ୍ୟ ବାହାରୁ ଅନେକ ପର୍ଯ୍ୟଟକ ଏହି ସ୍ଥାନର ପ୍ରାକୃତିକ ମନୋରମ ଶୋଭରାଜିକୁ ଉପଭୋଗ କରିବା ସହ ଏହି ମୂର୍ତ୍ତିକୁ ଦେଖିବା ପାଇଁ ସୁଅ ଛୁଟୁଥିବା ବେଳେ ପ୍ରଭୁ ଶ୍ରୀରାମଙ୍କ ପ୍ରତିମୂର୍ତ୍ତି ନିର୍ମାଣ ଶେଷ ହେବାପରେ ଏହି ସ୍ଥାନର ପର୍ଯ୍ୟଟକ ପୃଷ୍ଠଭୂମି ବେଶ୍ ଉନ୍ନତ ହୋଇପାରିବ । ଏହି ପ୍ରତିମୂର୍ତ୍ତି ଶେଷ ହେବା ପରେ ଓଡ଼ିଶାର ଏକ ଶ୍ରେଷ୍ଠ ପର୍ଯ୍ୟଟନ ସ୍ଥଳୀରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛି କପିଳେଶ୍ୱର ମନ୍ଦିର କମିଟି । ୨୦୨୬ ମସିହା ପବିତ୍ର ଶ୍ରୀରାମ ନବମୀ ଅବସରରେ ଏହି ପ୍ରତିମୂର୍ତ୍ତିର ଶୁଭ ଉନ୍ମୋଚନ



କରାଯିବ ବୋଲି କମିଟିର ସଭାପତି ବିଜୟ ମହାନ୍ତି କହିଛନ୍ତି । ଏହା ସହିତ କପିଳେଶ୍ୱର ମନ୍ଦିରରେ ବିଦ୍ୟମାନ ବିଘ୍ନରାଜ ଗଣେଶଙ୍କ ମନ୍ଦିରର ଛାତ ପକାଯାଇଛି । କପିଳେଶ୍ୱର ସାଂସ୍କୃତିକ ପରିଷଦର ସମ୍ପାଦକ ଗୌରଚନ୍ଦ୍ର ନାଏକ, ଆମର ପ୍ରସାଦ ଦେବତା, ସତ୍ୟଜିତ ସାମନ୍ତରାୟ, ପ୍ରଶାନ୍ତ କୁମାର ପଣ୍ଡା, ଲକ୍ଷ୍ମୀଧର ବେହେରା, ରଞ୍ଜନ କୁମାର ସାହୁ, ପଞ୍ଚାନନ ସାହୁ, ସତ୍ୟ ବେହେରା, ଧବଳେଶ୍ୱର ମାଳିକ, ସଞ୍ଜୟ ପ୍ରହରାଜ ପ୍ରମୁଖ ଉପସ୍ଥିତ ରହି ପ୍ରତିମୂର୍ତ୍ତି ନିର୍ମାଣରେ ସହଯୋଗ କରିଥିଲେ ।

# ୬୧ ବର୍ଷରେ ୫୧ ନିର୍ଦ୍ଦେଶକ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ନୂଆ ସରକାର ବୁଧବାର ଆଇଏଏସ୍ ଅଧିକାରୀ ସ୍ତରରେ ବଡ଼ ଧରଣର ଅଦଳବଦଳ କରିଛନ୍ତି । ଏହିକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲ୍ଲୀପ ରାଉତରାଏଙ୍କର ଭଦ୍ରକ ଜିଲ୍ଲାପାଳ ଭାବେ ବଦଳି ହୋଇଛି । ତାଙ୍କ ସ୍ଥାନରେ ରାଜସ୍ୱ ପର୍ଷଦ ସଚିବ ଭାବେ କାର୍ଯ୍ୟ କରୁଥିବା ୨୦୦୦ ବ୍ୟାଚ୍ ଆଇଏଏସ୍ ବିଜୟ କେତନ ଉପାଧ୍ୟାୟଙ୍କୁ ଦାୟିତ୍ୱ ମିଳିଛି । ଏଥିସହ ବିଭାଗର ସ୍ୱତନ୍ତ୍ର ସଚିବ ମଧୁସୂଦନ ଦାଶଙ୍କୁ ନୂଆପଡ଼ା ଜିଲ୍ଲାପାଳ ଭାବେ ବଦଳି କରାଯାଇଛି । ଶ୍ରୀ ଦାଶଙ୍କ ସ୍ଥାନରେ ସରକାର ନିଯୁକ୍ତି ଦେଇନଥିବାରୁ ଖାଲି ପଡ଼ିଛି । ତେବେ କର୍ମଚାରୀ ସଙ୍କଟ, ଉଚ୍ଚ ପଦସ୍ଥ ଅଧିକାରୀଙ୍କ ବାରମ୍ବାର ବଦଳି ବିଭାଗକୁ ପଛକୁ ଟାଣୁଛି ବୋଲି ଚର୍ଚ୍ଚା ହେଉଛି । ଓଡ଼ିଆ ଅସ୍ମିତା ନାରା ଦେଇ ଓଡ଼ିଶାରେ ବିଜେପି ଦଳ ସରକାର ଗଢ଼ିଛି । ସରକାରକୁ ଆସିବା ପରେ ଓଡ଼ିଆରେ ପ୍ରଶାସନିକ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି । ଯାହାକୁ ବାସ୍ତବରେ ପରିଣତ କରିବା ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗରେ ବଡ଼ ଦାୟିତ୍ୱ ରହିଛି । ସେହିପରି ଭାଷା, ସାହିତ୍ୟ, ସଂସ୍କୃତି ଓ ଐତିହ୍ୟର ସୁରକ୍ଷା ଦୃଷ୍ଟିରୁ ବିଭାଗ ଉପରେ ମଧ୍ୟ ଗୁରୁ ଦାୟିତ୍ୱ ରହିଛି ହେଲେ ବିଭାଗର ମୁଖ୍ୟ ଅଙ୍ଗ କୁହାଯାଉଥିବା ଏକାଡେମୀ ଓ ପ୍ରତିଷ୍ଠାନ ଗୁଡ଼ିକ ଅଚଳ ପ୍ରାୟ । କାରଣ ବିଭାଗ ଅଧୀନରେ ଥିବା ଓଡ଼ିଶା ସାହିତ୍ୟ ଏକାଡେମୀ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଓଡ଼ିଶା ଲଳିତ କଳା ଏକାଡେମୀ ଓ ଓଡ଼ିଶା ଉର୍ଦ୍ଦୁ ଏକାଡେମୀର ଗୁରୁତ୍ୱପୂର୍ଣ୍ଣ ପଦବି ଖାଲି ପଡ଼ିଛି । କେବଳ କାମ ଚଳାଇବା ପାଇଁ ବିଭାଗୀୟ ଅଧିକାରୀ ଦାୟିତ୍ୱରେ ଅଛନ୍ତି । ଏହି ପଦବୀ ଗୁଡ଼ିକର ନିଯୁକ୍ତି କିପରି ହେବ ତାକୁ ନେଇ ଦ୍ୱନ୍ଦ୍ୱ ଲାଗି ରହିଥିଲେ ହେଁ ଏ ସମ୍ପର୍କରେ ନୂଆ ସରକାର କିଛି ସ୍ପଷ୍ଟ କରିନାହାନ୍ତି । ଆଶ୍ଚର୍ଯ୍ୟର କଥା, ସାହିତ୍ୟ ଏକାଡେମୀ ସାଧାରଣ ପରିଷଦର କାର୍ଯ୍ୟକାଳ ବର୍ଷେରୁ ଅଧିକ ସମୟ ହେବ ସରିଥିଲେ ବି ଏଯାଏ ତାହା ଗଠନ ହୋଇପାରୁନାହିଁ । ଫଳରେ ସାହିତ୍ୟ ଏକାଡେମୀ ପୁରସ୍କାର ଠାରୁ ଆରମ୍ଭ କରି ଅନେକ ଗୁରୁତ୍ୱପୂର୍ଣ୍ଣ କାମ ଅଧାରେ ରହିଛି । ସେହିପରି ଓଡ଼ିଆ ଭାଷାର ବ୍ୟବହାରରେ ମୁଖ୍ୟ ଭୂମିକା ଥିବା ଓଡ଼ିଆ ଭାଷା ପ୍ରତିଷ୍ଠାନ ଲକ୍ଷ୍ୟ ଠାରୁ ବହୁ ଦୂରରେ ଭାରପ୍ରାପ୍ତ ମୁଖିଆ ଓ ଠିକା କର୍ମଚାରୀରେ ପ୍ରତିଷ୍ଠାନ କେମିତି ଚାଲିଛି ତାହା ସରକାରଙ୍କୁ ଜଣା । ସୂଚନାନୁସାରେ ୧୯୬୩ ମସିହାରେ ବି. ଭେଙ୍କଟରମଣଙ୍କ ଠାରୁ ଦିଲ୍ଲୀପ ରାଉତରାୟଙ୍କ ପର୍ଯ୍ୟନ୍ତ ୬୧ ବର୍ଷରେ ୫୧ ଜଣ ନିର୍ଦ୍ଦେଶକ ରହି ସାରିଛନ୍ତି । ତେବେ ୩ ମେ ୨୦୨୩ରେ ଶ୍ରୀ ରାଉତରାୟ ଭାର ଗ୍ରହଣ କରିଥିଲେ । ମାତ୍ର ୧୫ ମାସର ବ୍ୟବଧାନରେ ସରକାର ତାଙ୍କୁ ବଦଳି କରିଛନ୍ତି। ଶ୍ରୀ ରାଉତରାୟଙ୍କ ପୂର୍ବରୁ ରଞ୍ଜନ କୁମାର ଦାସଙ୍କର ୨ ବର୍ଷ ବ୍ୟବଧାନରେ ବଦଳି ହୋଇଥିଲେ । ତାଙ୍କ ପୂର୍ବରୁ ବିଜୟ କୁମାର ନାୟକ ମଧ୍ୟ ୨ ବର୍ଷରୁ କମ୍ ସମୟ ରହି ବଦଳି ହୋଇଥିଲେ । ସେହିପରି ବର୍ତ୍ତମାନ ବିଭାଗର ସଚିବ ଶାଳିନୀ ପଣ୍ଡିତ ସ୍ୱାସ୍ଥ୍ୟ ସଚିବ ମଧ୍ୟ ଅଛନ୍ତି । ସୁଜାତା କାର୍ତ୍ତିକେୟନଙ୍କ ପରେ ତାଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ଉଚ୍ଚ ପଦସ୍ତ ଅଧିକାରୀଙ୍କ ବାରମ୍ବାର ବଦଳି, କର୍ମଚାରୀ ଅଭାବ ବିଭାଗକୁ ଦିନକୁ ଦିନ ଦୁର୍ବଳ କରିଛି । ଅନ୍ୟପଟେ ଓଡ଼ିଶାର ବିଜେପି ସରକାର ଏହି ବିଭାଗ ଜରିଆରେ ନିର୍ବାଚନୀ ପ୍ରତିଶ୍ରୁତି ପାଳନ କରିବାକୁ ଲକ୍ଷ୍ୟ ରଖିଛି । ଏହା କେମିତି ସମ୍ଭବ ତାକୁ ନେଇ ନାନା ଚର୍ଚ୍ଚା ଲାଗି ରହିଛି । ତେବେ ନୂଆ ନିର୍ଦ୍ଦେଶକଙ୍କ ଉପରେ ବଡ଼ ଦାୟିତ୍ୱ ରହିଛି । ଦୁର୍ବଳ ଭିତିଭୂମି ଉପରେ ବସି ନିର୍ଦ୍ଦେଶକଙ୍କ କିଭଳି ସରକାରଙ୍କ ଉଦ୍ଦେଶ୍ୟକୁ ସଫଳ କରିବେ ତାହା ସମୟ କହିବ ।

## |||||||||||||||| ସୁଲଭ ମୂଲ୍ୟରେ ବାସଗୃହ ଯୋଗାଣ ||||||||||||||||

# ବିଡ଼ିଏକୁ ସହରାଞ୍ଚଳ ବାସଗୃହ ମିସନର ନିର୍ଦ୍ଦେଶ:ମାସକୁ ମାସ ରିପୋର୍ଟ ଦିଅ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ସୁଲଭ ମୂଲ୍ୟରେ ବାସଗୃହ ଯୋଗାଣ ପ୍ରକଳ୍ପ (ଏଏଚ୍‌ପି) ଓ ବସ୍ତିମାନଙ୍କ ପୁନଃ ବିକାଶ ପ୍ରକଳ୍ପ (ଆଇଏସ୍‌ଏସ୍‌ଆର୍)ର ମାସିକ ପ୍ରଗତି ରିପୋର୍ଟ ତଲବ କରିଛି । ଓଡ଼ିଶା ସହରାଞ୍ଚଳ ବାସଗୃହ ମିସନ୍ (ଓୟୁଏଚ୍‌ଏମ୍) ପ୍ରତି ମାସର ତିନି ତାରିଖରେ ବିଡିଏ ଏହି ରିପୋର୍ଟ ପ୍ରଦାନ କରିବ । ବିଡିଏରେ ଚିଠି ପହଞ୍ଚିବା ପରେ ତନାଘନା ଆରମ୍ଭ ହୋଇଛି । କେଉଁ ପ୍ରକଳ୍ପରେ କଣ ସମସ୍ୟା ରହିଛି ? କେତେ ହିତାଧିକାରୀ ଘର ପାଇଛନ୍ତି ? କେତେ ପାଇନାହାନ୍ତି ଓ କାରଣ କଣ ? ଏ ସବୁ ଖୋଳତାଡ଼ ଆରମ୍ଭ ହୋଇଛି । ଏହି ଖୋଳତାଡ଼ ବେଳେ ଦୁଇଟି ପ୍ରକଳ୍ପକୁ ନେଇ ବିଡିଏର ଅକଲ ଗୁଡ୍ଡୁମ୍ ହୋଇଛି । ଗୋଟିଏ ହେଉଛି ମହିଷାଖାଲ ଓ ଅନ୍ୟଟି ରଙ୍ଗମାଟିଆ । ଏହି ଦୁଇ ପ୍ରକଳ୍ପରେ ଅଯୋଗ୍ୟ ଘର ମାଡ଼ି ବସିଛନ୍ତି । ମହିଷାଖାଲରେ ୫୦ରୁ ଉର୍ଦ୍ଧ୍ୱ ଅଯୋଗ୍ୟ ମାଡ଼ିବସିଥିବା ବେଳେ ରଙ୍ଗମାଟିଆରେ ଶହେରୁ ଉର୍ଦ୍ଧ୍ୱ ଅଯୋଗ୍ୟ ରହୁଛନ୍ତି । ଏଣେ ଯୋଗ୍ୟ ବାରଦୁଆର ହେଉଛନ୍ତି । କେତେକ କୋର୍ଟ ମଧ୍ୟ ଯାଇଛନ୍ତି । ଏହି ବିବାଦ ବର୍ଷ ବର୍ଷ ଧରି ବିଡିଏ ତୁଟାଇ ପାରୁନଥିବାରୁ ଏବେ କି ଉତ୍ତର ଦେବ ସେ ନେଇ ଚିନ୍ତାରେ ପଡ଼ିଛି । ମହିଷାଖାଲ ପ୍ରକଳ୍ପକୁ ୭ ବର୍ଷ ପୂରିଛି । ଏଠାରେ ୧୯ଟି ବ୍ଲକ୍‌ରେ ୭୬୦ ଘର କରିବାକୁ ଯୋଜନା ଥିଲେ ମଧ୍ୟ ବିଡିଏ ୧୫ଟି ବ୍ଲକ୍‌ରେ ୬ ଶହ ଘର ତିଆରି କରିଛି । କିନ୍ତୁ ୫୦ ପ୍ରତିଶତ ଘର ଆବଣ୍ଟିତ ହୋଇପାରିନାହିଁ । ଏଠାରେ ବିଏମ୍‌ସି ଯେଉଁ ସର୍ଭେ କରିଥିଲା ସେହି ତାଲିକା ଅନୁସାରେ ଘର ଦେବା କଥା । ଫନି ସମୟରେ




ଅନେକଙ୍କର ଘର ଭାଙ୍ଗିଯିବାରୁ ତାଲା ଭାଙ୍ଗି ଏହି ପ୍ରକଳ୍ପ ଭିତରେ ପଶି ଯାଇଥଲେ । ଏଥିରେ କିଛି ଯୋଗ୍ୟ ଥିବାବେଳେ ଅଧିକାଂଶ ଅଯୋଗ୍ୟ ରହିଥିଲେ କିନ୍ତୁ ବିଡିଏ ଏମାନଙ୍କୁ ବାହାର କରିବାକୁ ସାହସ କରିପାରିଲାନି । ଏହାର ସୁଯୋଗ ନେଇ କେତେକ ଅଯୋଗ୍ୟ ଏହି ଘର ପାଇଁ ଧାର୍ଯ୍ୟ ୧.୨ ଲକ୍ଷ ଟଙ୍କା ବିଡିଏ ଆକାଉଣ୍ଟରେ ଜମା କରିଦେଲେ । ବିଡିଏ ଏକ ସ୍ୱତନ୍ତ୍ର ଟିମ୍ କରି ଚଢ଼ଉ କରିବାକୁ ଯିବା ବେଳେ ସେମାନେ ଜମା କରିଥିବା ଦେୟର ରସିଦ ଦେଖାଇଲେ । ଫଳରେ ଏମାନେ ଯୋଗ୍ୟ କି ଅଯୋଗ୍ୟ ଅଧିକାରୀ ଦ୍ୱନ୍ଦ୍ୱରେ ପଡ଼ିଗଲେ । ପୁଣି ଥରେ ବିଡିଏ ବିଏମ୍‌ସିର ତାଲିକା ସହ ସମ୍ପୃକ୍ତ ବ୍ୟକ୍ତିଙ୍କର ନାମ ମେଳକ କରାଇଲେ ବିଏମ୍‌ସି ତାଲିକାରେ ସେହି ନାମ ସବୁ ନ ମିଶିବାରୁ ବିଡିଏ ଉଚ୍ଛେଦ ଅଭିଯାନ ଆରମ୍ଭ କଲା । କିନ୍ତୁ ସେତେବେଳକୁ ୫୦ ଅଯୋଗ୍ୟ କୋର୍ଟ ଯାଇ ସାରିଥିଲେ । ଏଣୁ ସେମାନଙ୍କୁ ବିଡିଏ ଉଚ୍ଛେଦ କରିପାରିଲାନି । ଅନ୍ୟ କେତେକ ଅଯୋଗ୍ୟଙ୍କୁ ଉଚ୍ଛେଦ କରି ତାଲା ପକାଇ ଦେଇଛି ହେଲେ ସେମାନଙ୍କର ଆସବାବପତ୍ର ସେହି ଘର ଭିତରେ ରହିଛି । ଫଳରେ ସେହି ଘରକୁ ଯୋଗ୍ୟ ହିତାଧିକାରୀଙ୍କୁ ଦିଆଯାଇପାରୁନି । ଅନ୍ୟପଟେ ସେଠାରେ କେତେକ ଯୋଗ୍ୟ ରହୁଥିଲେ ମଧ୍ୟ ଧାର୍ଯ୍ୟ ଦେୟ (୧.୨ ଲକ୍ଷ) ଦେଇନଥିବାରୁ ସେମାନଙ୍କୁ ବିଡିଏ ବାହାର କରିବାକୁ ଯୋଜନା କରିଛି ହେଲେ କରିପାରୁନି । ଏଣେ ଯେଉଁମାନେ ଯୋଗ୍ୟ ସେମାନେ ଘର ନପାଇ କୋର୍ଟର ଦ୍ୱାରସ୍ଥ ହୋଇଛନ୍ତି । ଏଭଳି ଏକ ବିଚିତ୍ର ସ୍ଥିତି ଏହି ପ୍ରକଳ୍ପରେ ରହିଛି । ଏବେ ସୁଦ୍ଧା ୪୫୨ ଜଣ ଯୋଗ୍ୟ ହିତାଧିକାରୀ ଚିହ୍ନଟ କରାଯାଇ ଘର ଯୋଗାଇ ଦିଆଯାଇଛି । ଏବେବି ୪୨ଜଣ ସମ୍ପୂର୍ଣ୍ଣ ଅଯୋଗ୍ୟ ରହିଛନ୍ତି । ୨୨ଜଣ ହିତାଧିକାରୀ ଏଭଳି ଅଛନ୍ତି, ଯେଉଁମାନେ ୧ ଲକ୍ଷ ୨୦ ହଜାର ଦେୟର ଅଧାରୁ କମ୍ ଦେଇଛନ୍ତି । ଆବଶ୍ୟକ ଦେୟ ଦାଖଲ କରିନଥିବାରୁ ସେଠାରେ ରହିବା ପାଇଁ ସେମାନେ ଯୋଗ୍ୟ ନୁହନ୍ତି । ୨୨ଜଣ ଏଭଳି ଅଛନ୍ତି ଯେଉଁମାନେ ଟଙ୍କାଟିଏ ଦାଖଲ କରିନାହାନ୍ତି । କେତେକ ନେତାଙ୍କର ହସ୍ତକ୍ଷେପ ଯୋଗୁଁ ଅନେକ ଜାଗାରେ ଅପ୍ରୀତିକର ପରିସ୍ଥିତି ଉପୁଜୁଛି । ଘର ପାଇଁ ସମ୍ପୂର୍ଣ୍ଣ ଦେୟ (୧.୨୦ ଲକ୍ଷ) ଦାଖଲ କରିବା ପରେ ବି ୧୦୦ରୁ ଉର୍ଦ୍ଧ୍ୱ ହିତାଧିକାରୀ ଝୁମ୍ପୁଡ଼ିରେ ରହୁଛନ୍ତି । ସେହିଭଳି ରଙ୍ଗମାଟିଆ ପ୍ରକଳ୍ପରେ ୬୦୦ ଘର ରହିଥିବା ବେଳେ ସେଠାରେ ପ୍ରାୟ ୨୦୦ ଘର ଭଡ଼ାରେ ଲାଗିଛି । ଏହାକୁ ଶୃଙ୍ଖଳିତ କରିବାକୁ ଅନେକ ବାର ଯୋଜନା ହୋଇଛି । ସ୍ୱତନ୍ତ୍ର ଟିମ୍ ମଧ୍ୟ ଗଠନ ହୋଇଛି । ହେଲେ ଫଳ କିଛି ହୋଇନାହିଁ । ଅଯୋଗ୍ୟ ଭଡ଼ାରେ ରହୁଥିବା ବେଳେ ଯୋଗ୍ୟ କୋର୍ଟରେ ପହଞ୍ଚିଛନ୍ତି । କେବଳ ଏହି ଦୁଇଟି ପ୍ରକଳ୍ପ ନୁହେଁ, ଏକାଧିକ ଏଏଚ୍‌ପିରେ ଏଭଳି ଅଭାବନୀୟ ଚିତ୍ର ରହିଛି ।

# ବିଷାକ୍ତ ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ଏକ ବିଷାକ୍ତ ସାପ କାମୁଡାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ସୂଚନା ଅନୁଯାୟୀ ବୌଦ୍ଧ ଜିଲ୍ଲା ପୁରୁଣାକଟକ ଥାନା ପାଟଦୋହଲି ଗ୍ରାମର ହେମାନନ୍ଦ ପ୍ରଧାନ (୩୦) ରାତ୍ରିରେ ଶୋଇଥିବା ସମୟରେ ଏକ ବିଷାକ୍ତ ସାପ କାମୁଡି ଦେଇଥିଲା । ପରିବାର ଲୋକେ ଖୋଜା ଖୋଜି କରିବାପରେ ଘର ଏକ କୋଣରେ ସାପ ଥିବା ଦେଖି ସଙ୍ଗେ ସଙ୍ଗେ ଗ୍ରାମବାସୀଙ୍କ ସହାୟତାରେ ବୌଦ୍ଧ ମୁଖ୍ୟ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଯାଇଥିଲେ । ଚିକିତ୍ସାଧିନ ଅବସ୍ଥାରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ବୌଦ୍ଧରୁ ବୁର୍ଲା ଭୀମସାରକୁ ଡାକ୍ତର ସ୍ଥାନାନ୍ତରିତ କରିଥିଲେ । କିନ୍ତୁ ପରିବାର ଲୋକେ ସଚେତନତା ଅଭାବରୁ ବୁର୍ଲା ନନେଇ ଘରକୁ ଫେରାଇ ଆଣି ଝଡ଼ାଫୁଙ୍କା କରି ଚିକିତ୍ସା କରାଇଥିଲେ । ଏଥିରେ ସେ ସୁସ୍ଥ ନହୋଇ ମୃତ୍ୟୁବରଣ କରିଥିଲେ। ମୃତକ ହେମାନନ୍ଦ ପରିବାରର ରୋଜଗାରକ୍ଷମ ଥିବାରୁ ତାଙ୍କର ମୃତ୍ୟୁରେ ତାଙ୍କ ୪ ବର୍ଷର ଝିଅ ଓ ବିଧବା ସ୍ତ୍ରୀ ଏକୁଟିଆ ହୋଇଯାଇଛନ୍ତି । ତାଙ୍କୁ ଆର୍ଥିକ ସହାୟତା ପାଇଁ ଦାବି ହେଉଥିବା ବେଳେ ସାପ କାମୁଡିଲେ ତୁରନ୍ତ ଡାକ୍ତରଖାନା ଓ ଡାକ୍ତରଙ୍କ ପରାମର୍ଶରେ ଚିକିତ୍ସା କରାଇବା ଏବଂ ଅନ୍ଧବିଶ୍ୱାସ ଗୁଣି ଗାରେଡ଼ି ପଛରେ ନପଡିବା ପାଇଁ ସମାଜସେବୀ ବିଭୁଦତ୍ତ ବୋଷ ସଚେତନ କରିଛନ୍ତି ।

# ଅଲିମ୍ପିକ୍ସକୁ ଭାରତ ପଠାଇଥିଲା ୧୧୭ ଜଣ ଖେଳାଳି : ମିଳିଲା ମାତ୍ର ୬ ପଦକ, ନାହିଁ ସ୍ୱର୍ଣ୍ଣ

**ନୂଆଦିଲ୍ଲୀ**

ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତୀୟ ଆଥଲେଟ୍ ସମସ୍ତଙ୍କୁ ନିରାଶ କରିଛନ୍ତି। ଭାରତ ପକ୍ଷରୁ ୧୧୭ ଜଣିଆ କଣ୍ଟିଜେଣ୍ଟକୁ ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ପଠାଯାଇଥିଲା। ହେଲେ ଦେଶକୁ ଗୋଟିଏ ରୌପ୍ୟ ସହ ମିଳିଛି ମାତ୍ର ୬ଟି ପଦକ। ଏଥିରେ ଗୋଟିଏ ହେଲେ ସ୍ୱର୍ଣ୍ଣ ପଦକ ମଧ୍ୟ ନାହିଁ।

ଅଲିମ୍ପିକ୍ସର ଗତ ସଂସ୍କରଣ ଟୋକିଓରେ ହୋଇଥିବା ବେଳେ ଭାରତ ଗୋଟିଏ ସ୍ୱର୍ଣ୍ଣ ସହ ୭ଟି ପଦକ ଜିତିଥିଲା। ଏହା ଅଲିମ୍ପିକ୍ସରେ ଭାରତର ସର୍ବଶ୍ରେଷ୍ଠ ପ୍ରଦର୍ଶନ ରହିଥିଲା। ଲାଗୁଥିଲା ପ୍ୟାରିସ୍‌ରେ ପଦକ ସଂଖ୍ୟା ଡବଲ ଡିଜିଟ୍ ହେବ। କିନ୍ତୁ ଟୋକିଓ ଠାରୁ ମଧ୍ୟ ଭାରତୀୟ ଆଥଲେଟ୍ କମ୍ ପଦକ ଜିତିଛନ୍ତି। ଅବଶ୍ୟ ରେସଲର ଭିନେଶ ଫୋଗାଟ୍‌ଙ୍କ ପଦକ ନିଷ୍ପତ୍ତି ଏଯାଏ ହୋଇନି। ଯଦି ରାୟ ତାଙ୍କ ସପକ୍ଷରେ ଯାଏ, ତାହେଲେ ଭାରତର ପଦକ ସଂଖ୍ୟା ଟୋକିଓ ସହ ସମାନ ହେବ ହେଲେ ସ୍ୱର୍ଣ୍ଣ ପଦକ ମିଳିବ ନାହିଁ।

ଭାରତୀୟ ଅଲିମ୍ପିକ୍ସ ଇତିହାସରେ ପ୍ରଥମଥର ପାଇଁ ସବୁଠାରୁ ଅଧିକ ୧୧୭ ଜଣ ଆଥଲେଟ୍‌ଙ୍କୁ ପ୍ୟାରିସ୍ ପଠାଯାଇଥିଲା। ଆଶା କରାଯାଉଥିଲା ଯେ ଭାରତର ପଦକ ସଂଖ୍ୟା ଏକ ଅଙ୍କରୁ ଦୁଇକୁ ବଢ଼ିବ ପଦକ ସଂଖ୍ୟା। ଦୁଇ ଅଙ୍କ ଛୁଇଁବା ସ୍ୱପ୍ନ ଅଧା ରହି ଯାଇଛି ସତ କିନ୍ତୁ ପ୍ୟାରିସ ଅଲିମ୍ପିକ୍ସରେ ନୂଆ ଆଶା ମଧ୍ୟ ସୃଷ୍ଟି ହୋଇଛି। ୨୦୨୮ ଅଲିମ୍ପିକ୍ସରେ ଭାରତ ଦମ୍‌ଦାର ପ୍ରଦର୍ଶନ କରିବ ବୋଲି କୁହାଯାଉଛି।

ଭାରତର ଅଲିମ୍ପିକ୍ସ ଅଭିଯାନ ଦମ୍‌ଦାର ଢଙ୍ଗରେ ଆରମ୍ଭ ହୋଇଥିଲା। ଅଲିମ୍ପିକ୍ସର ଦ୍ୱିତୀୟ ଦିନରେ ମନୁ ଭାକର ମହିଳା ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ଦେଶ ପାଇଁ ବ୍ରୋଞ୍ଜ ପଦକ ଜିତିଥିଲେ। ଦୁଇ ଦିନ ପରେ ଭାକର ଇତିହାସ ସୃଷ୍ଟି କରି ପ୍ରଥମ ଭାରତୀୟ (ସ୍ୱାଧୀନ ଭାରତ) ଭାବେ ଗୋଟିଏ ଅଲିମ୍ପିକ୍ସରେ ଦୁଇ ପଦକ ଜିତିଥିଲେ। ଏଥର ସେ ୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଇଭେଣ୍ଟରେ ସରବଜୋତ ସିଂହଙ୍କୁ ସାଥୀ କରି ପୁଣି ବ୍ରୋଞ୍ଜ ପଦକ ହାତେଇଥିଲେ।

ପଦକ ସଂଖ୍ୟା ଡବଲ ଡିଜିଟ୍‌କୁ ବୃଦ୍ଧି ପାଇବାର ସମ୍ଭାବନା ସେତେବେଳେ ସୃଷ୍ଟି ହୋଇଥିଲା ଯେତେବେଳେ ଅଗଷ୍ଟ ୧ରେ ପୁରୁଷ ୫୦ ମିଟର ରାଇଫଲ ଥ୍ରୀ ପୋଜିସନ ମ୍ୟାଚ୍‌ରେ ସ୍ୱପ୍ନିଲ କୁଶାଲେ ବ୍ରୋଞ୍ଜ ପଦକ ଜିତିଥିଲେ। ଗତ ଦୁଇଟି ଯାକ ଅଲିମ୍ପିକ୍ସରେ ଭାରତକୁ ସୁଟିଂରେ କୌଣସି ପଦକ ମିଳି



ନଥିବା ବେଳେ ଏଥର ୩ଟି ପଦକ ହାତେଇବା ଭାରତୀୟଙ୍କୁ ଉତ୍ସାହିତ କରିଥିଲା। ହେଲେ ଏହାର ୭ ଦିନ ଯାଏ ଭାରତୀୟମାନେ କୌଣସି ପଦକ ଜିତିବାକୁ ସକ୍ଷମ ହୋଇ ନଥିଲେ। ଫଳରେ ଭାରତର ପଦକ ସଂଖ୍ୟା ଦୁଇ ଅଙ୍କ ଛୁଇଁବାର ସ୍ୱପ୍ନ ଚୂରମାର ହୋଇଯାଇଥିଲା। କାରଣ ଭାରତ ପାଖରେ ପଦକ ଜିତିବାର ଖେଳାଳିଙ୍କ ସଂଖ୍ୟା ବହୁତ କମ୍ ରହିଥିଲା। ଦେଶର ଭରସା ନୀରଜ ଚୋପ୍ରା, ହକି ଟିମ୍, ମୀରାବାଈ ଚାନୁ ଓ ରେସଲରମାନଙ୍କ ଉପରେ ରହିଥିଲା।

ଅଲିମ୍ପିକ୍ସର ୧୧ତମ ଦିନରେ ଭିନେଶ ଫୋଗାଟ୍ ଭାରତ ପାଇଁ ପଦକ ପକ୍କା କରିଥିଲେ। ସେ ପ୍ରଥମ ଭାରତୀୟ ରେସଲର ଭାବେ ଫାଇନାଲରେ ପହଞ୍ଚିଥିଲେ। କିନ୍ତୁ ଫାଇନାଲ ବାଉଟ୍ ପୂର୍ବରୁ ତାଙ୍କୁ ଡିସକ୍ୱାଲିଫାଏଡ ହେବାକୁ ପଡ଼ିଥିଲା। ୫୦ କେଜି ବର୍ଗରେ ସେ ଲଢୁଥିବା ବେଳେ ତାଙ୍କ ଓଜନ ଏହାଠାରୁ ୧୦୦ ଗ୍ରାମ ଅଧିକ ରହିଥିଲା।

ଏହାର ଦିନକ ପୂର୍ବରୁ ହକି ଟିମ୍ ମଧ୍ୟ ସେମି ଫାଇନାଲରେ ହାରିଥିଲା। ଅବଶ୍ୟ ପରବର୍ତ୍ତୀ ଅବସ୍ଥାରେ ଭାରତୀୟ ହକି ଟିମ୍ ବ୍ରୋଞ୍ଜ ପଦକ ଜିତିବାକୁ ସକ୍ଷମ ହୋଇଥିଲା। ଭାରତର ଏକମାତ୍ର ଭାରୋତ୍ତଳନକାରୀ ମୀରାବାଈ ପଦକ ଦେବେ ବୋଲି ସମସ୍ତେ ଚାହିଁ ରହିଥିଲେ। କାରଣ ଟୋକିଓ ଅଲିମ୍ପିକ୍ସରେ ସେ ରୌପ୍ୟ ପଦକ ଜିତିଥିଲେ। ହେଲେ ସେ ପ୍ୟାରିସ୍‌ରେ ୪ର୍ଥ ସ୍ଥାନରେ ରହିଥିଲେ।

ଅଗଷ୍ଟ ୮ ଭାରତୀୟଙ୍କ ପାଇଁ ସବୁଠାରୁ ବଡ଼ ଦିନ ଥିଲା। କାରଣ ଟୋକିଓରେ ସ୍ୱର୍ଣ୍ଣ ଜିତିଥିବା ନୀରଜ ମୈଦାନକୁ ଓହ୍ଲାଇବାର ଥିଲା। ସେ ଜାଭେଲିନ ଥ୍ରୋ ଫାଇନାଲରେ ୮୯.୪୫ ମିଟର ଦୂରତା ଅତିକ୍ରମ କରି ରୌପ୍ୟ ପଦକ ହାତେଇଥିଲେ। ତାଙ୍କ ଠାରୁ ଯଥେଷ୍ଟ ଆଗକୁ ୯୨.୯୭ ମିଟରକୁ ଜାଭେଲିନ ଫିଙ୍ଗି ପାକିସ୍ତାନର ଅର୍ଶଦ ନଦୀମ ସ୍ୱର୍ଣ୍ଣ ପଦକ ଭାରତ ଠାରୁ ନେଇ ଯାଇଥିଲେ।

ଅଗଷ୍ଟ ୮ରେ ହକି ଓ ଜାଭେଲିନରୁ ପଦକ ମିଳିବାରୁ ଭାରତର ପଦକ ସଂଖ୍ୟା ୫କୁ ବୃଦ୍ଧି ପାଇଥିଲା। ଦିନକ ପରେ ରେସଲର ଅମନ ଶେହରାୱତ ଭାରତ ପାଇଁ ଶେଷ ବ୍ରୋଞ୍ଜ ଜିତିବାକୁ ସକ୍ଷମ ହୋଇ ଥିଲେ। ଶେଷ ଦିନରେ ରିତିକାର ହୁଡ଼ାଙ୍କ ଠାରୁ ଦେଶ ପଦକ ଅପେକ୍ଷାରେ ରହିଥିଲା। କିନ୍ତୁ ସେ ମଧ୍ୟ କ୍ୱାର୍ଟର ଫାଇନାଲରେ ହାରି ଯାଇଥିଲେ। ଏଥିସହ ଭାରତର ଅଲିମ୍ପିକ୍ସ ଅଭିଯାନ ଗୋଟିଏ ରୌପ୍ୟ ଓ ୫ ବ୍ରୋଞ୍ଜ ସହ ଶେଷ ହୋଇଥିଲା।

# ଅଲିମ୍ପିକ ଅର୍ଡର ପୁରସ୍କାର ଗ୍ରହଣ କଲେ ଅଭିନବ ବିନ୍ଦ୍ରା



**ନୂଆଦିଲ୍ଲୀ**

ଭାରତର ପ୍ରଥମ ବ୍ୟକ୍ତିଗତ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ଅଭିନବ ବିନ୍ଦ୍ରାଙ୍କୁ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ପକ୍ଷରୁ ପ୍ୟାରିସ୍‌ରେ ଆୟୋଜିତ ୧୪୨ତମ ଆଇଓସି ଅଧିବେଶନରେ ସମ୍ମାନ ଜନକ ଅଲିମ୍ପିକ ଅର୍ଡର ପ୍ରଦାନ କରାଯାଇଛି। ଅଲିମ୍ପିକ ଅଭିଯାନରେ ଉଲ୍ଲେଖନୀୟ ଅବଦାନକୁ ସ୍ୱୀକୃତି ଦେଇ ଅଲିମ୍ପିକ ଅର୍ଡର ଆଇଓସି ଦ୍ୱାରା ପ୍ରଦାନ କରାଯାଉଥିବା ସର୍ବୋଚ୍ଚ ସମ୍ମାନ ଅଟେ। ବିନ୍ଦ୍ରା ୨୦୦୮ ବେଜିଂ ଅଲିମ୍ପିକ୍ସରେ ପୁରୁଷ ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ଭାରତର ପ୍ରଥମ ବ୍ୟକ୍ତିଗତ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ଜିତିଥିଲେ। ୧୫୦ରୁ ଅଧିକ ବ୍ୟକ୍ତିଗତ ପଦକ ସହ ବିନ୍ଦ୍ରା ଭାରତୀୟ କ୍ରୀଡ଼ାରେ ଏକ ପ୍ରମୁଖ ବ୍ୟକ୍ତିତ୍ୱ ପାଲଟି ଯାଇଛନ୍ତି।

# ଇତିହାସ ରଚିବାକୁ କୋହଲିଙ୍କ ନିକଟରେ ରହିଛି ବଡ଼ ସୁଯୋଗ

**କଲମ୍ବୋ**



ଶ୍ରୀଲଙ୍କା ଗସ୍ତ ପରଠାରୁ ଟିମ୍ ଇଣ୍ଡିଆ ଏକ ବ୍ରେକ୍ ନେଇଛି। ଭାରତରେ ଏବେ ସେପ୍ଟେମ୍ବରରେ ବାଂଲାଦେଶ ବିପକ୍ଷରେ ଏକ ଟେଷ୍ଟ ସିରିଜ ଖେଳିବାକୁ ପଡ଼ିବ। ଏହା ପରେ ନ୍ୟୁଜିଲାଣ୍ଡ ଏବଂ ଅଷ୍ଟ୍ରେଲିଆ ବିପକ୍ଷରେ ମଧ୍ୟ ପ୍ରତିଯୋଗିତା ହେବ। ଚଳିତ ବର୍ଷ ବିରାଟ କୋହଲିଙ୍କୁ ଏକ ସ୍ୱତନ୍ତ୍ର ରେକର୍ଡ କରିବାର ସୁଯୋଗ ରହିଛି। ସେ ୧୦ ହଜାର ଟେଷ୍ଟ ରନ ପୂରଣ କରିପାରିବେ। ମହାନ ଖେଳାଳି ସଚିନ ତେନ୍ଦୁଲକର ଏବଂ ରିକି ପଣ୍ଟିଂଙ୍କ ତାଲିକାରେ କୋହଲି ସ୍ଥାନ ପାଇପାରିବେ। ଯଦି କୋହଲି ୧୦ ହଜାର ରନ ସ୍କୋର କରନ୍ତି, ତେବେ ସେ ଅନେକ କିମ୍ବଦନ୍ତୀ ପଛରେ ପକାଇବେ।

ବିରାଟ ଏପର୍ଯ୍ୟନ୍ତ ୧୧୩ଟି ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି। ଏହି ସମୟ ମଧ୍ୟରେ ୮୮୪୮ ରନ ସ୍କୋର କରାଯାଇଛି। ସେ ଏହି ଫର୍ମାଟରେ ୨୯ ଶତକ ଏବଂ ୩୦ ଅର୍ଦ୍ଧଶତକ ହାସଲ କରିଛନ୍ତି। କୋହଲି ମଧ୍ୟ ଏକ ଶତକ ହାସଲ କରିଛନ୍ତି। ତାଙ୍କର ଶ୍ରେଷ୍ଠ ସ୍କୋର ୨୫୪ ନଟ୍‌ଆଉଟ୍। ବର୍ତ୍ତମାନ କୋହଲିଙ୍କୁ ୧୦ ହଜାର ରନ ପୂରଣ କରିବାକୁ ୧୧୫୨ ରନ ଆବଶ୍ୟକ। ଯଦି ସେ ଏହା କରିପାରନ୍ତି, ସେ ଟେଷ୍ଟରେ ୧୦,୦୦୦ ରନ ସ୍କୋର କରିଥିବା ଖେଳାଳି ତାଲିକାରେ ଯୋଗଦେବେ। ଏହି ତାଲିକାରେ ସଚିନ ଶୀର୍ଷରେ ଅଛନ୍ତି।

ସଚିନ ଟେଷ୍ଟ କ୍ରିକେଟରେ ସର୍ବାଧିକ ରନ ସ୍କୋର କରିବାର ରେକର୍ଡ ରଖିଛନ୍ତି। ସେ ୨୦୦ଟି ମ୍ୟାଚରେ ୧୫୯୨୧ ରନ ସଂଗ୍ରହ କରିଛନ୍ତି। ସଚିନ ଏହି ଫର୍ମାଟରେ ୫୧ ଶତକ ଏବଂ ୬୮ ଅର୍ଦ୍ଧଶତକ ହାସଲ କରିଛନ୍ତି। ରିକି ପଣ୍ଟିଂ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ୧୬୮ ମ୍ୟାଚ୍‌ରେ ପଣ୍ଟିଂ ୧୩୩୭୮ ରନ ସ୍କୋର କରିଛନ୍ତି। ସେ ୪୧ ଶତକ ଏବଂ ୬୨ ଅର୍ଦ୍ଧଶତକ ହାସଲ କରିଛନ୍ତି। ଜ୍ୟାକ୍ କଲିସ୍ ତୃତୀୟ ସ୍ଥାନରେ ଅଛନ୍ତି। କଲିସ୍ ୧୬୬ଟି ମ୍ୟାଚ୍‌ରେ ୧୩୨୮୯ ରନ ସଂଗ୍ରହ କରିଛନ୍ତି। ସେ ୪୫ ଶତକ ଏବଂ ୫୮ ଅର୍ଦ୍ଧଶତକ ହାସଲ କରିଛନ୍ତି।

# ରାଶିଦ ଖାନଙ୍କୁ ଧୋଇଲେ ପୋଲାର୍ଡ, ୫ ବଲରେ ମାରିଲେ ୫ ଛକା

**ନୂଆଦିଲ୍ଲୀ**

କାଏରନ ପୋଲାର୍ଡ ଅବଶ୍ୟ ଅନ୍ତର୍ଜାତୀୟ କ୍ରିକେଟ ସହ ଆଇପିଏଲରୁ ଅବସର ନେଇ ସାରିଛନ୍ତି। କିନ୍ତୁ ଏବେ ବି ୱେଷ୍ଟଇଣ୍ଡିଜ୍ ପାୱାର ହାଉସ୍ ପୋଲାର୍ଡଙ୍କ ଟ୍ୟାଙ୍କରେ ଅନେକ ତେଲ ରହିଛି। ଏହାର ପ୍ରାମଣ ସେ ଦ ହଣ୍ଡରେଡ୍ ଟୁର୍ଣ୍ଣାମେଣ୍ଟରେ ଦେଇଛନ୍ତି। ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ବୋଲର ରାଶିଦ ଖାନଙ୍କୁ ପୋଲାର୍ଡ ଭଲ ଭାବେ ଧୋଇଛନ୍ତି। ତାଙ୍କୁ ସେ ଲଗାତର ୫ ବଲରେ ୫ ଛକା ମାରି ନିଜର ବିସ୍ଫୋରକ ରୂପ ଦେଖାଇଛନ୍ତି।

ସର୍ଦ୍ଦନ ବ୍ରେଭ୍ ପକ୍ଷରୁ ଖେଳୁଥିବା ପୋଲାର୍ଡ ଟ୍ରେଣ୍ଟ ରକେଟ୍ସର ରାଶିଦ ଖାନଙ୍କୁ ୫ ବଲରେ ୫ ଛକା ମାରିଛନ୍ତି। ପୋଲାର୍ଡଙ୍କ ବିସ୍ଫୋରଣ ଯୋଗୁ ବ୍ରେଭ ଟିମ୍ ୧୨୭ ରନର ଟାର୍ଗେଟକୁ ଗୋଟିଏ ବଲ ପୂର୍ବରୁ ହାସଲ କରି ନେଇଛନ୍ତି। ସାଉଥାମ୍ପଟନରେ ଅଗଷ୍ଟ ୧୦ରେ ଦୁଇ ଦଳ ଦ ହଣ୍ଡରେଡରେ ମୁହାଁମୁହିଁ ହୋଇଥିଲେ।



ରାଶିଦ ମ୍ୟାଚ୍‌ର ପ୍ରଥମ ୧୫ରେ ମାତ୍ର ୧୦ ରନ ଦେଇଥିଲେ, ଏଥିସହ ଗୋଟିଏ ୱିକେଟ ମଧ୍ୟ ହାସଲ କରିଥିଲେ। ହେଲେ ମାତ୍ର ୫ଟି ବଲରେ ପୋଲାର୍ଡ ତାଙ୍କ ବୋଲିଂ ଫିଗରକୁ ପୂରା ଓଲଟପାଲଟ କରି ଦେଇଛନ୍ତି। ପୋଲାର୍ଡଙ୍କ ଟିମ୍‌କୁ ୨୦ ବଲରେ ୪୯ ରନ ଦରକାର ଥିଲା।

ଏହି ସମୟରେ ପୋଲାର୍ଡ ନିଜର ବିସ୍ଫୋରକ ରୂପ ଦେଖାଇଥିଲେ। ପୋଲାର୍ଡଙ୍କ ଧୁଲେଇ ପରେ ମ୍ୟାଚ୍‌ର ମୋଡ଼ ବଦଳି ଯାଇଥିଲା। ବ୍ରେଭ୍ ଟିମ୍‌କୁ ଶେଷ ୧୫ ବଲରେ କେବଳ ୧୯ ରନର ଆବଶ୍ୟକ ରହିଥିଲା। ପୋଲାର୍ଡ ୨୩ ବଲରେ ୪୫ ରନର ଇନିଂସ ଖେଳିଥିଲେ। ୫ଟି ଛକା ମାରିବା ପରେ ସେ ଆଉ ୨ଟି ଚୌକା ମାରିଥିଲେ। ଏହାପରେ କ୍ଲାଭିନ ହାରିସନଙ୍କ ଦ୍ୱାରା ରନ ଆଉଟ୍ ହୋଇଯାଇଥିଲେ। ପୋଲାର୍ଡଙ୍କ ପରେ ଆସିଥିବା କ୍ରିସ୍ ଜୋର୍ଡାନ ଚୌକା ମାରି ଦଳକୁ ଗୋଟିଏ ବଲ ପୂର୍ବରୁ ବିଜୟୀ କରାଇଥିଲେ।

# ଭିନେଶଙ୍କୁ ନେଇ ନିଜ ବୟାନ ଦେଲେ ନୀରଜ ଚୋପ୍ରା

**ନୂଆଦିଲ୍ଲୀ**



ଭାରତୀୟ ରେସଲର୍ ଭିନେଶ ଫୋଗଟଙ୍କୁ ନେଇ ବଡ଼ ବୟାନ ଦେଇଛନ୍ତି ଆଥଲେଟ୍ ନୀରଜ ଚୋପ୍ରା। ନୀରଜ ଚୋପ୍ରା କହିଛନ୍ତି, ଆମେ ସମସ୍ତେ ଜାଣୁ ଯେ ଯଦି ସେ ପଦକ ପାଆନ୍ତି ତେବେ ଏହା ପ୍ରକୃତରେ ଭଲ ହେବ। ଯଦି ଏପରି ପରିସ୍ଥିତି ଉପୁଜି ନ ଥାନ୍ତା, ତେବେ ସେ ପଦକ ପାଇଥାନ୍ତେ।

ନୀରଜ ଚୋପ୍ରା ଆହୁରି କହିଛନ୍ତି, ଯଦି ଆମେ ପଦକ ପାଇଛୁ ତେବେ ଲୋକମାନେ ଆମକୁ କିଛି ସମୟ ପାଇଁ ମନେ ରଖନ୍ତି। କୁହନ୍ତି ଯେ, ଆମେ ସେମାନଙ୍କ ଚାମ୍ପିଅନ, କିନ୍ତୁ ଯଦି ଆମେ ପଦକ ପାଇନାହୁଁ ତେବେ ସେମାନେ ମଧ୍ୟ ଆମକୁ ଭୁଲିଯାଆନ୍ତି। ମୁଁ କେବଳ ଲୋକଙ୍କୁ ଅନୁରୋଧ କରିବାକୁ ଚାହୁଁଛି ଯେ ଭିନେଶ ଯାହା କହିଛନ୍ତି ତାକୁ ଭୁଲିଯାଆନ୍ତୁ ନାହିଁ, ସମସ୍ତେ ମନେ ରଖିବା ଉଚିତ ଯେ ସେ ଦେଶ ପାଇଁ କ'ଣ କରିଛନ୍ତି ?

କହିରଖୁଛୁ ଯେ, ପ୍ୟାରିସ୍ ଅଲିମ୍ପିକ ଫାଇନାଲରେ ଭାରତୀୟ ରେସଲର ଭିନେଶ ଫୋଗଟ ଅଯୋଗ୍ୟ ଘୋଷିତ ହୋଇଥିଲେ। ଏହାକୁ ନେଇ ସେ କୋର୍ଟରେ ପହଞ୍ଚିଥିଲେ। ବର୍ତ୍ତମାନ ଏହି ମାମଲା ସ୍ପୋର୍ଟସ କୋର୍ଟ ସିଏଏସ୍‌ରେ ଅଛି। ସିଏଏସ୍ ମାମଲାରେ କ୍ରୀଡ଼ା କୋର୍ଟ ଏହାର ନିଷ୍ପତ୍ତି ଦେବେ। ପ୍ୟାରିସ ଅଲିମ୍ପିକ୍ସ ଶେଷ ହେବା ପୂର୍ବରୁ ୧୩ ତାରିଖରେ ଭିନେଶ ଫୋଗଟ ମାମଲାର ନିଷ୍ପତ୍ତି ଆସିପାରେ ବୋଲି କୁହାଯାଉଛି। ଯଦି ଏହି ନିଷ୍ପତ୍ତି ଭିନେଶଙ୍କ ସପକ୍ଷରେ ଆସେ ତେବେ ସେ ରୌପ୍ୟ ପଦକ ପାଇପାରନ୍ତି।

# ରାଜ୍ୟ ବନ୍ଧୁକଚାଳନା ପ୍ରତିଯୋଗିତା ଉଦ୍‌ଯାପିତ




**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ରାଇଫଲ୍ ସଂଘ ଅନୁକୂଲ୍ୟରେ ସ୍ଥାନୀୟ ଉତ୍କଳ କରାଟେ ସ୍କୁଲଠାରେ ଆୟୋଜିତ ତ୍ରୟୋଦଶତମ ରାଜ୍ୟ ବନ୍ଧୁକଚାଳନା ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଭୁବନେଶ୍ୱର ବ୍ଲକ୍ ଉନ୍ନୟନ ଅଧିକାରୀ ସାଗର ପାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଓଡ଼ିଶା ରାଇଫଲ ସଂଘ ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ, ସଭାପତି ଗୌରୀ ମହାନ୍ତି, କୋଷାଧ୍ୟକ୍ଷ ବଳଭଦ୍ର ଦାସ, ଉପସଭାପତି ଚିତ୍ତରଞ୍ଜନ ସ୍ୱାଇଁ, ରୋମିଓକାନ୍ତ ନନ୍ଦ, ଯୁଗ୍ମସମ୍ପାଦକ ଆଶିଷ ନାୟକ, ସହସମ୍ପାଦକ ରାଜନାରାୟଣ ଖୁଣ୍ଟିଆ ପ୍ରମୁଖ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ । ବିଭିନ୍ନ ବର୍ଗର ସ୍ୱର୍ଣ୍ଣ ପଦକ ବିଜେତାମାନେ ହେଲେ କାଶିକା ପ୍ରଧାନ, ଅଭିଳାଷ ବଳ, ଜ୍ୟୋତିରଞ୍ଜନ ସାମଲ, ଅନ୍ୱେଷା ଦାସ, ସମିତା ମହାନ୍ତି, ସୁନୀଲ କୁମାର ତାରା, ରାଜନାରାୟଣ ଖୁଣ୍ଟିଆ, ସ୍ମରଣ ଶଙ୍କର ମିଶ୍ର, ବିନୟ କୁମାର ଆଚାର୍ଯ୍ୟ, ଧର୍ମେନ୍ଦ୍ର ସାହୁ, ଶ୍ରୀଜିତା ବରାଳ, ବିନୀତ ଦାସ, ମୋହିତ କୁମାର ପାଶୱାନ, ଶ୍ରେଷ୍ଠ ଶର୍ମା, ପ୍ରଣେଶ କୁମାର ରଥ, ଗୁରୁପଦ ମହାନ୍ତି, ଯଶ ରାଉତ, ରତିରଞ୍ଜନ ସ୍ୱାଇଁ, ଶକ୍ତିରୂପା ରାଉତରାୟ, ସୁଦୀକ୍ଷା ଶ୍ୱେତପ୍ରଜ୍ଞା ପଢ଼ୀ, ସୁଜାତା ପାଢ଼ୀ, ପ୍ରମୋଦ କୁମାର ରଥ, ଗଜେନ୍ଦ୍ର କୁମାର ପାଢ଼ୀ, ଅନୀଲ କୁମାର ଲେଙ୍କା, ବିଭୁପ୍ରସାଦ ସାମଲ, ସାଇ ଜ୍ୟୋତି ମହାନ୍ତି, ପ୍ରଜ୍ଞା ପାରମିତା ପଣ୍ଡା, ଏକପଣ୍ଡିକା ନାଥ, ନୀରଜାରା ବିଶ୍ୱାଳ ।

# ପଦକ ଜିତିବା ପରେ ଖୁସିରେ ଡେଇଁ କୋଚ୍‌ଙ୍କୁ ହୃଦ୍‌ଘାତ

**ନୂଆଦିଲ୍ଲୀ**

ପ୍ୟାରିସ ଅଲିମ୍ପିକ୍ସରେ ଉଜ୍‌ବେକିସ୍ତାନର ବକ୍ସିଂ ଦଳ ସ୍ୱର୍ଣ୍ଣ ପଦକ ଜିତିଛି। ଏହା ପରେ ଉଜ୍‌ବେକିସ୍ତାନ ଦଳର ମୁଖ୍ୟ କୋଚ୍ ତୁଲକିନ କିଲିଚେଭ ଖୁସିରେ ଡେଇଁପଡ଼ିଥିଲେ। କିନ୍ତୁ ଏହି ଖୁସି ମଧ୍ୟରେ ତାଙ୍କର ହୃଦ୍‌ଘାତ ହୋଇଥିଲା। ଏହା ପରେ ବ୍ରିଟେନର ଟ୍ରେନିଂ କର୍ମଚାରୀଙ୍କ ଦୁଇଜଣ ସଦସ୍ୟ ତାଙ୍କୁ ହୃଦ୍‌ଘାତରୁ ରକ୍ଷା କରିଥିଲେ। କିନ୍ତୁ ବର୍ତ୍ତମାନ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପ୍ୟାରିସ୍ ଅଲିମ୍ପିକ୍ସରେ ଉଜ୍‌ବେକିସ୍ତାନ ଦଳ ୫ଟି ସ୍ୱର୍ଣ୍ଣ ପଦକ ଜିତିଥିଲା। ଗତ ୨୦ ବର୍ଷ ମଧ୍ୟରେ ଅଲିମ୍ପିକ୍ସରେ ଉଜ୍‌ବେକିସ୍ତାନର ଏହା ହେଉଛି ସର୍ବଶ୍ରେଷ୍ଠ ପ୍ରଦର୍ଶନ। ଏଥି ସହିତ ଏହି ବିଜୟ ପରେ କୋଚ ତୁଲକିନ କିଲିଚେଭ ଜୋରଦାର ଉତ୍ସବ ପାଳନ କରିଥିଲେ।

ଉଜ୍‌ବେକିସ୍ତାନ ସ୍ୱର୍ଣ୍ଣ ପଦକ ଜିତିବା ପରେ ତୁଲକିନ କିଲିଚେଭ ଅସୁସ୍ଥ ହୋଇପଡିଥିଲେ। ଏହା ପରେ ଭାରତୀୟ ମୂଳ ଡାକ୍ତର ହରଜ ସିଂ ଏବଂ ଫିଜିଓଥେରାପିଷ୍ଟ ରବି ଲିଲିସ ତୁଲକିନ କିଲିଚେଭଙ୍କ ଜୀବନ ରକ୍ଷା କରିଥିଲେ। ଉଭୟ ଡାକ୍ତର ତାଙ୍କୁ ସି.ଆର.ପି ଦେଇଥିଲେ ଏବଂ ଲିଲିସ ଏକ ଡିଫିବ୍ରିଲେଟର ବ୍ୟବହାର କରିଥିଲେ (ହୃଦସ୍ପନ୍ଦନକୁ ସ୍ୱାଭାବିକ କରିବା ପାଇଁ ବ୍ୟବହୃତ ଯନ୍ତ୍ର)।

# କାଶୀ ବିଶ୍ୱନାଥରେ ହକି ଖେଳାଳି

**ବାରାଣାସୀ**

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ରେ ଭାରତୀୟ ହକି ଦଳ ସ୍ପେନ୍‌କୁ ପରାସ୍ତ କରି ବ୍ରୋଞ୍ଜ ପଦକ ହାସଲ କରିଛି। ବିଜୟ ପରେ ଭାରତୀୟ ଖେଳାଳି ଗୁରୁବାର ଦିଲ୍ଲୀ ବିମାନବନ୍ଦରରେ ପହଞ୍ଚିଥିଲେ। ସେଠାରେ ତାଙ୍କୁ ହଜାର ହଜାର ଲୋକ ଉପସ୍ଥିତ ରହି ଜୋରଦାର ସ୍ୱାଗତ କରିଥିଲେ। ଏହି ପରିପ୍ରେକ୍ଷୀରେ ଭାରତୀୟ ହକି ଖେଳାଳି ଲଳିତ ଉପାଧ୍ୟାୟ ରବିବାର କାଶୀ ବିଶ୍ୱନାଥ ମନ୍ଦିରରେ ପହଞ୍ଚି ମହାଦେବଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ଏପରିକି ମହାଦେବକୁ ପଦକ ଅର୍ପଣ କରିଥିଲେ। ଏହି ଅବସରରେ ତାଙ୍କୁ ଭେଟିବା ପାଇଁ ଲୋକେ ଉତ୍କଣ୍ଠାର ସହ ଅପେକ୍ଷା କରିଥିଲେ।



# କୋଚିଂ କ୍ୟାରିୟରର ସବୁଠାରୁ ଖରାପ ମୁହୂର୍ତ୍ତ ବିଷୟରେ କହିଲେ ରାହୁଲ ଦ୍ରାବିଡ୍

**ନୂଆଦିଲ୍ଲୀ**



ଭାରତୀୟ ପୂର୍ବତନ କୋଚ୍ ରାହୁଲ ଦ୍ରାବିଡ୍ ତାଙ୍କ କୋଚିଂ କ୍ୟାରିୟରର ସବୁଠାରୁ ଖରାପ ମୁହୂର୍ତ୍ତକୁ ପ୍ରକାଶ କରିଛନ୍ତି। ଦ୍ରାବିଡ୍ କହିଛନ୍ତି ଯେ, ଦକ୍ଷିଣ ଆଫ୍ରିକାରେ ଟେଷ୍ଟ ସିରିଜ୍ ଜିତି ନ ଥିବାରୁ ସେ ଦୁଃଖିତ। ନଭେମ୍ବର ୨୦୨୧ରେ ଭାରତୀୟ ଦଳର ପୂର୍ବତନ ବ୍ୟାଟ୍ସମ୍ୟାନ ଦ୍ରାବିଡ୍‌ଙ୍କୁ କୋଚ୍ ଭାବରେ ନିଯୁକ୍ତ କରାଯାଇଥିଲା। ଦ୍ରାବିଡ୍‌ଙ୍କ କାର୍ଯ୍ୟକାଳ ମଧ୍ୟରେ ସେଞ୍ଚୁରିଅନ ଟେଷ୍ଟରେ ଭାରତ ଦକ୍ଷିଣ ଆଫ୍ରିକାକୁ ୧୧୩ ରନ୍‌ରେ ପରାସ୍ତ କରି ଦକ୍ଷିଣ ଆଫ୍ରିକାରେ ପ୍ରଥମ ଟେଷ୍ଟ ସିରିଜ୍ ଜିତିବାକୁ ନିକଟତର ହୋଇଥିଲା, କିନ୍ତୁ ଦକ୍ଷିଣ ଆଫ୍ରିକା ଶେଷ ଦୁଇଟି ଟେଷ୍ଟରେ ଜବରଦସ୍ତ ପ୍ରଦର୍ଶନ କରି ସରିଜ୍‌କୁ ଫେରିଥିଲା।

ସେହି ସିରିଜକୁ ମନେ ପକାଇ ଦ୍ରାବିଡ୍ ଏହାକୁ ତାଙ୍କ କୋଚିଂ କ୍ୟାରିୟରର ଏକ ଖରାପ ମୁହୂର୍ତ୍ତ ବୋଲି ବର୍ଣ୍ଣନା କରିଥିଲେ। ଦ୍ରାବିଡ୍ ଏକ କ୍ରୀଡ଼ା ଚ୍ୟାନେଲକୁ କହିଛନ୍ତି, ଯଦି ତୁମେ ମୋତେ ପଚାରିବ ସବୁଠାରୁ ଖରାପ ମୁହୂର୍ତ୍ତ କ'ଣ, ମୁଁ ଦକ୍ଷିଣ ଆଫ୍ରିକା ସିରିଜ୍‌କୁ ବିବେଚନା କରେ। ଆମେ ଦକ୍ଷିଣ ଆଫ୍ରିକାରେ ପ୍ରଥମ ଟେଷ୍ଟ ଜିତିଥିଲୁ ଏବଂ ଖେଳିବାକୁ ଆଉ ଦୁଇଟି ଟେଷ୍ଟ ଥିଲା। ଦକ୍ଷିଣ ଆଫ୍ରିକାରେ ଆମେ କେବେ ବି ଟେଷ୍ଟ ସିରିଜ୍ ଜିତିନାହୁଁ। ସେଠାରେ ସିରିଜ୍ ଜିତିବା ପାଇଁ ଆମ ପାଇଁ ଏକ ଭଲ ସୁଯୋଗ ଥିଲା। ଆମର କିଛି ବରିଷ୍ଠ ଖେଳାଳି ସେହି ଗସ୍ତରେ ନ ଥିଲେ।

ଦ୍ରାବିଡ୍ କହିଛନ୍ତି, ଦଳ ଶେଷ ଦୁଇଟି ଟେଷ୍ଟ ମ୍ୟାଚ୍ ଜିତିବା ନିକଟତର ଥିଲା ଏବଂ ଦକ୍ଷିଣ ଆଫ୍ରିକା ପାଇଁ ଏକ ବଡ଼ ଲକ୍ଷ୍ୟ ସ୍ଥିର କରିପାରିଥାନ୍ତା। ସେ କହିଛନ୍ତି, ରୋହିତ ଶର୍ମା ଆହତ ହୋଇଥିଲେ ଏବଂ ସେହି ସିରିଜ୍‌ରେ ଖେଳିବାକୁ ଆମର ଅନେକ ବରିଷ୍ଠ ଖେଳାଳି ନ ଥିଲେ। ଆମେ ଉଭୟ ଟେଷ୍ଟ ମ୍ୟାଚ୍ ଜିତିବାକୁ ବହୁତ ନିକଟତର ଥିଲୁ। ଆମର ଏକ ବଡ଼ ସୁଯୋଗ ଥିଲା। ଏକ ଭଲ ଟାର୍ଗେଟ ଦେଇ ଆମେ ମ୍ୟାଚ୍ ଜିତି ପାରିଥାନ୍ତେ, କିନ୍ତୁ ଦକ୍ଷିଣ ଆଫ୍ରିକା ଭଲ ଖେଳିଲା। ସେ ଚତୁର୍ଥ ଇନିଂସରେ ଲକ୍ଷ୍ୟ ହାସଲ କରିଥିଲେ। ମୁଁ କହିବାକୁ ଚାହେଁ ଯେ ସିରିଜ୍ ଜିତିବାକୁ ନିକଟତର ହେବା ଏବଂ ତାହା କରିବାରେ ସକ୍ଷମ ନହେବା ମୋର କୋଚିଂ କ୍ୟାରିୟରର ଏକ ଖରାପ ମୁହୂର୍ତ୍ତ ଥିଲା।

ବିରାଟ କୋହଲି ଦ୍ୱିତୀୟ ମ୍ୟାଚ୍‌ରେ ଖେଳି ନ ଥିଲେ। କାରଣ ଧୀର ଓଭର ହାର ପାଇଁ ତାଙ୍କୁ ଗୋଟିଏ ମ୍ୟାଚ୍ ପାଇଁ ବ୍ୟାନ୍ କରାଯାଇଥିଲା। ତାଙ୍କ ଅନୁପସ୍ଥିତିରେ କେଏଲ ରାହୁଲ ଦ୍ୱିତୀୟ ଟେଷ୍ଟରେ ଦାୟିତ୍ୱ ନେଇଥିଲେ। ଦ୍ୱିତୀୟ ଟେଷ୍ଟରେ ଦକ୍ଷିଣ ଆଫ୍ରିକା ୨୪୦ ରନର ଲକ୍ଷ୍ୟ ହାସଲ କରିଥିଲା ଏବଂ ତା'ପରେ ତୃତୀୟ ଟେଷ୍ଟରେ ମଧ୍ୟ ସିରିଜ୍ ୨-୧ରେ ଜିତିବା ପାଇଁ ୨୧୨ ରନ ଲକ୍ଷ୍ୟ ହାସଲ କରିବାରେ ସଫଳ ହୋଇଥିଲା। ଏହି ସିରିଜ୍ ପରେ କୋହଲି ଅଧିନାୟକତ୍ୱ ଛାଡ଼ିଥିଲେ।

# କ୍ରିକେଟ୍‌ରେ କେଶବ ମହାରାଜଙ୍କ ବଡ଼ କାରନାମା

**ତ୍ରିନିଦାଦ**

ଦକ୍ଷିଣ ଆଫ୍ରିକା ଦଳ ବର୍ତ୍ତମାନ ୱେଷ୍ଟଇଣ୍ଡିଜ ଗସ୍ତରେ ଅଛି। ଆୟୋଜକ ଦଳ ବିପକ୍ଷରେ ଦକ୍ଷିଣ ଆଫ୍ରିକା ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳୁଛି। ଦୁଇ ଦଳ ମଧ୍ୟରେ ସିରିଜ୍‌ର ପ୍ରଥମ ମ୍ୟାଚ୍ ତ୍ରିନିଦାଦର ପୋର୍ଟ ଅଫ ସ୍ପେନ ଗ୍ରାଉଣ୍ଡରେ ଖେଳାଯିବାକୁ ଯାଉଛି, ଖେଳର ଚତୁର୍ଥ ଦିନ ଶେଷରେ ଦକ୍ଷିଣ ଆଫ୍ରିକା ଦଳ ୧୫୪ ରନ ଅଗ୍ରଣୀ ହାସଲ କରିଛି। ଏହି ମ୍ୟାଚ୍‌ର ଚତୁର୍ଥ ଦିନରେ ଆଫ୍ରିକୀୟ ଦଳର ବୋଲର କେଶବ ମହାରାଜଙ୍କଠାରୁ ଏକ ଚମତ୍କାର ପ୍ରଦର୍ଶନ ଦେଖିବାକୁ ମିଳିଥିଲା। ସେ ୪ ଉଇକେଟ ନେଇଥିଲେ ଏବଂ ଏହା ସହିତ ସେ ଏକ ସ୍ୱତନ୍ତ୍ର ସଫଳତା ହାସଲ କରିବାରେ ମଧ୍ୟ ସଫଳ ହୋଇଥିଲେ।

ୱେଷ୍ଟଇଣ୍ଡିଜ ବିପକ୍ଷ ତ୍ରିନିଦାଦ ଟେଷ୍ଟ ମ୍ୟାଚର ଚତୁର୍ଥ ଦିନରେ କେଶବ ମହାରାଜ ଦକ୍ଷିଣ ଆଫ୍ରିକା ଦଳ ପାଇଁ ଚମତ୍କାର ପ୍ରଦର୍ଶନ କରିଥିଲେ। ଏଥିରେ ଆୟୋଜକ ଦଳର ପ୍ରଥମ ଇନିଂସରେ ୨୩୩ ରନ ସ୍କୋର କରିବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। କେଶବ ନିଜର ୪୦ ଓଭର ବୋଲିଂରେ ୧୫ ଓଭର ମେଡେନ୍ ବୋଲିଂ କରିଥିବା ବେଳେ ସେ ୭୬ ରନ ଦେଇ ୪ ଉଇକେଟ ନେଇଥିଲେ। ଏହା ସହ କେଶବ ମହାରାଜ ମଧ୍ୟ ଅନ୍ତର୍ଜାତୀୟ କ୍ରିକେଟର ତିନୋଟି ଫର୍ମାଟରେ ନିଜର ୨୫୦ ଉଇକେଟ ସମାପ୍ତ କରିଛନ୍ତି ଏବଂ ସେ ଦକ୍ଷିଣ ଆଫ୍ରିକାର ଦ୍ୱିତୀୟ ସ୍ପିନ



ବୋଲର ହୋଇଛନ୍ତି। ତାଙ୍କ ପୂର୍ବରୁ ଇମ୍ରାନ ତାହିର ଏହି ସଫଳତା ହାସଲ କରିବାରେ ସଫଳ ହୋଇଥିଲେ। ଇମ୍ରାନ ଅନ୍ତର୍ଜାତୀୟ କ୍ୟାରିୟରରେ ମୋଟ ୨୯୧ ଉଇକେଟ ନେଇଛନ୍ତି।

# ଧୋନିଙ୍କ ବିରୋଧରେ ଅଭିଯୋଗ : ଅଗଷ୍ଟ ୩୦ ସୁଦ୍ଧା ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ

**ଲକ୍ଷ୍ନୌ**

ଭାରତୀୟ ଦଳର ପୂର୍ବତନ ଅଧିନାୟକ ଏମ୍‌ଏସ୍ ଧୋନି ଏବେ ପୁଣି ଚର୍ଚ୍ଚାକୁ ଆସିଛନ୍ତି। ବାସ୍ତବରେ ମହେନ୍ଦ୍ର ସିଂ ଧୋନିଙ୍କ ବିରୋଧରେ ବିସିସିଆଇ ଅଧିକାରୀଙ୍କ ନିକଟରେ କନଫ୍ଲିକ୍ଟ ଅଫ ଇଣ୍ଟ୍ରେଷ୍ଟ ଅଭିଯୋଗ କରାଯାଇଛି। ବିସିସିଆଇର ନିୟମ ୩୯ ଅନୁଯାୟୀ ବୋର୍ଡର ଇଥିକ୍ସ କମିଟିରେ ଏହି ଅଭିଯୋଗ ଦାଖଲ କରାଯାଇଛି।

ଉତ୍ତରପ୍ରଦେଶର ଆମେଠି ଜିଲ୍ଲାର ବାସିନ୍ଦା ରାଜେଶ କୁମାର ମୌର୍ଯ୍ୟ ଏହି ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ ୧୫ କୋଟି ଟଙ୍କା ଠକେଇ ମାମଲା ସହିତ ଜଡ଼ିତ, ଯାହାକି ଭାରତୀୟ କ୍ରିକେଟର ଏମ୍‌ଏସ୍ ଧୋନିଙ୍କ ଦ୍ୱାରା ରାଞ୍ଚିର ସିଭିଲ କୋର୍ଟରେ ମିହିର ଦିବାକର ନାମକ ଜଣେ ବ୍ୟକ୍ତିଙ୍କ ବିରୋଧରେ ଦାଖଲ କରାଯାଇଥିଲା। ବିସିସିଆଇର



ଇଥିକ୍ସ କମିଟି ୩୦ ଅଗଷ୍ଟ ସୁଦ୍ଧା ଧୋନିଙ୍କଠାରୁ ଉତ୍ତର ମାଗିଛନ୍ତି। ଏହା ବ୍ୟତୀତ ରାଜେଶ କୁମାର ମୌର୍ଯ୍ୟଙ୍କୁ ୧୬ ସେପ୍ଟେମ୍ବର ସୁଦ୍ଧା ଉତ୍ତର ଦେବାକୁ କୁହାଯାଇଛି।

ରାଞ୍ଚି ସିଭିଲ କୋର୍ଟରେ ମିହିର ଦିବାକର ନାମକ ଜଣେ ବ୍ୟକ୍ତିଙ୍କ ବିରୋଧରେ ଏମଏସ ଧୋନି ଏକ ଠକେଇ ମାମଲା ଦାୟର କରିଥିଲେ। ଏଥିରେ ମିହିର ଦିବାକରଙ୍କ ବ୍ୟତୀତ ଧୋନିଙ୍କ ସହ ବ୍ୟବସାୟ କରୁଥିବା ସୋମ୍ୟା ଦାସ ଏବଂ ଆର୍କା ସ୍ପୋର୍ଟସ ମ୍ୟାନେଜମେଣ୍ଟ ପ୍ରାଇଭେଟ ଲିମିଟେଡ୍ ବିରୋଧରେ ଠକେଇ ଅଭିଯୋଗ ଆସିଥିଲା। କୁହାଯାଇଥିଲା ଯେ ଭାରତୀୟ କ୍ରିକେଟରଙ୍କ ଠାରୁ ୧୫ କୋଟି ଟଙ୍କା ଠକେଇ କରାଯାଇଛି।

୨୦ ମାର୍ଚ୍ଚ ୨୦୨୪ରେ ଅନୁଷ୍ଠିତ ଶୁଣାଣିରେ ରାଞ୍ଚି ସିଭିଲ କୋର୍ଟ ଏହି ମାମଲାକୁ ସଠିକ୍ ବୋଲି ଜାଣିବାକୁ ପାଇଥିଲେ। ଯେଉଁଥିପାଇଁ ମିହିର ଦିବାକର, ସୋମ୍ୟା ଦାସ ଏବଂ ଆର୍କା ସ୍ପୋର୍ଟସ ମ୍ୟାନେଜମେଣ୍ଟ ପ୍ରାଇଭେଟ ଲିମିଟେଡ୍‌କୁ ଡକାଯାଇ ଥିଲା। ବିଶେଷକରି ମିହିର ଦିବାକରଙ୍କ ବିରୋଧରେ ଧୋନି ଚୁକ୍ତିନାମା ଉଲ୍ଲଂଘନ କରିଥିବା ଅଭିଯୋଗ କରିଥିଲେ। ଚୁକ୍ତିନାମା ୨୦୨୧ ମସିହାରେ ଶେଷ ହୋଇ ଯାଇଥିଲା, ତଥାପି ମିହିର ଦିବାକରଙ୍କ କମ୍ପାନୀ ଆର୍କା ସ୍ପୋର୍ଟସ ମ୍ୟାନେଜମେଣ୍ଟ ପାଇଭେଟ ଲିମିଟେଡ୍ ତାଙ୍କ ନାମ ବ୍ୟବହାର ଜାରି ରଖିଥିଲେ।

ଏହି ପରିପ୍ରେକ୍ଷୀରେ ଧୋନିଙ୍କ ଆଇନଜୀବୀ ଦିୟାନନ୍ଦ ସିଂ ଯୁକ୍ତି କରିଛନ୍ତି ଯେ ମିହିରଙ୍କ କମ୍ପାନୀ ଘରୋଇ ତଥା ଅନ୍ତର୍ଜାତୀୟସ୍ତରରେ ଅନେକ ଏକାଡେମୀ ଖୋଲିଛି, କିନ୍ତୁ ଏହା ସତ୍ତ୍ୱେ ଧୋନିଙ୍କୁ ଲାଭର କୌଣସି ଅଂଶ ଦିଆଯାଇ ନାହିଁ। କୁହାଯାଇଥିଲା ଯେ ଏହି କାରଣରୁ ଧୋନି ପ୍ରାୟ ୧୫ କୋଟି ଟଙ୍କା କ୍ଷତି ସହିଛନ୍ତି।





## ୨୦୩୦ ସୁଦ୍ଧା ଏଚ.ଆଇ.ଭି/ଏଡ୍‌ସର ବିଲୋପ ପାଇଁ

# ଜାତିସଂଘର ଲକ୍ଷ୍ୟ ହାସଲ ନିମନ୍ତେ ଉଦ୍ୟମ ଜାରି ରଖିଛି ଓସାକ୍ସ

**ଭୁବନେଶ୍ୱର, ୧୧/୦୮ ନ୍ୟୁଜ ବ୍ୟୁରୋ**

"ଏଚ.ଆଇ.ଭି/ଏଡସ୍ ଓ ଯୌନ ସଂକ୍ରମିତ ରୋଗ''ର ନିରାକରଣ ପାଇଁ ସୋମବାର ଆନ୍ତର୍ଜାତୀୟ ଯୁବ ଦିବସ ଅବସରରେ ଦେଶବ୍ୟାପୀ ସଚେତନତା ଅଭିଯାନର ଶୁଭାରମ୍ଭ ହେବାକୁ ଯାଉଛି । ଓଡ଼ିଶାରେ ଏହି ଅଭିଯାନ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗଙ୍କ ଦ୍ୱାରା ପାନପୋଷ ସ୍ଥିତ ସରକାରୀ ସ୍ୱୟଂଶାସିତ କଲେଜରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମ ରହିଛି ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧିନସ୍ଥ ଓଡ଼ିଶା ରାଜ୍ୟ ଏଡସ୍ ନିୟନ୍ତ୍ରଣ ସମିତି-ଓସାକ୍ସ ମାଧ୍ୟମରେ ଏହାର ପ୍ରଚାର ପ୍ରସାର ପାଇଁ ସମଗ୍ର ରାଜ୍ୟରେ ସଚେତନତା ଏବଂ ଲୋକନୃତ୍ୟ ଆଦି କାର୍ଯ୍ୟକ୍ରମ ରହିଛି । ରାଜ୍ୟର ଯୁବଗୋଷ୍ଠି ସ୍ୱାସ୍ଥ୍ୟ କ୍ଷେତ୍ରରେ ତାଙ୍କର ସକାରାତ୍ମକ ଭୂମିକା ପ୍ରଦର୍ଶନ କରିବାର ଆବଶ୍ୟକତାକୁ ଉପଲବ୍ଧି କରି ବିଭିନ୍ନ କଲେଜରେ ଓସାକ୍ସ ତରଫରୁ ଜାତୀୟ ଏଡ୍‌ସ ନିୟନ୍ତ୍ରଣ ସଂଗଠନ (ନାକୋ) ସହାୟତାରେ ଏବଂ ରେଡକ୍ରସ ସୋସାଇଟିର ମିଳିତ ଆନୁକୂଲ୍ୟରେ ବର୍ତ୍ତମାନସୁଦ୍ଧା ୭୦୦ଟି ରେଡ ରିବନ କ୍ଲବ ଖୋଲାଯାଇଛି । ଏହି କ୍ଲବର ସଦସ୍ୟମାନଙ୍କୁ ଏଚ.ଆଇ.ଭି./ଏଡ୍‌ସ ସଚେତନତା ପ୍ରଶିକ୍ଷଣ ପ୍ରଦାନ କରାଯାଇ ଯୁବଗୋଷ୍ଠିମାନଙ୍କୁ ସଚେତନ କରାଯାଉଛି । ଏହି କଲେଜମାନଙ୍କରେ ଅନ୍ତର୍ଜାତୀୟ ଯୁବ ଦିବସ, ରକ୍ତଦାନ ଦିବସ, ବିଶ୍ୱ ଏଡ୍‌ସ ଦିବସ, ଜାତୀୟ ଯୁବ ଦିବସ ଆଦି ଦିବସ ପାଳନ କରି ସଚେତନତା ବାର୍ତ୍ତା ଦିଆଯାଉଛି । ସମସ୍ତଙ୍କୁ ସଚେତନ କରିବା ସହିତ ୨୦୩୦ ସୁଦ୍ଧା ଏଚ.ଆଇ.ଭି./ଏଡ୍‌ସକୁ ସମାପ୍ତ କରିବା ମିଳିତ ଜାତିସଂଘର ଲକ୍ଷ୍ୟ ହାସଲ କ୍ଷେତ୍ରରେ ଓସାକ୍ସ ଉଦ୍ୟମ ଜାରି ରଖିଛି । ଏ କ୍ଷେତ୍ରରେ ସର୍ବାଧିକ ପ୍ରବଣ ଭାବେ ପରିଗଣିତ ହେଉଥିବା ଯୁବବର୍ଗଙ୍କୁ ଶିକ୍ଷାନୁଷ୍ଠାନମାନଙ୍କରେ ସେମାନଙ୍କ ଅନ୍ତର୍ନିହିତ ପ୍ରତିଭାକୁ ନେଇ ନାଟକ, ଦୌଡ, କୁଇଜ, କ୍ରିକେଟ ଆଦି ଜରିଆରେ ସଚେତନ କାର୍ଯ୍ୟକ୍ରମ ରହିଛି ।

# ଅଟକ ଜାହାଜକୁ ମୁକ୍ତ କରିବା ପାଇଁ ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ, ନ୍ୟୁଜ ବ୍ୟୁରୋ**



ପାରାଦୀପ ବନ୍ଦରରେ ଅଟକ ଥିବା ଏମ୍.ଭି ଜେଏଚଇ ଏଚଏଆଇ ୫୦୫କୁ ମୁକ୍ତ କରିବା ପାଇଁ ହାଇକୋର୍ଟ ଆଜି ନିର୍ଦ୍ଦେଶ ଦେଇଛନ୍ତି । ୨୦୨୪, ଜୁଲାଇ ୨୯ରେ ଏହି ଜାହାଜକୁ ଗିରଫ କରିବା ପାଇଁ ହାଇକୋର୍ଟ ଦେଇଥିବା ଅନ୍ତରୀଣ ନିର୍ଦ୍ଦେଶ ଉଠାଇ ଦିଆଯାଇଛି । ପ୍ରତିପକ୍ଷ ତରଫରୁ ଦାୟର ଅନ୍ତରୀଣ ଆବେଦନର ଶୁଣାଣି କରି ଜଷ୍ଟିସ ଭି. ନରସିଂହ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ପ୍ରତିପକ୍ଷଙ୍କ ତରଫରୁ ଦାଖଲ ୮୮ ଲକ୍ଷ ୩୫ ହଜାର ୧୨ଟଙ୍କା ୪୮ପଇସାର ଡିମାଣ୍ଡ ଡ୍ରାଫ୍ଟକୁ ଜାତୀୟକରଣ ବ୍ୟାଙ୍କର ସୁଧପ୍ରାପ୍ତ ଖାତାରେ ଜମା ରଖିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟପଟରେ ଏହି ପ୍ରସଙ୍ଗ ମାମଲାର ଚୂଡ଼ାନ୍ତ ଫଳାଫଳ ଉପରେ ନିର୍ଭର କରିବ ବୋଲି ହାଇକୋର୍ଟ କହିଛନ୍ତି । ମୂଳ ମାମଲାର ସେପ୍ଟେମ୍ବର ୫କୁ ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି । ସ୍କାଣ୍ଡି ଟ୍ରେନିଂ ଲିମିଟେଡ୍ ପକ୍ଷରୁ ଦାୟର ଏକ ସାମୁଦ୍ରିକ ବିବାଦ ସମ୍ପର୍କିତ ଆବେଦନର ଶୁଣାଣି କରି ପାରାଦୀପ ବନ୍ଦରରେ ଉପରୋକ୍ତ ଜାହାଜକୁ ଆରେଷ୍ଟ ପାଇଁ ନିର୍ଦ୍ଦେଶ ଦେଇଥିଲେ । ସମ୍ପୃକ୍ତ ଜାହାଜ ନିକଟରୁ ୯୯ ଲକ୍ଷ ଟଙ୍କା ଅର୍ଥ ଦାବି କରି ଆବେଦନକାରୀ ସଂସ୍ଥା ଏହି ମାମଲା ଦାୟର କରିଥିଲା । ସିକ୍ୟୁରିଟି ବାବଦ ଉପରୋକ୍ତ ଡିମାଣ୍ଡ ଡ୍ରାଫ୍ଟ ମଧ୍ୟ ପ୍ରତିପକ୍ଷ ଦାଖଲ କରିଥିଲେ ।

# ପୂର୍ବତନ ବୈଦେଶିକ ମନ୍ତ୍ରୀ କେ. ନଟବର ସିଂଙ୍କ ପରଲୋକ : ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଶୋକ

**ନୂଆଦିଲ୍ଲୀ, ୧୧/୮**



ପରଲୋକରେ ପୂର୍ବତନ ବୈଦେଶିକ ମନ୍ତ୍ରୀ କେ. ନଟୱର ସିଂ । ଦୀର୍ଘ ଦିନ ଧରି ସେ ସ୍ୱାସ୍ଥ୍ୟଗତ ସମସ୍ୟାରେ ପୀଡିତ ଥିଲେ । ଶନିବାର ଗୁରୁଗ୍ରାମର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ମୃତ୍ୟୁବେଳକୁ ତାଙ୍କୁ ୯୫ ବର୍ଷ ବୟସ ହୋଇଥିଲା । ଜଣେ ଦକ୍ଷ କୂଟନୀତିଜ୍ଞ ତଥା ଦକ୍ଷ ରାଜନେତା ଭାବରେ ସେ ବେଶ ଜଣାଶୁଣା ଥିଲେ । ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ସରକାରରେ କ୍ୟାବିନେଟ ମନ୍ତ୍ରୀ ଥିଲେ । ସୋମବାର ଲୋଧି ରୋଡରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯିବ ।

କେ. ନଟୱର ସିଂଙ୍କ ଦେହାନ୍ତରେ ଶୋକବ୍ୟକ୍ତ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ପ୍ରଧାନମନ୍ତ୍ରୀ ଟ୍ୱିଟ କରି କହିଛନ୍ତି, "କେ. ନଟୱର ସିଂଙ୍କ ଦେହାନ୍ତ ଖବରରେ ମୁଁ ଦୁଃଖିତ । କୂଟନୀତି ଏବଂ ବୈଦେଶିକ ନୀତିରେ ତାଙ୍କର ଅବଦାନ ମହତ୍ୱପୂର୍ଣ୍ଣ । ସେ ତାଙ୍କର ଉଚ୍ଚକୋଟୀର ଲେଖନି ପାଇଁ ମଧ୍ୟ ବେଶ ପରିଚିତ ଥିଲେ । ଏଭଳି ଦୁଃଖଦ ସମୟରେ ମୁଁ ତାଙ୍କର ପରିବାର ବର୍ଗଙ୍କୁ ସମେବଦନା ଜଣାଉଛି ।'' ସେହିପରି କେ.ନଟବର ସିଂହଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପୂର୍ବତନ ବୈଦେଶିକ ବ୍ୟାପାର ମନ୍ତ୍ରୀ ପଦ୍ମଶ୍ରୀ କେ.ନଟବର ସିଂହଙ୍କ ପରଲୋକ ଖବର ଶୁଣି ମୁଁ ଅତ୍ୟନ୍ତ ଦୁଃଖିତ ଓ ମର୍ମାହତ ଓ ସେ ବିଶିଷ୍ଟ ରାଜନେତା ଓ କୁଟନୀତିଜ୍ଞ ଭାବେ ଜଣାଶୁଣା ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଦିବଙ୍ଗତ ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଉଛି । ଓଁ ଶାନ୍ତି । ନଟୱର ସିଂଙ୍କ ଘର ରାଜସ୍ଥାନର ଭରତପୁରରେ । ସେ ମେ' ୧୬, ୧୯୨୯ରେ ଭରତପୁରରେ ଜନ୍ମଗ୍ରହଣ କରିଥିଲେ । ସେ ଜଣେ ଭାରତୀୟ କୂଟନୀତିଜ୍ଞ ଓ ରାଜନେତା ଥିଲେ । ମେ' ୨୦୦୪ରୁ ଡିସେମ୍ବର ୨୦୦୫ ପର୍ଯ୍ୟନ୍ତ ମନମୋହନ ସିଂ ସରକାରରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ । ତାଙ୍କ ପୁଅ ଜଗତ ସିଂ ବର୍ତ୍ତମାନ ଭାରତପୁରର ନାଡବାଇରୁ ବିଜେପି ବିଧାୟକ ରହିଛନ୍ତି । ନଟୱର ସିଂଙ୍କ ପତ୍ନୀ ହେମିନ୍ଦର କୌର ହେଉଛନ୍ତି ପଞ୍ଜାବ ପୂର୍ବତନ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂଙ୍କ ଭଉଣୀ । ନଟୱରଙ୍କ ଶେଷକୃତ୍ୟ ଦିଲ୍ଲୀରେ ଅନୁଷ୍ଠିତ ହେବ । ଦୁଇଥର ଲୋକସଭା ସାଂସଦ ଏବଂ ଥରେ ରାଜ୍ୟସଭା ସଦସ୍ୟ ଭାବେ ନିର୍ବାଚିତ ହୋଇଥିଲେ ।

# ସାଇବର ଠକଙ୍କୁ ୧୦ ହଜାର ପଠାଇ ୧୦ ଲକ୍ଷ ଲୁଟ୍

## ଟଙ୍କା ଫେରାଇ ଯୁବକଙ୍କ ଆକାଉଣ୍ଟ ଖାଲି ହୋଇଗଲା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୁଲିସ ଲୋକଙ୍କୁ ସାଇବର ଠକେଇର ବିଭିନ୍ନ ଦିଗ ନେଇ ସଚେତନ କଲେ ମଧ୍ୟ ସାଇବର ଠକ ନୂଆ ତରିକା ବାହାର କରି ଠକୁଛନ୍ତି । ଏବେ ସାଇବର ଠକ ନୂଆ ଉପାୟରେ ଲୋକଙ୍କୁ ଠକୁଛନ୍ତି । ସେମାନେ ଜାଣିଶୁଣି ଅନ୍ୟର ଆକାଉଣ୍ଟକୁ ୫ରୁ ୧୦ ହଜାର ଟଙ୍କା ପଠାଇ ଦେଉଛନ୍ତି । ପରେ ତାଙ୍କୁ ଫୋନ୍ କରି ଭୁଲରେ ଟଙ୍କା ଆକାଉଣ୍ଟକୁ ପଳାଇଥିବା କହୁଛନ୍ତି । ଆଉ ଟଙ୍କା ତାଙ୍କୁ ଫେରାଇ ଦେବାକୁ ନିବେଦନ କରୁଛନ୍ତି । ଜଣେ ବ୍ୟକ୍ତି ଦୟା ଦେଖାଇ ଟଙ୍କା ଫେରାଇବା ପରେ ସେମାନେ ଆକାଉଣ୍ଟର ସମସ୍ତ ତଥ୍ୟ ନେବା ପରେ ହ୍ୟାକ୍ କରି ଆକାଉଣ୍ଟ ଖାଲି କରି ଦେଉଛନ୍ତି । ଏହିଭଳି ସହିଦନଗର ଅଞ୍ଚଳର ବିଜୟ ସେଠୀ ୧୦ଲକ୍ଷ ଟଙ୍କା ଠକେଇର ଶିକାର ହୋଇଛନ୍ତି । ସେ ଏନେଇ ସାଇବର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଛି । ଏପରିକି ଏଭଳି ନୂଆ ଠକେଇରୁ ବର୍ତ୍ତିବା ପାଇଁ ଲୋକଙ୍କୁ ପୁଲିସ ସଚେତନ କରୁଛି । ଅଭିଯୋଗ ଅନୁସାରେ, ଦୁଇ ଦିନ ତଳେ ବିଜୟଙ୍କ ଆକାଉଣ୍ଟକୁ ୧୦ ହଜାର ଟଙ୍କା କ୍ରେଡିଟ୍ ହୋଇଥିଲା । ଟଙ୍କା ଆସିବାର ୧୫ ମିନିଟ୍ ପରେ ରାହୁଲ ବୋଲି ପରିଚୟ ଦେଇ ସାଇବର ଠିକ କଥା ହୋଇଥିଲେ । ସାଙ୍ଗର ଗୁଗଲ୍ ପେ'କୁ ଟଙ୍କା ପଠାଉଥିଲି, ଭୁଲ୍‌ରେ ଆପଣଙ୍କ ନିକଟକୁ ପଳାଇ ଯାଇଥିବା କହିଥିଲେ । ଆଉ ଦୟାକରି ଫେରାଇ ଦେବାକୁ ମଧ୍ୟ ନିବେଦନ କରିଥିଲେ । ବିଜୟ ସାଇବର ଠକ କଥାକୁ ବିଶ୍ୱାସ କରି ତାଙ୍କ ଆକାଉଣ୍ଟକୁ ୧୦ ହଜାର ଟଙ୍କା ଫେରାଇ ଦେଇଥିଲେ । ଟଙ୍କା ଫେରାଇବାର ଅଧ ଘଣ୍ଟା ପରେ ତାଙ୍କ ଆକାଉଣ୍ଟରୁ ୮ଟି କିସ୍ତିରେ ୧୦ ଲକ୍ଷ ଟଙ୍କା କଟି ଯାଇଥିଲା । ବିଜୟ ଟଙ୍କା ପଠାଇବା ପରେ ସାଇବର ଠକ ତାଙ୍କ ଆକାଉଣ୍ଟ ସମ୍ପର୍କୀୟ ସମସ୍ତ ତଥ୍ୟ ପାଇବା ପରେ ହ୍ୟାକ୍ କରି ଟଙ୍କା ଲୁଟି ନେଇଥିଲେ ।

## ଜଳପଥରେ ବାଂଲାଦେଶୀଙ୍କ ପ୍ରବେଶ ନେଇ କଡ଼ାକଡ଼ି ସୁରକ୍ଷା ବ୍ୟବସ୍ଥା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଦିନକୁ ଦିନ ବାଂଲାଦେଶରେ ଅଶାନ୍ତି ବଢି ବଢି ଚାଲିଛି । ଯାହାଫଳରେ ବାଲାଂଦେଶୀମାନେ ଭାରତ ମୁହାଁହେଉଛନ୍ତି । ବାଲାଂଦେଶୀମାନଙ୍କର ଜଳପଥରେ ପ୍ରବେଶକୁ କଡାକଡି କରାଯାଇଛି । ଓଡିଶା ମେରାଇନ ପୋଲିସ ପକ୍ଷରୁ ପୁରୀ ଜିଲ୍ଲାର ଅରଖକୁଦା ମେରାଇନ ଥାନାର ଗୋଟିଏ ଟିମ ଚିଲିକାର ପ୍ରବେଶ ପଥ ଶିବକୁଦା ମୁହାଣରେ ଯାଞ୍ଚ ପ୍ରକ୍ରିୟା କଡାକଡି କରିଛନ୍ତି । ମେରାଇନ ଥାନା ଭାରପ୍ରାପ୍ତ ଅଧିକାରିଣୀ ସସ୍ମିତା ବେହେରା କହିଛନ୍ତି ଯେ ସନ୍ଦେହରେ ଆସୁଥିବା ଲୋକମାନଙ୍କୁ ଯାଞ୍ଚ କରାଯାଇ ସେମାନଙ୍କ ପ୍ରମାଣପତ୍ର ଯାଞ୍ଚ କରାଯାଉଛି ।

# ରାଜଧାନୀରେ ଅପମିଶ୍ରିତ ପେଟ୍ରୋଲ ବିକ୍ରି : ଜନତାଙ୍କ ବିକ୍ଷୋଭ

**ଭୁବନେଶ୍ୱର, ୧୧/୮ ନ୍ୟୁଜ ବ୍ୟୁରୋ**

ରାଜଧାନୀ ଭୁବନେଶ୍ୱରରେ ଏକ ଅପମିଶ୍ରିତ ପେଟ୍ରୋଲ ବିକ୍ରିକୁ ନେଇ ଲୋକେ ପେଟ୍ରୋଲ ପମ୍ପ ସମ୍ମୁଖରେ ବିକ୍ଷୋଭ କରିବା ସହ ଏହି ଅପମିଶ୍ରିତ ପେଟ୍ରୋଲ ପକାଇ ଏକାଧିକ ବାଇକ୍ ଅଚଳ ହୋଇ ପଡିଥିବା ଜଣାପଡିଛି । ଘଟଣାରେ ପ୍ରକାଶ ଯେ, ମନୋରଞ୍ଜନ ଫିଲିଂ ଷ୍ଟେସନରେ ଏହି ଘଟଣା ଘଟିଛି । ଏହି ପେଟ୍ରୋଲ ପମ୍ପରୁ ଲୋକେ ଗାଡିରେ ପେଟ୍ରୋଲ ପକାଇବା ପରେ ସେଗୁଡିକ ଅଚଳ ହୋଇ ପଡିଛି । ଏହି ଅଚଳ ଗାଡିକୁ ଲୋକେ ଠେଲି ଠେଲି ନୟାପଲ୍ଲୀ ଥାନାରେ ପହଞ୍ଚି ଏସମ୍ପର୍କରେ ଅଭିଯୋଗ କରିଥିଲେ । ଫଳରେ ନୟାପଲ୍ଲୀ ପୋଲିସ ସମ୍ପୃକ୍ତ ପେଟ୍ରୋଲ ପମ୍ପରେ ପହଞ୍ଚି ତଦନ୍ତ କରୁଛନ୍ତି । ପେଟ୍ରୋଲରେ ପାଣି ମିଶିଥିବା ନେଇ ଲୋକେ ଅଭିଯୋଗ କରିଛନ୍ତି । ଏହି ଘଟଣାରେ ୪ଟି ଗାଡି ଅଚଳ ହୋଇପଡିଥିବା ଜଣାପଡିଛି ।

# ଆଜି ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସୋମବାରରେ ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ । ଭୁବନେଶ୍ୱର, ୟୁନିଟ ୫ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜନଶୁଣାଣି ବନ୍ଦ ରହିବ । ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି ।



# ବଜ୍ରାଘାତରେ ୨ ଯୁବକ ମୃତ : ଜଣେ ଗୁରୁତର

**ସୋର, ନ୍ୟୁଜ ବ୍ୟୁରୋ**

ବାଲେଶ୍ୱର ଜିଲ୍ଲା ସୋର ବ୍ଲକ ଗୋପୀନାଥପୁର ପଞ୍ଚାୟତ ରାଇପୀତାମ୍ବର ଗାଁରେ ବଜ୍ରାଘାତରେ ୨ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି । ମୃତକମାନେ ହେଉଛନ୍ତି ରାଇପୀତାମ୍ବର ଗାଁର ବସନ୍ତ ଦାସ ଓ ନରେନ୍ଦ୍ର ବିଶ୍ୱାଳ । ଆହତ ଜଣଙ୍କ ହେଉଛନ୍ତି ସେହି ଗାଁର ସୁରେନ୍ଦ୍ର ସାହୁ । ମିଳିଥିବା ସୂଚନାଅନୁସାରେ ବିଲକୁ କାମ କରିବାକୁ ଯାଇଥିବା ବେଳେ ବଜ୍ରାଘାତର ଶିକାର ହୋଇଥିଲେ । ପରିବାର ଲୋକେ ସମସ୍ତଙ୍କୁ ଉଦ୍ଧାର କରି ସୋର ଡାକ୍ତର ଖାନାକୁ ଆଣିଥିବା ବେଳେ ସେଠାରେ ଡାକ୍ତର ବସନ୍ତ ଦାସ ଓ ନରେନ୍ଦ୍ର ବିଶ୍ୱାଳଙ୍କୁ ମୃତ ଘୋଷଣା କରିଥିବା ବେଳେ ସୁରେନ୍ଦ୍ରଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡିଛି ।

# ସ୍ୱାଧୀନତା ଦିବସ ପାଇଁ ଗାନ୍ଧୀ ମାର୍ଗରେ ଚାଲିଛି ପରେଡ୍ ଅଭ୍ୟାସ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ପରେଡ୍ ଉତ୍ସବ ପାଇଁ ଅଭ୍ୟାସ ଆରମ୍ଭ ହୋଇଛି । ୭୮ ତମ ସ୍ୱାଧୀନତା ଦିବସ ପାଇଁ ଭୁବନେଶ୍ୱର ମହାତ୍ମା ଗାନ୍ଧୀ ମାର୍ଗରେ ପରେଡ୍ ରିହର୍ସାଲ୍ ହୋଇଛି । ଚଳିତ ବର୍ଷ ପରେଡରେ ଏନସିସି, ସ୍କାଉଟ, ଗାଇଡ, ଅର୍ଦ୍ଧସାମରିକ ଓ ସାମରିକ ଭଳି ବିଭିନ୍ନ କଣ୍ଟିଜେଣ୍ଟକୁ ମିଶାଇ ପ୍ରାୟ ୫୮ଟି ଗ୍ରୁପ୍ ଅଂଶଗ୍ରହଣ କରିବେ । ପରେଡକୁ କମାଣ୍ଡ କରିବେ ଆଇପିଏସ ଅମ୍ରିତପାଲ୍ କର । ଚଳିତ ବର୍ଷ ଇଣ୍ଡୋ ତିବତିଆନ୍ ବର୍ଡର ପୁଲିସ ଓ ଛତିଶଗଡ଼ ଷ୍ଟେଟ୍ ଆର୍ମଡ ପୁଲିସ ଯୋଗଦେଇଛନ୍ତି । ଅଗଷ୍ଟ ୧୫ ତାରିଖ ଦିନ ସକାଳ ୯ଟା ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପତାକା ଉତ୍ତୋଳନ କରି ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବେ ପରେ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିବେ ।

# ପରମ୍ପରା ଅନୁଯାୟୀ ପୁରୀରେ ରଥଭଙ୍ଗା କାମ ଆରମ୍ଭ

**ପୁରୀ, ନ୍ୟୁଜ ବ୍ୟୁରୋ**

ପରମ୍ପରା ଅନୁସାରେ ରବିବାରଠାରୁ ପୁରୀରେ ଆରମ୍ଭ ହୋଇଛି ରଥଭଙ୍ଗା କାମ । ଶ୍ରୀମନ୍ଦିର ପ୍ରଶାସନର ନିର୍ଦ୍ଦେଶ ଅନୁସାରେ ଆଜି ଭୋଇ ସେବକମାନେ ରଥ ଭଙ୍ଗା କାର୍ଯ୍ୟ କରୁଛନ୍ତି । ପ୍ରଥମେ ମା' ସୁଭଦ୍ରାଙ୍କ ଦେବଦଳନ ରଥର କଳସରୁ ଭଙ୍ଗା କାମ ଆରମ୍ଭ ହୋଇଛି । ମୁଖ୍ୟ ଭୋଇ ସର୍ଦ୍ଦାରଙ୍କ ନିର୍ଦ୍ଦେଶକ୍ରମେ ୮ ଜଣ ପ୍ରମୁଖ ଭୋଇ ଉପସ୍ଥିତ ରହି ରଥଭଙ୍ଗା କାର୍ଯ୍ୟ ଆରମ୍ଭ କରିଛନ୍ତି । ପ୍ରଥମେ ଦେବଦଳନ, ପରେ ତାଳଧ୍ୱଜ ଓ ଶେଷରେ ନନ୍ଦିଘୋଷ ରଥ ଭଙ୍ଗାଯିବାର ପରମ୍ପରା ରହିଛି । ରଥର ଚକ, ପ୍ରଭା, ଦ୍ୱାର ବେଢା, କୋଣଗୁଜକୁ ଶ୍ରୀମନ୍ଦିର ପ୍ରଶାସନ ନିଲାମ କରିଥାଏ । ଏବଂ ଅନ୍ୟ ଟୁକୁରା କାଠ ମହାପ୍ରଭୁଙ୍କ କୋଠଭୋଗ ପ୍ରସ୍ତୁତିରେ ଜାଳ ଭାବେ ବ୍ୟବହାର ହୋଇଥାଏ ।

# ଏକାମ୍ର ନିର୍ବାଚନ ମଣ୍ଡଳୀରେ ହର ଘର ତ୍ରିରଙ୍ଗା ପଦଯାତ୍ରା ଶୁଭାରମ୍ଭ କଲେ ବିଧାୟକ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ସର୍ବଦା ଅବହେଳିତ ଓ ବିକାଶ ଠାରୁ ଦୂରରେ ଥିବା ଏକାମ୍ର କ୍ଷେତ୍ର ଏବେ ନୂଆ ବିଧାୟକ ଙ୍କ ନେତୃତ୍ୱରେ ବିକାଶ ପଥରେ ଅଗ୍ରସର ହେଉଛି । ନୂତନ ଭାବେ ନିର୍ବାଚିତ ବିଧାୟକ ବାବୁ ସିଂ ପ୍ରତିଦିନ ନିଜ କାର୍ଯ୍ୟାଳୟରେ ଲୋକଙ୍କ ଅଭିଯୋଗ ଶୁଣିବା ସହିତ ବିଭିନ୍ନ ୱାର୍ଡ଼ ଓ ପଂଚାୟତ ବୁଲି ଲୋକଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରି ସମାଧାନ ପାଇଁ ପ୍ରୟାସ ଆରମ୍ଭ କରୁଛନ୍ତି । ଆଜି ସକାଳୁ ଏକାମ୍ର ବିଧାୟକ ବାବୁ ସିଂ ୱାର୍ଡ଼ ନଂ ୨୪ ର ବରମୁଣ୍ଡା ହାଉସିଂବୋର୍ଡ଼ କଲୋନୀ ,ବମହାବୀର ବସ୍ତି, ଜଗନ୍ନାଥ ବିହାର,ଗଡଡବସ୍ତି ଅଂଚଳ ପରିଦର୍ଶନ କରି ଲୋକଙ୍କ ବିଭିନ୍ନ ସ୍ଥାନୀୟ ସମସ୍ୟା ସମ୍ପର୍କରେ ଆଲୋଚନା କରି ସମାଧାନ ପାଇଁ ପ୍ରୟାସ ଆରମ୍ଭ କରିଥିଲେ ଓ ଏହା ପରେ ବୃକ୍ଷ ରୋପଣ କରିଥିଲେ । ସବୁ ସମସ୍ୟା ସମ୍ପର୍କରେ ସମୀକ୍ଷା କରିବା ପରେ ବିଧାୟକ ଶ୍ରୀ ସିଂ ଖୁବ୍ ଜଲ୍‌ଦୀ ସମାଧାନ ପାଇଁ କାର୍ଯ୍ୟ ଆରମ୍ଭ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଅପରାହ୍ନ ରେ ୱାର୍ଡ଼ ନଂ ୬୨ ପୋଖରୀପୁଟ ଅଞ୍ଚଳରେ ହର ଘର ତ୍ରିରଙ୍ଗା ପଦଯାତ୍ରା ରେ ଯୋଗଦେଇ ଥିଲେ । ଏହି ଅବସରରେ ବିଧାୟକ ଶ୍ରୀ ବାବୁ ସିଂ କହିଛନ୍ତି ଯେ,ନିର୍ବାଚନରେ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲୁ ଆଉ ଏବେ ଲୋକଙ୍କ ପାଇଁ କାମ କରୁଛୁ । ଭୋଟର ଆମକୁ ଜନ ପ୍ରତିନିଧୀ ଭାବେ ନିର୍ବାଚିତ କଲା ପରେ ଲୋକଙ୍କ ସମସ୍ୟା ସମାଧାନ କରିବାକୁ ପ୍ରାଥମିକତା ଦେଇଛୁ । ଏକାମ୍ର ବାସୀଙ୍କୁ ସମସ୍ତ ମୌଳିକ ସୁବିଧା ଯୋଗାଇଦେବା ମୋର ପ୍ରାଥମିକ କର୍ତ୍ତବ୍ୟ ବୋଲି କହିଛନ୍ତି ଏକାମ୍ର ବିଧାୟକ ବାବୁସିଂ । ବୃକ୍ଷ ଆମ ଜୀବନର ଆଧାର ଅଟେ ଏହାର ସୁରକ୍ଷା ଆମର କର୍ତବ୍ୟ । ଆପଣମାନେ ମଧ୍ୟ ଏହି ଅଭିଯାନରେ ସାମିଲ ହେବା ସହ ଏକ ସଛ ଓ ସୁନ୍ଦର ପରିବେଶ ପାଇଁ ଗୋଟିଏ ଗୋଟିଏ ଗଛ ଲଗାନ୍ତୁ । ଆପଣଙ୍କ ଅଂଚଳରେ ଥିବା ଖୋଲା ସ୍ଥାନରେ ବୃକ୍ଷରୋପଣ ପାଇଁ ଆମକୁ ଯୋଗାଯୋଗ କରନ୍ତୁଓସମସ୍ତଙ୍କୁ ଚାରା ସହିତ ଟ୍ରି ଗାର୍ଡ ମଧ୍ୟ ଯୋଗାଇ ଦିଆଯିବ ବୋଲି ଶ୍ରୀ ସିଂ କହିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କୃଷକଙ୍କ ପାଇଁ ...

ପ୍ରଧାନମନ୍ତ୍ରୀ ଜୋର ଦେଇଛନ୍ତି । କୃଷକମାନେ ଏହି ବିହନ ସେମାନଙ୍କ ପାଇଁ ଖର୍ଚ୍ଚ କମ କରିବା ସହିତ ପର୍ଯ୍ୟାବରଣକୁ ଭଲ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ । ବାଜରାର ଉଦାହରଣ ଦେଇ କହିଛନ୍ତି ଯେ, ଲୋକେ ଏବେ ପୁଷ୍ଟିକର ଖାଦ୍ୟ ଆଡ଼କୁ ଢ଼ଳୁଛନ୍ତି । ପ୍ରାକୃତିକ ପଦ୍ଧତିରେ ଚାଷ ଏବଂ ଜୈବିକ ପଦ୍ଧତିରେ ଚାଷକୁ ନେଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଜୈବିକ ଚାଷରେ ଉତ୍ପାଦନ ହେଉଥିବା ଖାଦ୍ୟ ପଦାର୍ଥକୁ ଲୋକେ ଅଧିକ ପସନ୍ଦ କରୁଛନ୍ତି । ତେଣୁ ଏହାର ଚାହିଦା ବୃଦ୍ଧି ପାଇବାରେ ଲାଗିଛି ।

### ମମତା ବାନାର୍ଜୀଙ୍କୁ...

ପହଞ୍ଚିଲାଣି । ରଜ୍ୟବ୍ୟାପୀ ଏମିତି ସମସ୍ୟା ଦେଖାଦେଇଛି ଯେଉଁଥିପାଇଁ ଖାଉଟିମାନେ ନାନା ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି ।

ଆଳୁ ଦର ବୃଦ୍ଧିକୁ ନେଇ ଅସନ୍ତୋଷ ପ୍ରକାଶ ପାଇବା ପରେ ନୂଆଦିଲ୍ଲୀରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କ ସହିତ କଥା ହୋଇଥିଲେ ଓଡ଼ିଶାର ମୁଖ୍ୟମନ୍ତ୍ରୀ । ହେଲେ ସମସ୍ୟା ସମାଧାନ ହୋଇନଥିଲା । ଯେଉଁଥିପାଇଁ ଓଡ଼ିଶା ସରକାର ଉତ୍ତରପ୍ରଦେଶରୁ ଆଳୁ ଆଣିବାକୁ ବ୍ୟବସ୍ଥା କରିଥିଲେ । ହେଲେ ସେହି ଆଳୁ ପର୍ଯ୍ୟାପ୍ତ ପରିମାଣରେ ଆସୁନାହିଁ । ଶନିବାରଠାରୁ ଓଡ଼ିଶା ସରକାର ନାଫେଡ ମାଧ୍ୟମରେ ଆଳୁ ଆଣି କିଲୋ ପିଛା ୩୫ ଟଙ୍କାରେ ବିକୁଛନ୍ତି । ହେଲେ ଆଳୁକୁ ନେଇ ଗ୍ରାମାଞ୍ଚଳର ଅବସ୍ଥା ବର୍ତ୍ତମାନ ଦୟନୀୟ ହୋଇଛି ।

### ସ୍ୱାଧୀନତା...

ତାଙ୍କ ସରକାର କାମ କରୁଛି । ମିଶନ ଶକ୍ତି ମା ମାନଙ୍କୁ ଦୁବାଇ ବୁଲାଇନେଲେ ସେମାନଙ୍କ ବିକାଶ ହୋଇଯିବନି । ସେମାନଙ୍କ ଏକ୍ସପୋଜର ଭିଜିଟ ଉପରେ ଅଧିକ ଗୁରୁତ୍ୱ ଦିଆଯିବ । ସ୍କୁଟି ନେଇ ମିଶନ ଶକ୍ତିର ମହିଳାମାନେ ପସ୍ତାଉଛନ୍ତି । ଗତ ସରକାର ସେମାନଙ୍କ ଉପରେ ଋଣ ଭାର ବଢାଇ ଦେଇଛି ।

ବିଜେପି ମାଆ ମାନଙ୍କୁ କେବେବି ଭୋଟ ବ୍ୟାଙ୍କ ଭାବେ ବ୍ୟବହାର କରେନି । ବିଜେପି ସେମାନଙ୍କ ବିକାଶ ଉପରେ ଅଧିକ ଗୁରୁତ୍ୱ ଦେବ । ମିଶନ ଶକ୍ତି କେବେବି ବନ୍ଦ ହେବନି । ପର୍ଯ୍ୟଟନର ବିକାଶ ପାଇଁ ସରକାର ଅନେକ ପଦକ୍ଷେପ ନେଉଛନ୍ତି । ଗତ ଥର ଇକୋରିଟ୍ରେଟରେ ଅନେକ ବାବୁଙ୍କ ବିନା ପଇସାରେ ବିଳାସ ବ୍ୟସନ କଥା ସାମନାକୁ ଆସିଛି । ଏଥର ସେ ସବୁ ବନ୍ଦ ହେବ ବୋଲି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି ।

### ରାଜ୍ୟ ବାହାରେ ...

ସେମାନ ଭିଜିଲାନ୍ସ ନଜରରୁ ବର୍ତ୍ତିବା ପାଇଁ ପଡୋଶୀ ରାଜ୍ୟରେ ପ୍ଲଟ୍, ଫ୍ଲାଟ ଏବଂ ଅନ୍ୟାନ ସମ୍ପତ୍ତି କିଣୁଛନ୍ତି । ଯେଉଁଥିପାଇଁ ତଦନ୍ତକାରୀ ସଂସ୍ଥା ଜାଣିପାରୁ ନାହିଁ । ନିକଟରେ ବାଲେଶ୍ୱର ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ପ୍ରଭାସ ପ୍ରଧାନଙ୍କ ପଶ୍ଚିବଙ୍ଗରେ ୨୦ଟି ପ୍ଲଟ ଠାବ ହୋଇଥିଲା । ଏହି ପ୍ଲଟ ସମ୍ପର୍କରେ ତଦନ୍ତ କରାଯିବା ବେଳେ ଭିଜିଲାନ୍ସ ନଜରରୁ ବର୍ତ୍ତିବା ପାଇଁ ସେ ପଶ୍ଚିମବଙ୍ଗରେ କିଣିଥିବା ସ୍ୱୀକାର କରିଥିଲେ । ପୂର୍ବରୁ ଗିରଫ ହୋଇଥିବା ଲୋୟର ସୁକତେଲ ପ୍ରକଳ୍ପର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସୁନୀଲ ରାଉତ, ଅବକାରୀ ଯୁଗ୍ମ କମିଶନର ରାମଚନ୍ଦ୍ର ମିଶ୍ର, ବାଲେଶ୍ୱର ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ପ୍ରଭାସ ପ୍ରଧାନଙ୍କ ରାଜ୍ୟ ବାହାରେ କୋଟି କୋଟି ଟଙ୍କାର ସମ୍ପତ୍ତି ରହିଛି । ଲୋୟର ସୁକତେଲ ପ୍ରକଳ୍ପର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସୁନୀଲ ରାଉତଙ୍କ ୩୪ଟି ପ୍ଲଟ ଥିବା ବେଳେ ତାଙ୍କର ୧୪ କୋଟିରୁ ଊର୍ଦ୍ଧ୍ୱ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଭିଜିଲାନ୍ସ ଠାବ କରିଥିଲା ।

ସେହିପରି ଅନ୍ୟ ଜଣେ କୁବେର ଅବକାରୀ ଯୁଗ୍ମ କମିଶନର ରାମଚନ୍ଦ୍ର ମିଶ୍ରଙ୍କର ୫୨ ପ୍ଲଟ ଥିବା ବେଳେ ୧୩ କୋଟିରୁ ଅଧିକ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ରହିଛି । ସେହିପରି ବାଲେଶ୍ୱର ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ପ୍ରଭାସ ପ୍ରଧାନଙ୍କର ୧୦୨ ପ୍ଲଟ ରହିଥିବା ବେଳେ ତାଙ୍କର ୨୦କୋଟିର ସ୍ଥାବର ଅସ୍ଥାବର ସମ୍ପତ୍ତି ରହିଛି । ତେଣୁ ଭିଜିଲାନ୍ସ ଏବେ ରାଜ୍ୟ ବାହାରେ ସମ୍ପତ୍ତି କିଣୁଥିବା ସରକାରୀ ବାବୁଙ୍କ ଉପରେ ନଜର ରଖିଛି । ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଚାକିରି କରିଥିବା ସରକାରୀ ବାବୁମାନଙ୍କର ରାଜ୍ୟ ବାହାରେ ଥିବା ସମ୍ପତ୍ତିର ଖୋଳତାଡ଼ କରାଯାଉଛି । ଏନେଇ ଭିଜିଲାନ୍ସ ସବୁ ରାଜ୍ୟର ଆଇଜିଆର (ଇନ୍ସପେକ୍ଟର ଜେନେରାଲ ରେଜିଷ୍ଟ୍ରେସନ)ଙ୍କୁ ଚିଠି ଲେଖିବ । ଓଡ଼ିଶାରେ ଚାକିରି କରିଥିବା କେଉଁମାନେ ରାଜ୍ୟ ବାହାରେ ସମ୍ପତ୍ତି କିଣିଛନ୍ତି ତାହାର ତାଲିକା ଦେବାକୁ କୁହାଯିବ । ତାଲିକା ଆସିବା ପରେ ତଦନ୍ତ କରାଯାଇ ଚଢଉ କରାଯିବ ବୋଲି ଜଣାପଡ଼ିଛି ।

### ଦେଶର ପ୍ରଥମ ...

ଏବଂ ହାଇଡ୍ରୋଜେନ ଉତ୍ପାଦନ ପାଇଁ ୪ଟି ଗିଗା କାରଖାନା ସ୍ଥାପନ କରାଯିବ । ଆମେ କାରଖାନା ସ୍ଥାପନ କରିବାରେ ଉଲ୍ଲେଖନୀୟ ଅଗ୍ରଗତି କରିଛୁ, ଯାହା ଆମର ସମନ୍ୱିତ ସୌର ପିଭି ଉତ୍ପାଦନର ଏକ ଅଂଶ ହେବ ।

# ୭୮ତମ ସ୍ୱାଧୀନତା ଦିବସରେ କିଏ କେଉଁଠି ଜାତୀୟ ପତାକା ଉତ୍ତୋଳନ କରିବେ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସ୍ୱାଧୀନତା ଦିବସ ଆଉ ତିନି ଦିନ ଥିବା ବେଳେ କିଏ କେଉଁ ସ୍ଥାନରେ ପତାକା ଉତ୍ତୋଳନ କରିବେ ସେନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ସୂଚନା ପ୍ରଦାନ କରାଯାଇଛି । ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଚଳିତ ବର୍ଷର ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମ ମହାତ୍ମା ଗାନ୍ଧୀ ମାର୍ଗରେ ପାଳନ କରାଯିବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ଠାରେ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିବା ସହ ପତାକା ଉତୋଳନ କରିବେ । ଚଳିତ ବର୍ଷ ପରେଡରେ ସ୍କୁଲ-କଲେଜ ଓ ପୁଲିସ ବାହିନୀର କଂଟିଜେଂଟ ଅଂଶଗ୍ରହଣ କରିବେ । ମୁଖ୍ୟମନ୍ତ୍ରୀ ସକାଳ ୯ଟା ସମୟରେ ପତାକା ଉତ୍ତୋଳନ କରି ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବେ । ଏହାପରେ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିବେ । ସେହିପରି ଜିଲ୍ଲାସ୍ତରରେ ମନ୍ତ୍ରୀ ଓ ଜିଲ୍ଲାପାଳମାନେ ତ୍ରିରଙ୍ଗା ଉଡ଼ାଇବେ । ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା ଯଥାକ୍ରମେ ନୂଆପଡ଼ା ଓ କଟକରେ ତ୍ରିରଙ୍ଗା ଉଡ଼ାଇବେ । କଳାହାଣ୍ଡିରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ସୁନ୍ଦରଗଡ଼ରେ ପଂଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, କୋରାପୁଟରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନବରଂଗପୁରରେ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଗଂଜାମରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବରଗଡ଼ରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ଗଜପତିରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବାଲେଶ୍ୱରରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ବଲାଙ୍ଗୀରରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂହଖୁଂଟିଆ, ମାଲକାନଗିରିରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଖୋର୍ଦ୍ଧାରେ ହସ୍ତତନ୍ତ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, କନ୍ଧମାଳରେ ମତ୍ସ୍ୟ ଓ ପଶୁପାଳନ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ରାୟଗଡ଼ାରେ ଶିଳ୍ପମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ ତ୍ରିରଙ୍ଗା ଉଡ଼ାଇବେ । ସେହିପରି ସମ୍ବଲପୁର, କେନ୍ଦୁଝର, ଅନୁଗୁଳ, ଜଗତସିଂହପୁର, ଝାରସୁଗୁଡ଼ା, ମୟୂରଂଭଜ, ସୋନପୁର, ଢେଙ୍କାନାଳ, ବ୍ରହ୍ମପୁର, ଭଦ୍ରକ, ବୌଦ୍ଧ, ଦେବଗଡ଼, ଯାଜପୁର, କେନ୍ଦ୍ରାପଡ଼ା ଓ ନୟାଗଡ଼ରେ ସେଠାକାର ଜିଲ୍ଲାପାଳମାନେ ତ୍ରିରଙ୍ଗା ଉଡ଼ାଇବେ । ରାଉରକେଲାରେ ସୁନ୍ଦରଗଡ଼ ଜିଲ୍ଲାପାଳ ପତାକା ଉତ୍ତୋଳନ କରିବେ ।

ସମ୍ବାଦ କଳିକା The Sambad Kalika RNI Regd. No. : 52640/94 Postal Regd. No. : BN/60/22-24
ଭୁବନେଶ୍ୱର, ୧୨ ଅଗଷ୍ଟ ସୋମବାର, ୨୦୨୪ ଶେଷ ପୃଷ୍ଠା


DSPL-65

# ଡେଙ୍ଗୁ ପ୍ରତିରୋଧ ଓ ନିୟନ୍ତ୍ରଣ

## ସଚେତନତା ଅଭିଯାନ

୧ ଅଗଷ୍ଟ - ୩୦ ସେପ୍ଟେମ୍ବର ୨୦୨୪





- ବର୍ଷାଦିନେ ଡେଙ୍ଗୁ ରୋଗର ପ୍ରାଦୁର୍ଭାବ ଅଧିକ । ଡେଙ୍ଗୁ ରୋଗର ବାହକ ଏଡିସ୍ ମଶା ଘର ମଧ୍ୟରେ ବା ଘର ନିକଟରେ କୌଣସି ସ୍ଥାନରେ ଜମିଥିବା ପରିଷ୍କାର ତଥା ସ୍ୱଚ୍ଛ ପାଣିରେ ଡିମ୍ବ ଦିଏ ।
- ଏହି ମଶା ସକାଳ ଓ ସନ୍ଧ୍ୟା ସମୟ ଏବଂ ଦିନ ବେଳେ ମଧ୍ୟ କାମୁଡ଼ିଥାଏ ।
- ଡେଙ୍ଗୁ ପ୍ରତିରୋଧ ପାଇଁ ଘରେ ଥିବା ବିଭିନ୍ନ ପାତ୍ର ଏବଂ ଫୁଲକୁଣ୍ଡ ଆଦିରେ କିମ୍ବା ଘର ଚାରିପାଖରେ ଜମି ରହୁଥିବା ପାଣିକୁ ଅନ୍ତତଃ ୨/୩ ଦିନରେ ନିଷ୍କାସନ କରିଦିଅନ୍ତୁ ।
- ଦିନ ହେଉ ବା ରାତି, ଶୋଇବା ବେଳେ ମଶାରି ବ୍ୟବହାର କରନ୍ତୁ ।
- ଜ୍ୱର, ଗଣ୍ଠିବିନ୍ଧା, ଆଖିରେ ଯନ୍ତ୍ରଣା ହେଲେ ତୁରନ୍ତ ଡେଙ୍ଗୁ ପରୀକ୍ଷା କରି ଚିକିତ୍ସା କରନ୍ତୁ ।

**ସରକାରୀ ଡାକ୍ତରଖାନାରେ ଡେଙ୍ଗୁ ରୋଗୀଙ୍କ ପାଇଁ ପରୀକ୍ଷା ଓ ଚିକିତ୍ସା ବିନାଦେୟରେ ଉପଲବ୍ଧ ।**

OIPR-10003/13/0056/2425

facebook.com/HFWOdisha http://www.health.odisha.gov.in/ @HFWOdisha

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା


# ଆନ୍ତଃଜିଲ୍ଲା ଡକାୟତ ଗ୍ୟାଙ୍ଗର ୬ ସଦସ୍ୟ ଗିରଫ

ଭୁବନେଶ୍ୱର, ୧୧/୮
ନ୍ୟୁଜ ବ୍ୟୁରୋ

ଢେଙ୍କାନାଳ ଜିଲ୍ଲା ପୁଲିସକୁ ବଡ଼ ସଫଳତା ମିଳିଛି । ପୁଲିସ ୬ ଜଣିଆ କୁଖ୍ୟାତ ଆନ୍ତଃଜିଲ୍ଲା ଡକାୟତ ଗ୍ୟାଙ୍ଗକୁ ଗିରଫ କରିଛି । ଏମାନଙ୍କ ନିକଟରୁ ବହୁ ପରିମାଣର ଇଲୋକ୍ଟ୍ରୋନିକ୍ସ ସାମଗ୍ରୀ, ଲାପଟପ୍, ମୋବାଇଲ ଫୋନ, କମ୍ପ୍ୟୁଟର, ପ୍ରିଣ୍ଟର, ଚାରୋଟି ସ୍କୁଟି, ଗୋଟିଏ ମୋଟର ସାଇକେଲ, ସୁନା କାନଫୁଲ, ସୁନା ଚୁଡ଼ି, ୧୩ଟି ଏଲଇଡି ଟିଭି, ୩ଟି ଲାପଟପ୍, ଇନଭର୍ଟର ବ୍ୟାଟେରୀ, ଇନଭର୍ଟର ମେସିନ ସମେତ ବିପୁଳ ପରିମାଣର ମାର୍ବଲ ଟାଇଲ ଜବତ କରିଛି । ଏହାବ୍ୟତୀତ ଏହି ଗ୍ୟାଙ୍ଗ ନିକଟରୁ ବିଭିନ୍ନ ନାମୀଦାମୀ କମ୍ପାନିର ଟେବୁଲ ଫ୍ୟାନ, ଡିଜେ ସାଉଣ୍ଡ ବକ୍ସ, ଡିଜେ ଲାଇଟ ଓ ରେଲୱେ ଧାରଣାରେ ବ୍ୟବହୃତ ସାମଗ୍ରୀ ଜବତ ହୋଇଛି । ଦୀର୍ଘ ବର୍ଷ ହେବ ଏହି ୬ ଜଣିଆ ଗ୍ୟାଙ୍ଗ ଢେଙ୍କାନାଳ ଓ ଅନୁଗୁଳ ଜିଲ୍ଲାରେ ଆତଙ୍କ ଖେଳାଉଥିଲେ । ଏହି ଗ୍ୟାଙ୍ଗ ନାଁରେ ବିଭିନ୍ନ ଥାନାରେ ୬୪ଟି ଅପରାଧିକ ମାମଲା ରୁଜୁ ହୋଇଥିବା ବେଳେ ଏମାନଙ୍କୁ ଗିରଫ କରିବା ପାଇଁ ପୁଲିସ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ଥିଲା । କାମାକ୍ଷାନଗର ଏସ୍‌ଡିପିଓ ସ୍ନେହାଶିଷ ସାହୁଙ୍କ ନେତୃତ୍ୱରେ ପରଜଙ୍ଗ, କାମାକ୍ଷାନଗର, ତୁମୁସିଙ୍ଗା ଓ କଙ୍କଡାହାଡ଼ ଥାନା ଅଧିକାରୀଙ୍କ ଏକ ମିଳିତ ଟିମ୍ ବିଭିନ୍ନ ସ୍ଥାନ ଉପରେ ଚଢ଼ଉ କରି ଗ୍ୟାଙ୍ଗର ୬ ଜଣ ସଦସ୍ୟଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛନ୍ତି । ଏହି ଗ୍ୟାଙ୍ଗ ବିଶେଷ କରି ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟ, ସ୍କୁଲ, ଓ ଘର ଗୁଡ଼ିକ ଉପରେ ନଜର ରଖି ଡକାୟତି କରୁଥିବା ସୂଚନା ଦେଇଛନ୍ତି ଢେଙ୍କାନାଳ ଏସପି ସନ୍ଦୀପ ସମ୍ପଦ ମଡକର ।


## ଅନ୍ତର୍ଜାତୀୟ ଯୁବ ଦିବସ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା



"ଅନ୍ତର୍ଜାତୀୟ ଯୁବ ଦିବସ" ଅବସରରେ ସମସ୍ତଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା । ଯୁବବର୍ଗଙ୍କୁ ସୁସ୍ଥ, ସୁରକ୍ଷିତ ଏବଂ ସ୍ଥାୟୀ ଭବିଷ୍ୟତ ଗଠନ ପାଇଁ ସଚେତନ କରିବା ଏହି ଦିବସର ମୂଳ ଆଭିମୁଖ୍ୟ । ସଚେତନତା ଅଭାବରୁ ଯୁବବର୍ଗଙ୍କ ଭବିଷ୍ୟତ ଅସୁରକ୍ଷିତ ହୋଇଯାଇଥାଏ । ସୁସ୍ଥ ଜୀବନଯାପନ ବିଷୟରେ ସଚେତନ ନ ହେଲେ ସେମାନେ ଏଚ୍.ଆଇ.ଭି. (HIV) ଭୂତାଣୁ ଦ୍ୱାରା କବଳିତ ହୋଇ ଏଡ୍‌ସ (AIDS) ଭଳି ଏକ ମାରାତ୍ମକ ସଂକ୍ରମଣର ଶିକାର ହୋଇପାରନ୍ତି । ଏଚ୍.ଆଇ.ଭି./ଏଡ୍‌ସ ଏବଂ ଏଥିସହ ଅନ୍ୟ ସହ-ସଂକ୍ରମଣ ଉପରେ ସଚେତନତା ଓ ନିୟନ୍ତ୍ରଣ ପାଇଁ କେନ୍ଦ୍ର ସରକାରଙ୍କ ପ୍ରାୟୋଜିତ ସଚେତନତା ଅଭିଯାନରେ ଓଡ଼ିଶା ସାମିଲ ହୋଇଛି । ଏହି କ୍ରମରେ ଆଜିଠୁ ଆମ ରାଜ୍ୟରେ ଏକ ସ୍ୱତନ୍ତ୍ର ଅଭିଯାନର ଶୁଭାରମ୍ଭ ହୋଇଛି ।

ଏଥିପାଇଁ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଠୁଁ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ପର୍ଯ୍ୟନ୍ତ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ସଚେତନତା ଶିବିର ଏବଂ ଲୋକନୃତ୍ୟ ଆଦି କାର୍ଯ୍ୟକ୍ରମ କରାଯାଉଛି । ଏ କ୍ଷେତ୍ରରେ ସର୍ବାଧିକ ପ୍ରଭାବିତ ହେବାର ସମ୍ଭାବନା ଥିବା ଯୁବବର୍ଗଙ୍କୁ ଶିକ୍ଷାନୁଷ୍ଠାନମାନଙ୍କରେ ସେମାନଙ୍କ ଅନ୍ତର୍ନିହିତ ପ୍ରତିଭାକୁ ନେଇ ବିଭିନ୍ନ ପ୍ରତିଯୋଗିତା ଯଥା-ନାଟକ, ଦୌଡ଼କୁଦ, କୁଇଜ୍ ଓ କ୍ରିକେଟ ଆଦି ଜରିଆରେ ସଚେତନ କରାଯାଉଛି ।

ସମ୍ପ୍ରତି ଏଚ୍.ଆଇ.ଭି. ବିଷୟରେ ଅଧିକ ଜାଣିବା ପାଇଁ ନିଃଶୁଳ୍କ ଫୋନ୍ ନମ୍ବର **୧୦୯୭** ସହ ସାମାଜିକ ଗଣମାଧ୍ୟମ ଏବଂ ଡିଜିଟାଲ୍ ଉପକରଣର ବହୁଳ ବ୍ୟବହାରକୁ ପ୍ରାଧାନ୍ୟ ଦିଆଯାଉଛି । ଡିଜିଟାଲ୍ ମାଧ୍ୟମକୁ ବ୍ୟବହାର କରି ଆମ ଯୁବବର୍ଗ ନିରନ୍ତର ବିକାଶ ଲକ୍ଷ୍ୟ ପୂରଣ କରିବା ସହିତ ଆମ ଦେଶ ତଥା ରାଜ୍ୟ ପାଇଁ ଏକ ସୁସ୍ଥ ଏବଂ ସୂଚନାପୂର୍ଣ୍ଣ ଭବିଷ୍ୟତ ସୃଷ୍ଟି କରିବାରେ ନିଶ୍ଚୟ ସହଯୋଗ କରିବେ ବୋଲି ମୋର ଦୃଢ଼ ବିଶ୍ୱାସ ।

(ମୋହନ ଚରଣ ମାଝୀ)

## ଡା. ମୁକେଶ ମହାଲିଙ୍ଗ

ମାନ୍ୟବର ମନ୍ତ୍ରୀ
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା



### ବାର୍ତ୍ତା

ଆଜି 'ଅନ୍ତର୍ଜାତୀୟ ଯୁବ ଦିବସ'ରେ ସମସ୍ତ ଯୁବବର୍ଗଙ୍କୁ ମୋର ଶୁଭେଚ୍ଛା । ରାଜ୍ୟ ତଥା ଦେଶର ଭବିଷ୍ୟତ ଯୁବବର୍ଗଙ୍କ ସୁସ୍ଥ, ସୁରକ୍ଷିତ ଓ ନିରାମୟ ଜୀବନ କାମନା କରୁଛି ।

ସଚେତନ ହେଲେ ଆମେ ଯେକୌଣସି କ୍ଷେତ୍ରରେ ନିଶ୍ଚୟ ବିଜୟୀ ହେବା । ଏଚ.ଆଇ.ଭି. ଭୂତାଣୁ ଦ୍ୱାରା ବ୍ୟାପୁଥିବା ଏଡ୍‌ସ ସଂକ୍ରମଣ ଏବେ ଯୁବବର୍ଗଙ୍କୁ କବଳିତ କରିବା ଆରମ୍ଭ କଲାଣି । ଏହି ସଂକ୍ରମଣକୁ ଆମର ରାଜ୍ୟରୁ ଦୂରେଇ ଦେବାର ପ୍ରଚେଷ୍ଟା ଜାରି ରହିଛି । ଏହା ବିରୁଦ୍ଧରେ ଆମର ଲଢେଇ ଆଜି ବହୁମାତ୍ରାରେ ଫଳପ୍ରଦ ହୋଇଥିବା ବେଳେ ସଂକ୍ରମଣମୁକ୍ତ ହେବାର ବିପୁଳ ସମ୍ଭାବନା ଆଡ଼କୁ ଆମେ ଅଗ୍ରସର ହେବା ଆରମ୍ଭ କରିସାରିଛେ । ତଥାପି ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ସଂଘର୍ଷ ଜାରି ରହିଛି ।

ଏହି ସଂକ୍ରମଣକୁ ସମ୍ପୂର୍ଣ୍ଣ ପ୍ରତିହତ କରିବା ପାଇଁ କୌଣସି ଔଷଧ ବାହାରି ନ ଥିବାରୁ ସଚେତନତାକୁ ଆହୁରି ତୀବ୍ରତର କରିବାକୁ ଆଜିଠୁ ରାଜ୍ୟରେ ଶୁଭାରମ୍ଭ ହେଉଛି ଏକ ସ୍ୱତନ୍ତ୍ର ଦୁଇ ମାସିଆ ସଚେତନତା ଅଭିଯାନ ।

ତେଣୁ, ଆମେ ସଂକଳ୍ପ ନେବା, ସଚେତନତାର ବାର୍ତ୍ତାବହ ହୋଇ ଏଡ୍‌ସ ମୁକ୍ତ ରାଜ୍ୟ ଗଠନ ଏବଂ ଏଡ୍‌ସ ମୁକ୍ତ ପିଢିର ସ୍ୱପ୍ନକୁ ସାକାର କରିବା ।

(ଡା. ମୁକେଶ ମହାଲିଙ୍ଗ)



DADLS-18



ଓଡ଼ିଶାରେ ୧୫,୦୦୪ କୋଟି ଟଙ୍କାର
## ୬ ଟି ନୂଆ ରେଳ ପ୍ରକଳ୍ପ ପାଇଁ
# ମାନନୀୟ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ

## ଓଡ଼ିଶାବାସୀ କୃତଜ୍ଞ

ପରିବହନ, ଶିଳ୍ପ, ବାଣିଜ୍ୟ ଓ ପର୍ଯ୍ୟଟନକୁ ମିଳିବ ବଳ





### ନୂତନ ରେଳ ପ୍ରକଳ୍ପ

1. ଗୁଣୁପୁର-ଥେରୁବାଲି (୭୩.୬୨ କି.ମି.)
2. ଜୁନାଗଡ଼-ନବରଙ୍ଗପୁର (୧୧୬.୨୧ କି.ମି.)
3. ବାଦାମପାହାଡ଼-କେନ୍ଦୁଝରଗଡ଼ (୮୨.୦୬ କି.ମି.)
4. ବାଙ୍ଗିରିପୋଷି-ଗୋରୁମହିଷାଣୀ (୮୫.୬୦ କି.ମି.)
5. ମାଲକାନଗିରି-ଭଦ୍ରାଚଳମ୍-ପାଣ୍ଡୁରଙ୍ଗାପୁରମ୍ (୧୭୩.୬୧ କି.ମି.)
6. ବୁଢ଼ାମରା-ଚାକୁଲିଆ (୫୯.୯୬ କି.ମି.)

**ରାୟଗଡ଼ା, କଳାହାଣ୍ଡି, ନବରଙ୍ଗପୁର, କେନ୍ଦୁଝର, ମୟୂରଭଞ୍ଜ, ମାଲକାନଗିରି ଜିଲ୍ଲାର ଦୁର୍ଗମ ଅଞ୍ଚଳ ରେଳପଥ ଦ୍ୱାରା ସଂଯୁକ୍ତ ହେବ ।**

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

iprodisha IPR_Odisha iprodisha

OIPR-15001/13/0057/2425